

ପ୍ରିୟାଂଶଙ୍କ ସଫଳତାର କାହାଣୀ

ପୃଷ୍ଠା ୬

Website: sanchar.live    mail Id: sanchardisha@gmail.com

RNI NO :ODIODI/2001/04811  Postal Regd No : BN/249/15-17

# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 18 | ଭାଗ ୩୪ | ସଂଖ୍ୟା ୧୮ | Bhubaneswar | Thursday 10 April 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୧୦ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଟାରିଫ ଟେନସନ ମଧ୍ୟରେ ବଡ଼ ଆଶ୍ୱସ୍ତି ଆଣିଲା ଆର୍‌ବିଆଇ

# କମିଲା ରେପୋ ରେଟ୍, ମୁଦ୍ରାସ୍ଫୀତି ୪ ପ୍ରତିଶତ ଆକଳନ

**ନୂଆଦିଲ୍ଲୀ,୯।୪:** ସମଗ୍ର ବିଶ୍ୱର ଟାରିଫ ଟେନସନ ଜାରି ରହିଥିବା ବେଳେ ବଡ଼ ଆଶ୍ୱସ୍ତି ଆଣିଦେଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ) । ଆଜି ବ୍ୟାଙ୍କ୍ ତା'ର ସଦ୍ୟ ଏମ୍‌ପିସି ନିଷ୍ପତ୍ତି ଘୋଷଣା ଅବସରରେ ରେପୋ ରେଟ୍ ହ୍ରାସ କରିଛି। ରେପୋ

### ୬ ପ୍ରତିଶତ ରହିବ ଜିଡିପି

ରେଟ୍ ୦.୨୫ ବେସିସ୍ ପଏଣ୍ଟ ହ୍ରାସ ପାଇବା ଫଳରେ ଇଏମଆଇ ଭରୁଥିବା ଗ୍ରାହକମାନଙ୍କୁ ଆଶ୍ୱସ୍ତି ମିଳିବ। ଏଥିସହ ଗୃହ ଓ ଗାଡ଼ି ଋଣ ଉପରେ ମଧ୍ୟ ଇଏମଆଇ କମିବ। ନୂଆ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରା ନୀତି ସମୀକ୍ଷା ବୈଠକ ପରେ ସୁଧହାର ଆଜି ପୂର୍ବାହ୍ନରେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଘୋଷଣା କରିଛନ୍ତି। .୨୫ ବେସିସ୍ ପଏଣ୍ଟ ହ୍ରାସ ପାଇବା ପରେ ରେପୋ ରେଟ୍ ୬ ପ୍ରତିଶତକୁ କମିଛି। ଏଥିସହ କ୍ରମାଗତ ଦ୍ୱିତୀୟ ଥର ପାଇଁ ଆର୍‌ବିଆଇ ରେପୋ ରେଟ୍ ହ୍ରାସ କରିଛି। ପୂର୍ବରୁ ଗତ ଫେବୃଆରୀରେ ଆର୍‌ବିଆଇ ମଧ୍ୟ ରେପୋ ରେଟ୍‌ରେ .୨୫ ବେସିସ୍ ପଏଣ୍ଟ ହ୍ରାସ କରିଥିଲା। ସେହିପରି

ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫିତି ୨୦୨୫-୨୬ ଆର୍ଥିକ ବର୍ଷରେ ୪.୦ ପ୍ରତିଶତରେ



ରହିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବାନୁମାନ କରିଛି। ଏହି ଆର୍ଥିକ ବର୍ଷର ୪ଟି ତ୍ରୈମାସରେ ମୁଦ୍ରାସ୍ଫିତି ହାର ଯଥାକ୍ରମେ ୩.୬%, ୩.୯%, ୩.୮% ଏବଂ ୪.୪% ରହିପାରେ। ଗତ ଜାନୁଆରୀ ଓ ଫେବୃଆରୀରେ ଖାଦ୍ୟ ମୂଲ୍ୟ ହ୍ରାସ ପାଇବା କାରଣରୁ ଶୀର୍ଷକ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ରବି ଫସଲକୁ ନେଇ ରହିଥିବା ଅନିଶ୍ଚିତତାର ସମାଧାନ ପରେ ଗହମ ଅମଳ ଓ ଡାଲି ଉତ୍ପାଦନ ଅଧିକ ରହିବା କାରଣରୁ ଖାଦ୍ୟ ମୁଦ୍ରାସ୍ଫୀତି ଆହୁରି ହ୍ରାସ ପାଇବ। ସେହିପରି ଖରିଫ୍ ଫସଲ ମଧ୍ୟ ଭଲ ହେବାର ସମ୍ଭାବନା ଥିବାରୁ ଦରଦାମ ଉଲ୍ଲେଖନୀୟ ଭାବେ କମିବା ନେଇ ରିଜର୍ଭ ବ୍ୟାଙ୍କ ଆକଳନ କରିଛି।

ସଫ୍ଟୱେୟାର, ବ୍ୟବସାୟ ଓ ପରିବହନ ସେବା କ୍ଷେତ୍ରରେ ଅଭିବୃଦ୍ଧି ସହ ଗତ ଜାନୁଆରୀ-ଫେବୃଆରୀରେ ସେବା ରପ୍ତାନୀରେ ଦୃଢ଼ ଅଭିବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ଚଳନ୍ତି ଖାତା ନିଅଣ୍ଟ ମଧ୍ୟ ନିୟନ୍ତ୍ରଣରେ ରହିବା ନେଇ ରିଜର୍ଭ ବ୍ୟାଙ୍କ କହିଛି। ସ୍ଥିର ମିଶ୍ରିତ ଆର୍ଥିକ ଆଧାର କାରଣରୁ ମୋଟ୍ ବିଦେଶୀ ପୁଞ୍ଜିନିବେଶ ଦୃଢ଼ ରହିଛି। ୨୦୨୪-୨୫ରେ ବିଦେଶୀ ପୋର୍ଟଫୋଲିଓ ନିବେଶ ୧.୭ ବିଲିୟନ ଡଲାର ଛୁଇଁଛି। ୨୦୨୫ ଏପ୍ରିଲ ୪ ସୁଦ୍ଧା ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୬୭୬.୩ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଗତ ଜାନୁଆରୀ ୨୦୨୫ରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପାଣ୍ଠିର ଅଭାବର ସମ୍ମୁଖୀନ ହୋଇଥିଲା, ଯାହାକୁ ନଗଦ ନିଅଣ୍ଟ ବୋଲି କୁହାଯାଏ। ଏହାର ସମାଧାନ ପାଇଁ, ଆର୍‌ବିଆଇ ଗତ ଜାନୁଆରୀ ୨୩ ତାରିଖରେ ଲିକ୍ୱିଡିଟି ଆଡଜଷ୍ଟମେଣ୍ଟ ଫ୍ୟାସିଲିଟି (ଏଲଏଏଫ) ମାଧମରେ ୩.୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲା। ଏହା ବ୍ୟାଙ୍କଗୁଡ଼ିକୁ ନଗଦ ପ୍ରବାହରେ ଅସ୍ଥାୟୀ ଅସଙ୍ଗତିକୁ ପରିଚାଳନା କରିବା ପାଇଁ ସ୍ୱଳ୍ପ ଅବଧି ପାଇଁ ଆରବିଆଇରୁ ଟଙ୍କା ଋଣ ନେବାକୁ ଅନୁମତି ଦେଇଥାଏ। ରିଜର୍ଭ ବ୍ୟାଙ୍କ ମାର୍ଚ୍ଚ ଶେଷ ଭାଗରେ ୬.୯ ଲକ୍ଷ କୋଟି ଟଙ୍କା ନିବେଶ କରିଥିଲା ଯାହାକି ସରକାରୀ ଖର୍ଚ୍ଚକୁ ବୃଦ୍ଧି କରିଥିଲା। ଏହି ପଦକ୍ଷେପ ସ୍ଥିତିରେ ସୁଧାର ଆଣିଥିଲା ଓ ଗତ ୭ ତାରିଖ ସୁଦ୍ଧା ବଳକା ନଗଦ ୧.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି। ଆରବିଆଇ ଏମପିସି ବୈଠକରେ ରେପୋ ରେଟ୍ ହ୍ରାସ ଉପରେ ନିଆଯାଇଥିବା ନିଷ୍ପତ୍ତି ନେଇ ସୂଚନା ଦେଇଛନ୍ତି ଗଭର୍ଣ୍ଣର ମାଲହୋତ୍ରା। ସେ କହିଛନ୍ତି ଯେ ନୂତନ ଆର୍ଥିକ ବର୍ଷ ୨୦୨୫-୨୬ ଏକାଧିକ ଚ୍ୟାଲେଞ୍ଜ ସହ ଆରମ୍ଭ ହୋଇଛି। କିନ୍ତୁ ଗତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମାନ୍ଦାବସ୍ଥା ପରେ ଭାରତର ଅର୍ଥବ୍ୟବସ୍ଥା ଲଗାତାର ଉପୁରମୁହାଁ ହେଉଛି। ତେବେ ଆମେରିକା ପକ୍ଷରୁ ଲାଗୁ ହୋଇଥିବା ଉଚ୍ଚ ଟାରିଫ ବିଭିନ୍ନ ରପ୍ତାନି ବ୍ୟବସାୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଶ୍ରୀ ➪ପୃଷ୍ଠା-୬




### ମୋହନଙ୍କୁ ଶାହଙ୍କ ପରାମର୍ଶ

# ୩ ନୂଆ ଅପରାଧିକ ଆଇନ କାର୍ଯ୍ୟକାରୀ କର

### ଆଇନଶୃଙ୍ଖଳା ସୁଦୃଢ଼ରେ ରହିବ ଗୁରୁତ୍ୱପୂର୍ଣ୍ଣ ଭୂମିକା

### ନିୟମିତ ସମୀକ୍ଷା ଜରୁରୀ

**ନୂଆଦିଲ୍ଲୀ,୯।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ଗସ୍ତର ଅନ୍ତିମ ଦିନରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ହୋଇଥିବା ବୈଠକରେ ରାଜ୍ୟରେ ତିନିଟି ନୂଆ ଅପରାଧିକ ଆଇନ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବା ସକାଶେ ଶ୍ରୀ ଶାହ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସରକାର ଆଗାମୀ ୬ ମାସ ମଧ୍ୟରେ ପ୍ରଶାସନର ସମସ୍ତ ସ୍ତରରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ପ୍ରାଥମିକତା ଦେବା ଉଚିତ। ଓଡ଼ିଶାର ବିକାଶ ପାଇଁ ଆଗାମୀ ଦଶନ୍ଧି ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତରେ ରାଜ୍ୟର ଶିଳ୍ପ ଓ ବୈଷୟିକ ବିକାଶକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ସୁଦୃଢ଼ କରିବାରେ ନୂତନ ଅପରାଧିକ ଆଇନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହ ଏହି ଆଇନ୍‌ର କାର୍ଯ୍ୟକାରିତା ନେଇ ନିୟମିତ ବ୍ୟବଧାନରେ ସମୀକ୍ଷାର ମଧ୍ୟ ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ଗୃହ ସଚିବ ସ୍ତରରେ ସପ୍ତାହକୁ ଥରେ ଏବଂ ମୁଖ୍ୟ ସଚିବ ଓ ପୁଲିସ ମହାନିର୍ଦ୍ଦେଶକ ସ୍ତରରେ ପ୍ରତି ୧୫ ଦିନ ଏବଂ ମୁଖ୍ୟମନ୍ତ୍ରୀ ମାସକୁ ଥରେ ଏହି ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତାର ସମୀକ୍ଷା କରିବା ଆବଶ୍ୟକ। ରାଜ୍ୟରେ ଏହି ଆଇନଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏକ ସମୟ ସୀମା ସ୍ଥିର କରି ଏହାକୁ ଅଧିକ ଫଳପ୍ରସୂ କରିବା ସକାଶେ ଶ୍ରୀ ଶାହ ➪ପୃଷ୍ଠା-୬

# ପାଣ୍ଡିଆନଙ୍କୁ ନବୀନଙ୍କ କ୍ଲିନ୍‌ଚିଟ୍

### ହୋଟେଲରେ ବୈଠକ ନକରିବାକୁ ତାଗିଦ

### ପ୍ରଭାତ ତ୍ରିପାଠୀଙ୍କୁ ନେଇ ନୂଆ ଦ୍ୱନ୍ଦ୍ୱ




**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ବିଜେଡି କନ୍ଦଳ ତୀବ୍ର ହେବା ପରେ ଶେଷରେ ସୁପ୍ରିମୋ ନବୀନ ପଟ୍ଟନାୟକ ସାମ୍ନାକୁ ଆସିଛନ୍ତି। ତେବେ ସ୍ଥାନୀୟ ଗଣମାଧ୍ୟମକୁ ନକହି କେବଳ ଦୁଇଟି ଜାତୀୟ ଏଜେନ୍ସିକୁ ଡାକି ସ୍ପଷ୍ଟୀକରଣ ଦେଇଦେଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ଭି.କେ. ପାଣ୍ଡିଆନଙ୍କୁ ନେଇ ବିବାଦ ଆରମ୍ଭ ହୋଇଥିଲା, ତାଙ୍କର ସେଇ ରାଜନୈତିକ ଶିଷ୍ୟଙ୍କୁ ପୁଣି ଥରେ ସୁରକ୍ଷା ଦେଇଛନ୍ତି ନବୀନ। ସେ କହିଛନ୍ତି ଯେ, କାର୍ତ୍ତିକେୟ ପାଣ୍ଡିଆନ ଅତୀତରେ ରାଜ୍ୟ ଓ ଦଳ ପାଇଁ ବହୁତ ଭଲ କାମ କରିଛନ୍ତି। ସେ ଗତ ଦଶ ମାସରୁ ଅଧିକ ସମୟ ହେଲାଣି ଦଳ ଛାଡିଲେଣି ଏବଂ ସେ ଦଳର କୌଣସି କାମରେ ସମ୍ପୃକ୍ତ ନାହାନ୍ତି। ତେଣୁ ଦଳର କୌଣସି ନିଷ୍ପତ୍ତି ପାଇଁ ତାଙ୍କୁ ଦାୟୀ କରାଯିବା ଉଚିତ ନୁହେଁ। ପୂର୍ବରୁ ମଧ୍ୟ ନିର୍ବାଚନରେ ବିଜେଡିର ପରାଜୟ ପାଇଁ ସବୁ ମହଲରୁ ପାଣ୍ଡିଆନଙ୍କୁ ଦାୟୀ କରାଯାଉଥିବା ବେଳେ ନବୀନ ପଟ୍ଟନାୟକ ଟ୍ୱିଟ କରି ତାଙ୍କୁ ସୁରକ୍ଷା ଦେଇଥିଲେ। ଯେଉଁ ନବୀନ ଦଳର ସୁରକ୍ଷା ପାଇଁ କାହାକୁ ବରଦାସ୍ତ କରନ୍ତି ନାହିଁ, ସେ କେମିତି ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ସେହିଭଳି ପ୍ରଭାତ ତ୍ରିପାଠୀଙ୍କ ➪ପୃଷ୍ଠା-୬

# ମନୋଜ ପରିଡ଼ା ନୂଆ ସିଆଇସି



**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ମନୋଜ ପରିଡ଼ା ରାଜ୍ୟର ନୂଆ ମୁଖ୍ୟ ସୂଚନା କମିଶନର (ସିଆଇସି) ଭାବେ ନିଯୁକ୍ତି ପାଇଛନ୍ତି। ସେ ଏହା ପୂର୍ବରୁ ୨୦୨୨ରୁ ଭୁବନେଶ୍ୱରରେ ଇନସ୍ୟୁରାନ୍ସ ଲୋକପାଳ ଭାବେ ୩ ବର୍ଷ ଧରି କାର୍ଯ୍ୟ କରିସାରିଛନ୍ତି।

### ପ୍ରାଣବିନ୍ଦୁ ଆଚାର୍ଯ୍ୟ, କଳ୍ପନା ପଟ୍ଟନାୟକ ଓ ପବିତ୍ର ମଣ୍ଡଳ ସଦସ୍ୟ

ପୂର୍ବରୁ ଶ୍ରୀ ପରିଡ଼ା ପୁଡୁଚେରୀର ମୁଖ୍ୟ ଶାସନ ସଚିବ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଜେକେ ତ୍ରିପାଠୀଙ୍କ ସ୍ଥାନରେ ଶ୍ରୀ ପରିଡ଼ାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଅବସରପ୍ରାପ୍ତ ଆଇପିଏସ୍ ପ୍ରାଣବିନ୍ଦୁ ଆଚାର୍ଯ୍ୟ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ବ୍ୟତୀତ ହାଇକୋର୍ଟର ବରିଷ୍ଠ ଆଇନଜୀବୀ କଳ୍ପନା ପଟ୍ଟନାୟକ ଓ ଅବସରପ୍ରାପ୍ତ ➪ପୃଷ୍ଠା-୬

### ଖୋଲୁଛି କଳାହୀରା ଚୋରିର କଳା କାରନାମା

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପବାଚସ୍ପତି



### 'ଖଣି ଚୋରିରେ ଅଛନ୍ତି ପ୍ରଶାସନିକ ବଡ଼ପଣ୍ଡା'

### ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ କୋଇଲା କେଲେଙ୍କାରୀ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାନସଭା ଉପବାଚସ୍ପତି ଭବାନୀ ଭୋଇ । ସୁନ୍ଦରଗଡର ହେମଗିରିରେ କୋଇଲା ଓ ବଣାଇରେ ଆଇରନ, ମାଙ୍ଗାନିଜ ଖୁଲମଖୁଲା ଚୋରି ହେଉଛି। ସବୁଠୁ ବଡ କଥା ହେଲେ ଏଥରେ ଜିଲ୍ଲା ପ୍ରଶାସନର ବଡ଼ ବଡ଼ ଅଧିକାରୀ, ଜଙ୍ଗଲ ବିଭାଗର ଅଧିକାରୀ, ଖଣି ବିଭାଗର ଅଧିକାରୀ ସିଧାସଳଖ ସମ୍ପୃକ୍ତ ଥିବା ସେ ଦର୍ଶାଇଛନ୍ତି । ଅତିଶୀଘ୍ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିବା ସହ ମାଫିଆ ଓ ତାଙ୍କୁ ସହଯୋଗ କରୁଥିବା କର୍ମଚାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଅବୈଧ ଖଣିକୁ ବନ୍ଦ କରିବା ପାଇଁ ଟାସ୍କ ଫୋର୍ସ ଗଠନ ପାଇଁ ଦାବି କରିଛନ୍ତି। ଏହା ସହ ରାଜ୍ୟର ସମସ୍ତ ବୋର୍ଡର ଅଞ୍ଚଳରେ ଜୋରଦାର ➪ପୃଷ୍ଠା-୬

### ଚାଷୀଙ୍କ ପାଇଁ ଖୁସି ଖବର

# ଏଥର ସ୍ୱାଭାବିକ ରହିବ ମୌସୁମୀ ବର୍ଷା



**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ଚାଷୀଙ୍କ ପାଇଁ ଆସିଛି ଖୁସି ଖବର। ରାଜ୍ୟର ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରୁଥିବା ବେଳେ ଏଥର ସେମାନଙ୍କ ଫସଲ ସକାଶେ ଯଥେଷ୍ଟ ପାଣି ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ଅର୍ଥାତ୍ ଏଥର ସ୍ୱାଭାବିକ ରହିବ ମୌସୁମୀ। ସମୁଦ୍ର ଓ ବାୟୁମଣ୍ଡଳର ସ୍ଥିତିରୁ ବିଶ୍ୱର ପ୍ରମୁଖ ପାଣିପାଗ ସଂସ୍ଥାଗୁଡ଼ିକ ସଂଗ୍ରହ କରିଥିବା ତଥ୍ୟକୁ ଆଧାର କରି ଏପରି କିଛି ପୂର୍ବାନୁମାନ କରାଯାଇଛି। ତେଣୁ ଚାଷୀମାନେ ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି । ବିଭିନ୍ନ ମଡେଲ୍‌କୁ ଅନୁଧ୍ୟାନ କରି ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏଥର ମୌସୁମୀ ପର୍ଯ୍ୟନ୍ତ ଏଲ୍-ନିନୋ ଆସିବ ନାହିଁ । ତେଣୁ ଜୁନ୍ ମାସରେ ସ୍ୱାଭାବିକ ବର୍ଷା ହେବ। ସାଧାରଣତଃ ଏଲ୍-ନିନୋ ସମୟରେ ମୌସୁମୀ ବର୍ଷା ପରିମାଣ ଯଥେଷ୍ଟ ମାତ୍ରାରେ କମିଥାଏ। ମୌସୁମୀକୁ ପ୍ରଭାବିତ କରୁଥିବା ଦ୍ୱିତୀୟ ➪ପୃଷ୍ଠା-୬

### ରାଉରକେଲା ପୁଲିସ୍‌କୁ ବଡ଼ ସଫଳତା

# ୯ ଅନ୍ତର୍ଜାତୀୟ ସାଇବର ଠକ ଗିରଫ



### ବ୍ୟାପକ ନକଲି ଆଧାର ଓ ଏଟିଏମ୍ କାର୍ଡ ଜବତ

### ୨୩ ଆକାଉଣ୍ଟରୁ ୧.୪୧ କୋଟି ଜବତ

### ୧୭୬ ଆକାଉଣ୍ଟର ଯାଞ୍ଚ ଜାରି

**ରାଉରକେଲା,୯।୪(ସଂଚାର ବ୍ୟୁରୋ):** ରାଉରକେଲା ପୁଲିସ ଅନ୍ତର୍ଜାତୀୟ ସାଇବର ଲୁଟେରା ଗ୍ୟାଙ୍ଗ୍‌କୁ ଗିରଫ କରିବାରେ ସକ୍ଷମ ହୋଇଛି। 'ଟ୍ରେଡ ନାଓ' ଜାଲ୍ ଆପ ମାଧ୍ୟମରେ କୋଟି କୋଟି ଟଙ୍କା ଠକେଇ କରିବା ଅଭିଯୋଗରେ ଗ୍ୟାଙ୍ଗର ୯ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଏଥିସହ ପୁଲିସ୍ ସେମାନଙ୍କଠାରୁ ବିପୁଳ ପରିମାଣର ନକଲି ଆଧାରକାର୍ଡ ଓ ଏଟିଏମ କାର୍ଡ ଜବତ କରିଛି। ଭାରତ ସହ ଅନ୍ୟାନ୍ୟ ଦେଶରେ ଅନ୍ତର୍ଜାତୀୟ ସ୍ତରରେ ଏମାନେ ସାଇବର୍ ଠକେଇ କରୁଥିଲେ। ଏହି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ରାଉରକେଲା ପୁଲିସ୍ ସେମାନଙ୍କ ଦ୍ୱାରା ପରିଚାଳିତ ୨୩ଟି ଆକାଉଣ୍ଟରୁ ୧ କୋଟି ୪୧ ଲକ୍ଷ ଜବତ କରିଛି। ଏହାଛଡ଼ା ଆହୁରି ୧୭୬ଟି ଆକାଉଣ୍ଟର ଯାଞ୍ଚ ଚାଲିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଛତିଶଗଡ଼ ରାୟପୁରର କିଶନ୍ ଅଗ୍ରୱାଲ୍ (୨୫), ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗର ଅର୍ଜୁନ ସିଂ (୨୫), ଛତିଶଗଡ଼ ଯଶପୁରର ଗିରିଧାରୀ ସିଂହ (୨୫), ଛତିଶଗଡ଼ କୋର୍‌ବାର ଅଜୟ କୁମାର (୨୫), ଛତିଶଗଡ଼ ବଲୋଦା ବଜାରର ସନ୍ଦୀପ କୁମାର ସୋନି (୨୮), ଛତିଶଗଡ଼ ଜଜଗିରି/ଚମ୍ପାର ସୌମେନ୍ଦ୍ର ସିଂ ରାଜପୁତ (୨୭) ଓ ଦୀନେଶ କୁମାର ସାହୁ (୨୫) ଓ ଛତିଶଗଡ଼ ରାଇଗଡ଼ର ଅଭିଜିତ ଭରଦ୍ୱାଜ। ➪ପୃଷ୍ଠା-୬

# ମୁନ୍ନା ଖାଁଙ୍କୁ ରାଲି ପାଇଁ କିଏ କରିଥିଲା ସହଯୋଗ?

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ୱାକଫ୍ ବିଲରେ ବିଜେଡିର ଆଭିମୁଖ୍ୟକୁ ନେଇ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ତାହା ସାଂସଦ ମୁନ୍ନା ଖାଁ ରାଲିରୁ ସୂତ୍ରପାତ୍ର ହୋଇଥିଲା। ମୁନ୍ନା ଖାଁଙ୍କ ରାଲିରେ ଯାଇଥିବା ବିଜେଡି ସମର୍ଥକମାନେ ନବୀନ ନିବାସ ଭିତରେ ପଶି ପାଣ୍ଡିଆନ ବିରୋଧୀ ସ୍ଲୋଗାନ ଦେବାକୁ ସାହସ ଜୁଟାଇଥିଲେ କେମିତି? ଏପିରିକି ମୁନ୍ନା ଖାଁଙ୍କ ନିଜସ୍ୱ ନିର୍ବାଚନମଣ୍ଡଳୀ ନଥିବା ବେଳେ ତାଙ୍କ ସହ ଶହେରୁ ଅଧିକ ସମର୍ଥକ ଆସିଲେ କେଉଁଠୁ ବୋଲି ଗତ ଦୁଇ ଦିନ ହେଲା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଆଜି ମୁନ୍ନାଙ୍କ ପଛରେ ଥିବା ଅସଲ ଦଗାବାଜଙ୍କ ଚେହେରା ପଦାକୁ ଆସିଛି। ପରଦା ପଛରେ ରହି ମୁନ୍ନା ଖାଁକୁ ଆର୍ଥିକ ସହଯୋଗ ସାଙ୍ଗକୁ ଲୋକବଳ ଯୋଗାଇଥିବା ନେତାଙ୍କ ବାବଦରେ ଆମ ହାତରେ ଠୋସ ପ୍ରମାଣ ଲାଗିଛି। କିନ୍ତୁ ଏବେ ସେହି ଲୋକର ମୁଖା ଖୋଲିବା ସମୟ ➪ପୃଷ୍ଠା-୬



## କାନ ଡେରିଥା

ବିଷ ଖାଇଦେବେ ଧୋକାବାଜ ଏଠି
ଯିଏ ଯିଏ ଧୋକା ଦେଲେ
ଅମୃତ ପିଇବେ ବାକି ନେତା ମାନେ
ବରିଷ୍ଠ ନେତା କହିଲେ
ଭିଡା ଟଣା ଏଠି ଚାଲେ...
ଏହି ବୟାନକୁ ମୁଖିଆ ନେତାଙ୍କ
ବିପି ବଢ଼ାଉଛି ଭଲେ।

■ ଦେବାଶିଷ

# ପ୍ରତିଷ୍ଠାତା ସଦସ୍ୟ ବନାମ ଦାଗୀ ନେତା

### ❑ ନବୀନଙ୍କୁ ଦି'ପଇସିଆ କରିଦେଲେ ଆଗଚଲା ନେତା

### ❑ ବରିଷ୍ଠଙ୍କୁ ମୂଳପୋଛ କରି ପାର୍ଟି ଫଣ୍ଡ ହଡ଼ପ ଯୋଜନା

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ପଚିଶ ବର୍ଷର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି ଓଡିଶାବାସୀଙ୍କ ଆଗରେ ଦୁଇ ପଇସିଆ ନେତା କରିଦେଲେ ତାଙ୍କର ଦଳର କିଛି ଆଗଚଲା ନେତା। ବରିଷ୍ଠ ପ୍ରତିଷ୍ଠାତା ସଦସ୍ୟଙ୍କୁ କାଉଣ୍ଟର କରିବାକୁ ଯାଇ ବିଭିନ୍ନ ଅଭିଯୋଗରେ ଦାଗୀ ନେତାମାନେ ପୁଣିଥରେ ନବୀନଙ୍କୁ ଲୋକହସା କରିବାକୁ ପଛାଇ ନାହାନ୍ତି ।







ବିଜେଡିରେ ନବୀନ ସର୍ବେସର୍ବା କହୁଥିବା ନେତାମାନେ କିଭଳି ସମାନ୍ତରାଳ ବୈଠକ କଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବିଜେଡିର ପ୍ରତିଷ୍ଠାନତା ସଦସ୍ୟ ଅନଙ୍ଗ ଉଦୟ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପ୍ରଭାତ ତ୍ରିପାଠୀ, ଆୟୁବ ଖାନ, ଅଶୋକ ପଣ୍ଡା, ଶଶୀଭୂଷଣ ବେହେରାଙ୍କ ଭଳି ନେତାମାନେ ୱାକଫ୍ ବିଲକୁ ନେଇ ଦଳରେ ଦେଖା ଦେଇଥିବା ସଙ୍କଟ ଓ ଏହାର ସମାଧାନ ଉପରେ ସେମାନେ ଆଲୋଚନା କରୁଥିଲେ। ଆଉ ସେଇ ସମୟରେ ବିଧାୟକ ପ୍ରତାପ ଦେବ, ଅରୁଣ ସାହୁ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନାଙ୍କ ଭଳି ନେତା ଯେଉଁମାନଙ୍କର ବିଜେଡି ପ୍ରତିଷ୍ଠା ସହ କୌଣସି ସମ୍ପର୍କ ନଥିଲା ସେମାନେ ବରିଷ୍ଠଙ୍କୁ କାଉଣ୍ଟର କରିବାକୁ ଡାକିଥିଲେ ସମାନ୍ତରାଳ ବୈଠକ। ତାହା ପୁଣି ବିଧାୟକ ପ୍ରତାପ ଦେବଙ୍କ ଘରେ।

ଆତ୍ମଘୋଷିତ ଏହି ହାମବଡା ନେତାଙ୍କ ପ୍ରଯୋଜିତ ବୈଠକରେ ଉପସ୍ଥିତ ଥିବା ସଞ୍ଜୟ, ଅତନୁ, ଅରୁଣଙ୍କ ଭଳି ନେତା ଚିଟଫଣ୍ଡ କେଲେଙ୍କାରୀରେ ଅଭିଯୁକ୍ତ। ଅରୁଣ ବି ପରୀ ଓ ଛବି ହତ୍ୟା ମାମଲାରେ ଛନ୍ଦି ହୋଇଥିଲେ। ଆଉ ପ୍ରତାପ ଜେନା ହତ୍ୟାକାଣ୍ଡ ଭଳି ସଂଗୀନ ଅଭିଯୋଗରେ ଛନ୍ଦି ହୋଇଛନ୍ତି। ପ୍ରଣବଙ୍କ ମୁଣ୍ଡ ଉପରେ ଏବେ ବି ବ୍ଲାକରୋଜ ବିବାଦ ଝୁଲୁଛି । ରାଜାଚକ୍ର ମାମଲାରେ ବି ସେ ଛନ୍ଦି ହୋଇଛନ୍ତି । ବର୍ତ୍ତମାନ ବି କିଛି ନେତାଙ୍କ ମୁଣ୍ଡ ଉପରେ ଚିଟଫଣ୍ଡର ଖଣ୍ଡା ଝୁଲୁଛି । ଏମିତିବି ଏହିସବୁ ନେତାଙ୍କ ମଧ୍ୟରୁ ଅତନୁ, ସଂଜୟ, ପ୍ରତାପ ଓ ପ୍ରଣବ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ। ସେ ପୁଣି ବରିଷ୍ଠଙ୍କୁ ଟକ୍କର ଦେଇ ବିଜେଡିର ସର୍ବେସର୍ବା ସାଜିବାକୁ ଯୋଜନା କରୁଛନ୍ତି। ଏହି ବିବାଦୀୟ ନେତାମାନେ ନବୀନଙ୍କୁ କାହିଁକି ଏଭଳି ଲୋକହସା କରାଇଲେ ତାହା ଆଲୋଚନାରେ ବିଷୟ ହୋଇଛି । ଚର୍ଚ୍ଚା ହେଉଛି ଏହି କୋଟେରୀରେ ଯଦିଓ ଦେବୀ ମିଶ୍ର ବି ଅଛନ୍ତି, ସେ କିନ୍ତୁ ଅଳ୍ପ କିଛି ଦିନ ପାଇଁ। ଆଗକୁ ବବିଙ୍କ ଲିଡରସିପରେ ଚାଲିଥିବା ଏହି ଗ୍ରୁପ ବରିଷ୍ଠଙ୍କୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରି ବିଜେଡିର ସବୁ ଦାୟିତ୍ୱ ନେବେ। ➪ପୃଷ୍ଠା-୬

# ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ସମ୍ବର୍ଦ୍ଧନା



**ପଟ୍ଟାମୁଣ୍ଡାଇ,୯।୪(ସଂଚାର ବ୍ୟୁରୋ):** ବାରବାଟୀ ର ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ମହମ୍ମଦ ମୋକିମଙ୍କ ଆଜି ଗସ୍ତରେ ଯାଉଥିବା ସମୟରେ ତାଙ୍କୁ ପଟ୍ଟାମୁଣ୍ଡାଇ ବାଇପାସ୍ ଠାରେ କଂଗ୍ରେସ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ଓ ଏଥିରେ ରାଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ ପଢିଆରୀ, ପୂର୍ବତନ ପିସିସି ସଭ୍ୟ ରମାକାନ୍ତ ଦାଶ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ ବ୍ଲକ ସଭାପତି ମଳୟ ଦାସ, ପୂର୍ବତନ ମହିଳା ସଭାପତି ସୁଚିତ୍ରା ବିଶ୍ୱାଳ, ପୂର୍ବତନ କାଉନସିଲର ତପନ ପାତ୍ର କୁଳମଣି ମଲିକ, ଗଣେଶ ସାହୁ, ଗୌରହରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଶ୍ରୀମୋକିମଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# କିଶୋରୀ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ




**ଆଳି,୯।୪(ସଂଚାର ବ୍ୟୁରୋ):** ସ୍ଥାନୀୟ ସାମନ୍ତସିଂହାର କେଲୁ ଚରଣ ଉଚ୍ଚ ବିଦ୍ୟାଳୟରେ କିଶୋରୀ ଛାତ୍ରୀ ମାନଙ୍କୁ ନେଇ ଏକ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀ ମାନଙ୍କର କିଶୋରୀ ବୟସରେ ଘଟୁଥିବା ବିଭିନ୍ନ ଶାରୀରିକ ମାନସିକ, ତଥା ସାମାଜିକ ପରିବର୍ତ୍ତନ ଆଧାରରେ ବିଭିନ୍ନ ପ୍ରକଳ୍ପ ପଦର୍ଶନ କରାଯାଇଥିଲା। ପତଞ୍ଜଳୀ ଯୋଗ ସମୀତିର କାର୍ଯ୍ୟକାରୀ ସଦସ୍ୟ ସୂର୍ଯ୍ୟକାନ୍ତ ସାହୁ ଯୋଗ ଦେଇ କିଶୋରୀ ବୟସରେ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାରର ଯୋଗ ଆସନ ଓ ପ୍ରାଣାୟମର ଶିକ୍ଷା ପ୍ରଦାନ କରିଥିଲେ।ସଚେତନତା କାର୍ଯ୍ୟକ୍ରମ ପାଇଁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶ ଅଧକ୍ଷତା କରିଥିଲେ ବରିଷ୍ଟ ଚିକିତ୍ସକ ତଥା କବି ଡାକ୍ତର ମନୋରଞ୍ଜନ ଦାଶ କିଶୋରୀ ମାନଙ୍କର ସ୍ୱାସ୍ଥ୍ୟ ତଥା ମାନସିକ ପରିବର୍ତ୍ତନ ସମ୍ପର୍କରେ ପିଲା ମାନଙ୍କୁ ବୁଝାଇଥିଲେ ଓ ପିଲାମାନେ କଣ କରିବା ଉଚିତ କ'ଣ କରିବା ଅନୁଚିତ୍ ସେ ସମ୍ପର୍କର ପିଲାମାନଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ପତ୍ରପୁର କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବିନିତା ବିଜୟ ଲକ୍ଷ୍ମୀ ଯୋଗ ଦେଇ କିଶୋରୀ ମାନଙ୍କଠାରେ ଦେଖାଯାଉଥିବା ପରିବର୍ତ୍ତନ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ, ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶୀକ୍ଷକ ଆନନ୍ଦ ଚନ୍ଦ୍ର ମହାପାତ୍ର ଏହି କର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କ ବୌଦ୍ଧିକ ବିକାଶ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଙ୍କଜ ବିହାରୀ ଦାସ ସ୍ୱାଗତ ଭାଷଣ ଦେଇଥିଲେ ଓ ଶେଷରେ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀ ଯଥା ସାରଦା ପ୍ରସନ୍ନ ସାହୁ, ମୋନାଲିସା ପତ୍ରୀ, ସୁନୀତା ଭୂୟାଁ, ଶୁଭଶ୍ରୀ ବେହେରା, ସୁମିତ୍ରା ବେହେରା, ମୀନାକ୍ଷୀ ପରିଡ଼ା, ଗିରିଜା ଶଙ୍କର ଦାସ ଓ ପ୍ରସାଦ କୁମାର ଦାଶ ଆଦି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲ

# କଂସାର ସାହସପୁର ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ):** ବୁଧବାର କଂସାର ସାହସପୁର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅବସର ପ୍ରାପ୍ତ ଶିକ୍ଷକ ଓ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ମାନଙ୍କର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳ ଓ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀଧର ପାତ୍ର, ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ ରେ ରବିନ୍ଦ୍ର ନାଥ ମିଶ୍ର, ଅନନ୍ତ କୁମାର ପରିଡା, ପୁଷ୍ପଲତା ସ୍ୱାଇଁ, ମହାଶ୍ୱେତା ରାଉତ, ରେଣୁକା ଭୋଳ, ଜୟନ୍ତୀ ଖଟୁଆ ଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ମୁଖ୍ୟ ଅତିଥି କଂସାର ଗ୍ରାମ ପଞ୍ଚାୟତର ସରପଞ୍ଚ ସରୋଜିନୀ ନାୟକ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ଓ ଜିଲ୍ଲାପରିଷଦ ସଭ୍ୟ ରବିନ୍ଦ୍ର ନାଥ ପଣ୍ଡା ଓ ପୂର୍ବତନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ସଭା ସଞ୍ଚାଳନ କରିଥିଲେ ମନୋଜ କୁମାର ସାହୁ ଓ ସହଯୋଗ କରିଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ। ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ସଭ୍ୟା ବୃନ୍ଦ ପରିଶେଷରେ ଧନ୍ୟବାଦ ଦେଇଥିଲେ। ପୂର୍ଣ୍ଣିମା ପ୍ରିୟଦର୍ଶନୀ ଚୌଧୁରୀ ସ୍କୁଲ ଶିକ୍ଷା କମିଟିର ସଭାପତି ରମେଶ ଚନ୍ଦ୍ର ସେଠି, ପ୍ରଦୀପ ପରିଡା ନିତ୍ୟାନନ୍ଦ ମହାନ୍ତି, ଗଜେନ୍ଦ୍ର ପରିଡା ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

# ସଂଘବଦ୍ଧ ଆକ୍ରମଣରେ ପୀଡିତଙ୍କ କଟାହେଲା ବାମ ଗୋଡ



**କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ତନାର ଗ୍ରାମର ପୀଡିତ ଗୌରାଙ୍ଗ ମଳିକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା । ସେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେବା ଅବସ୍ଥାରେ ତାଙ୍କର ବାମ ଗୋଡ କଟା ଯାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ତନାର ଗ୍ରାମର ଗୌରାଙ୍ଗ ମଳିକ ନିଜ କାମ ସାରି ରାତି ୧୦ଟା ରେ ଘରକୁ ଫେରୁଥିବା ସମୟରେ ସେହି ଗ୍ରାମର ୫ଜଣ ଯୁବକ କୋର ସରସ୍ୱତୀ ଛକ ଠାରେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ସଂକଟାପନ୍ନ ଅବସ୍ଥାରେ ପୋଖରୀ କୂଳରେ ଫୋପାଡି ପଳାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡା ଓ ପରେ କଟକ ବଡ ଡାକ୍ତରଖାନା ରେ ଚିକିତ୍ସା ପାଇଁ ପଠାଇଥିଲେ । ସେଠାରେ ତାଙ୍କର ବାମ ଗୋଡ ଗୁରୁତର ଭାବେ କ୍ଷତିଗସ୍ତ ହୋଇଥିବାରୁ ଡାକ୍ତର ଅସ୍ତ୍ରୋପଚାର କରି ତାଙ୍କର ଗୋଡକୁ କାଟିଛନ୍ତି। ଗୌରାଙ୍ଗ ପତ୍ନୀ ଉଷାରାଣୀ ମଳିକ ନିକିରାଇ ଥାନାରେ ଏତଲା ଦେଇଥିଲେ ମଧ ଥାନା ଅଧିକାରୀ ୧୨୧/୨୫ ରେ ଏକ ମାମଲା ରୁଜୁ କରି ବସିଥିବା ବେଳେ ୫ଜଣ ଅଭିଯୁକ୍ତ ଖୋଲାଖୋଲି ଭାବରେ ବୁଲି ପୀଡିତାଙ୍କୁ ଧମକ ଦେଉଥିବା ନେଇ ବୁଧବାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଦାବି କରାଯାଇଛି ।

ଗ୍ୟାସ୍ ସିଲିଣ୍ଡର୍ ବ୍ୟବହାର ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ

# ବ୍ୟାଙ୍କରେ ଲାଗିଲା ନିଆଁ, ଶାଖା ପରିଚାଳକ ଆହତ



**କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ବଳଗଣ୍ଡିରେ ଥିବା ପୁରୁଣା ବସଷ୍ଟାଣ୍ଡ ଶାଖାରେ ବୁଧବାର ଦିନ ୧୨ଟା ସମୟରେ ନିଆଁ ଲାଗିଥିବା ଦେଖାଦେଇଛି। ମିଳିଥିବା ସୂଚନା ଅନୁଯାଇ ବ୍ୟାଙ୍କ ପରୁଣା କାଗଜ ଓ ଆସବାବପତ୍ର ଥିବା ଏକ କୋଠରୀରେ ନିଆଁ ଲାଗି ଧୂଆଁ ବାହାରିଥିଲା। ପରେ ପରେ ଏହି ନିଆଁ ବ୍ୟାପି ଯାଇଥିଲା। ବ୍ୟାଙ୍କ କର୍ମଚାରୀ ଖବର ଦେବା ପରେ ତିନୋଟି ଅଗ୍ନିଶମ ବିଭାଗ ଗାଡି ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା। ଏଥିରେ ଶାଖା ପରିଚାଳକ ସୁରେଶ ନାୟକ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଏହି ଅଗ୍ନିକାଣ୍ଡର ମୁଖ୍ୟ କାରଣ ଖୋଜୁଥିବା ବେଳେ ବ୍ୟାଙ୍କ୍ ମଧରୁ ଗ୍ୟାସ୍ ସିଲିଣ୍ଡର୍ ଦେଖିବାକୁ ମିଳିଥିଲା। କୌଣସି କର୍ମଚାରୀ ଗ୍ୟାସ୍ ସିଲିଣ୍ଡର୍ ବ୍ୟବହାର କରୁଥିବା ସନ୍ଦେହ ସୃଷ୍ଟି ହୋଇଛି।ଏହି ଅଗ୍ନିକାଣ୍ଡରେ ବ୍ୟାଙ୍କର କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ବ୍ୟାଙ୍କରେ ଥିବା ନଗଦ ଟଙ୍କା, ସୁନା ଗହଣା କୌଣସି ଜିନିଷ ନଷ୍ଟ ହୋଇ ନଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ଦ୍ୱାରା ବ୍ୟାଙ୍କର ଏକ କୋଠରୀରେ ଥିବା ପୁରୁଣା ଦସ୍ତାବିଜ ଏବଂ ଦରକାରୀ ଜିନିଷ ଗୁଡିକ ପୋଡି ପାଉଁଶ ହୋଇ ଯାଇଥିବା ଜଣାପଡ଼ିଛି। ଖବରପାଇ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ସଭାପତି ଗୁରୁପ୍ରସାଦ ମହାନ୍ତି, ଡାଇରେକ୍ଟର ବିଧୂଭୂଷଣ ମହାପାତ୍ର, ରଶ୍ମି ରଂଜନ ଚୌଧୁରୀ ପ୍ରମୁଖ ଘଟଣା ସ୍ଥଳରେ ପହଁଚି ଅବସ୍ଥା ଅନୁଧାନ କରିଥିଲେ। ତେବେ ଅଗ୍ନିଶମ ବାହିନୀ ଦୁଇ ଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଆୟତ କରିଥିବା ଜଣାପଡ଼ିଛି।

# ବିସ୍ଥାପିତଙ୍କ ସହ ଆଲୋଚନା କଲେ ସମାଜସେବୀ

**କେନ୍ଦ୍ରାପଡା,୯।୪(ସଂଚାର ବ୍ୟୁରୋ):** ଜିଲ୍ଲା କାର୍ଯ୍ୟାଳୟ ଆଗରେ ଦୀର୍ଘ ୮ଦିନ ହେଲା ଅହୋରାତ୍ର ଧାରଣା ଦେଉଥିବା ବଗପାଟିଆ ବିସ୍ଥାପିତ ଧାରଣାକାରୀଙ୍କ ସହ କ୍ରେଡିଟ୍ କୋଅପରେଟିଭ ସୋସାଇଟ ର ସଭାପତି, ବିଶିଷ୍ଟ ସମାଜସେବୀ ତଥା କୃଷକ ନେତା ପ୍ରମୋଦ କୁମାର ସାହୁ ଆଲୋଚନା କରିଥିବା ଜଣାପଡିଛି । ବୁଧବାର ଶ୍ରୀ ସାହୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ସ୍ଥଳରେ ପହଁଚି ଧାରଣା ଦେଉଥିବା ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ବୟସ୍କ ନାଗରିକ ମାନଙ୍କ ସହ ଅଲୋଚନା କରି ସମବେଦନା ଜଣାଇଥିଲେ । ଆବାହକ ଡ଼ଃ ଧନେଶ୍ୱର ରାଉତଙ୍କ ସମେତ ଅନ୍ୟ ଧାରଣାକାରୀ ମାନେ ଏହି ଧାରଣାର ବାସ୍ତବିକତା ସଂପର୍କରେ ଓ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନଥିବା ପ୍ରସଙ୍ଗରେ ପଟ୍ଟା ନମିଳିବା ଘଟଣା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ବିସ୍ଥାପିତ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୀର୍ଘ ୫ ବର୍ଷ ତଳୁ ଜମି ଚିହ୍ନଟ କରାଯାଇ ଥିଲେ ମଧ ସେହି ଜମିର କୌଣସି କାଗଜପତ୍ର (ପାର୍ଚ୍ଚା) ପ୍ରଦାନ କରା ଯାଉନଥିବା ଯୋଗୁଁ ଏହି ବିସ୍ଥାପିତ ମାନେ ମାନସିକ ଯନ୍ତ୍ରଣା ମଧରେ ଦୀର୍ଘ ୮ଦିନ ହେଲା ବସି ରହିଛନ୍ତି ।

# ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଲେ ପରିବାର

● ଜଳିଗଲା ଧାନ ଚାଉଳ, ଲୁଗାପଟା ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ



**ମହାକାଳପଡ଼ା,୯।୪(ସଂଚାର ବ୍ୟୁରୋ):** ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ପ୍ରଦୀପ ସାହୁଙ୍କ ଘରେ ଆଜି ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ରେ ୪ ବଖରା ଘର ସହ ଧାନ, ଚାଉଳ, ଲୁଗାପଟା, ଟିଭି, ସାଇକେଲ, ଧାନ କଳ, ସାଇକେଲ ସମେତ ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର ଜଳିଯାଇଛି। ବାଡିପଟେ କିଛି କାମ କରୁଥିବା ସମୟରେ ଘରୁ ପ୍ରବଳ ମାତ୍ରାରେ ଧୂଆଁ ବାହାରୁଥିବା ପଡୋଶୀ ଡ଼ାକ ପକାଇଥିଲେ। ଚାହୁଁ ଚାହୁଁ ନିଆଁ ସାରା ଘରକୁ ବ୍ୟାପି ଯାଇଥିଲା। ନିଆଁର ବ୍ୟାପକତା ଏତେ ଥିଲା ଯେ ଘରୁ କୌଣସି ଆସବାବପତ୍ର କାଢ଼ିବା ପରିବାର ପକ୍ଷେ ସମ୍ଭବ ହୋଇପାରିନଥିଲା। ଯାହାଫଳରେ ବର୍ଷକର ସଞ୍ଚିତ ଧାନ ଚାଉଳ ସହିତ ସବୁକିଛି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାର ଏବେ ଖୋଲା ଆକାଶ ତଳେ ବେସାହାରା ହୋଇ ପଡ଼ିଛନ୍ତି। ଅଗ୍ନିକାଣ୍ଡ ସମ୍ପର୍କରେ ସ୍ଥାନୀୟ ଲୋକେ ସ୍ଥାନୀୟ ଦମକଳ କେନ୍ଦ୍ରକୁ ସୂଚନା ଦେବା ସହିତ ନିଆଁ ଲିଭା କାର୍ଯ୍ୟରେ ଲାଗି ପଡ଼ିଥିଲେ। ଦମକଳ ଗାଡ଼ି ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଦମକଳ ବାହୀନି ପହଞ୍ଚି ନିଆଁକୁ ପାଣି ପକାଇ ନିଭାଇଥିଲେ।ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ। ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଅଗ୍ନିକାଣ୍ଡ ଘଟଣା ରେ ତଦନ୍ତ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ପାଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଗଭୀର ସମବେଦନା ଜଣାଇଛନ୍ତି ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ଚେଁଇ ଶୋଇଛି ବିଭାଗ

# ବସୁଧା ପାଇପ ଫାଟି ଜଳ ନଷ୍ଟ



**ଆଳି,୯।୪(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ପତ୍ରପୁର ପଞ୍ଚାୟତ ବିଲିକଣା ଗ୍ରାମରେ ବସୁଧା ଯୋଜନାରେ ଲୋକଙ୍କୁ ସରକାର ପିଇବା ପାଣି ଯୋଗାଇ ଦେଇଥିଲେ।କିନ୍ତୁ କିଛି ମାସ ହେବ ପାଇପ ଲାଇନ ଫାଟି ଯିବାରୁ ଗୋଟିଏ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତିସୃଷ୍ଟି ହୋଇଥିବା ବେଳେ ଅନ୍ୟ ପଟେ ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ପାଇପି ପାଣି ଉପରେ ନିର୍ଭର କରୁଥିବା ଲୋକେ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି।ଗୋଟିଏ ପଟେ ଜଳ ନଷ୍ଟ ଅନ୍ୟ ପଟେ ଜଳ କଷ୍ଟ ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ଏ ନେଇ ବାରମ୍ବାର ବିଭାଗ ପାଖରେ ଅଭିଯୋଗ କଲାସତ୍ତ୍ୱେବି ବିଭାଗ କିଛି ବିହିତ ପଦକ୍ଷେପ ନେଇ ନଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଗ୍ରୀଷ୍ମ ପ୍ରବାହରେ ଲୋକେ ଜଳ କଷ୍ଟରେ ତ୍ରାହି ତ୍ରାହି ଡାକୁ ଥିବା ବେଳେ ବିଭାଗ ଅଚିନ୍ତାରେ ଶୋଇଥିବା ଅନୁଭବ କରୁଛନ୍ତି ଗ୍ରାମବାସୀ। ଏଠି ପ୍ରଶ୍ନ ଉଠେ ବାରମ୍ବାର ଅଭିଯୋଗ କଲା ପରେବି କାହିଁକି ଚେତୁନାହିଁ ବିଭାଗ। ଏତେ ଢିଲାପଣ ପଛର କାରଣ କଣ ? ଅନ୍ୟ ପଟେ ଏହି ବସୁଧା ଯୋଜନାରେ ପନ୍ଦରଶହ ଲୋକେ ଉପକୃତ ହେଉଥିବା ବେଳେ କିଛି ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି।ସବୁଠୁ ବଡ଼ କଥା ହେଲା ଯେଉଁ ଜାଗାରେ ପାଇପ ଲାଇନ ଫାଟି କୃତ୍ରିମ ବନ୍ୟା ହୋଇଛି ସେ ଏକ ସ୍ମଶାନ ହୋଇଥିବାରୁ ପୁନର୍ବାର ସେହି ପାଣି ପାଇପ ଲାଇନ ଏକ ପ୍ରକାର ଦୂଷିତ ହୋଇ ଥିବାରୁ ଲୋକେ ବ୍ୟବହାର କରିବାକୁ ଇଛା କରୁ ନାହାନ୍ତି।ଯାହା ଫଳରେ ଏକ ପ୍ରକାର ଗ୍ରାମରେ ଜଳ ସଙ୍କଟ ଦେଖା ଯାଇଛି। ଏ ନେଇ ଖୁବ ଶୀଘ୍ର ସମାଧାନ ନକଲେ କଟକ ଚାନ୍ଦବାଲି ରାଜରାସ୍ତାକୁ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମର ସୌଭାଗ୍ୟ ରାଉତ, ପ୍ରଭାତ କୁମାର ସାହୁ, ସୁନୀଲ କୁମାର ରାଉତ, ଭରତ କୁମାର ରାଉତ, ରଞ୍ଜନ କୁମାର ସାହୁ, ସର୍ବେଶ୍ୱର ପରିଡ଼ା। କିନ୍ତୁ ଏ ନେଇ ବିଭାଗର ପ୍ରତିକ୍ରିୟା ମିଳି ପାରିନାହିଁ।

# ଶ୍ରୀଶ୍ରୀ ସିଦ୍ଧ ମହାବୀରଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବ

**ରାଜନଗର,୯।୪(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଂଚାୟତ ଅନ୍ତର୍ଗତ ବାଉଁଶକଣି, ତୁଳସୀପୁର ଓ ବଢିଣାକୋଲ୍ଲା ଗ୍ରାମର ମଧ୍ୟ ସ୍ଥଳରେ ପ୍ରତିଷ୍ଠା ହୋଇଥିବା



ସଙ୍କଟମୋଚନ ଶ୍ରୀଶ୍ରୀ ସିଦ୍ଧ ମହାବୀରଜୀଉଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଚଳିତ ମାସ ୪ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ପୁରହିତଙ୍କ ଦ୍ୱାରା ଅଙ୍କୁରାରୋପଣ, ଭବ୍ୟ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋ ପୂଜା ଓ ଅଭିଷେକ ମାନ କରାଯାଇ ଯଜ୍ଞକାର୍ଯ୍ୟ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଶ୍ରୀରାମ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏହି ଦିବ୍ୟ କାର୍ଯ୍ୟକ୍ରମକୁ ତିନିଟି ଗ୍ରାମର ଲୋକମାନେ ସହଯୋଗ କରିଥିଲେ।

# ଶତପ୍ରତିଶତ ଭିନ୍ନକ୍ଷମ ସତ୍ତ୍ୱେ ମିଳୁନି ଭତ୍ତା

● ଭିନ୍ନକ୍ଷମ ସଶକ୍ତିକରଣର ଉଡୁଛି ଧଜିଆ



**ମାର୍ଶାଘାଇ,୯।୪(ସଂଚାର ବ୍ୟୁରୋ):** ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ହେଲେ ତାଙ୍କୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ଭତ୍ତା ଟଙ୍କା ପ୍ରଶାସନ ତରଫରୁ ମିଳି ପାରୁନି। ଯାହା ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣକୁ ଉଲଙ୍ଘନ ହେଉଛି ବୋଲି ଦର୍ଶାଉଛି। ବ୍ଲକ୍ ପ୍ରଶାସନର କୋହଳ ମନୋଭାବ ପାଇଁ ଏମିତି ହେଉଛି ବୋଲି ପରିବାର କହିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଦଶିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲଣା ଗ୍ରାମର ଜିତେନ୍ଦ୍ର ରାଉତଙ୍କ ପୁଅ ସୌଭିକ୍ ପ୍ରିୟଦର୍ଶନ ରାଉତ। ବୟସ ୩ ବର୍ଷ। ଦୁଇ କାନକୁ କିଛି ଶୁଭୁନି। ସେଥିପାଇଁ ତାଙ୍କୁ ପ୍ରଶାସନ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛି। ଯାହାର ପଞ୍ଜିକରଣ ନମ୍ବର ରହିଛି ୨୧୩୬/୦୦୦୦୦/୦୨୪୦/୭୦୦୧୦୭୯୩। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ଭତ୍ତା ଟଙ୍କା ମିଳି ପାରି ନାହିଁ। ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କ ଶସକ୍ତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେହି ଜଣେ ଯୋଗ୍ୟ ହିତାଧିକାରୀ ଯେପରି ସରକାରଙ୍କ ଯୋଜନା ରୁ ବଞ୍ଚିତ ନହେବ ସେଥିପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସୌଭିକଙ୍କୁ ଭତ୍ତା ଟଙ୍କା ଆଜି ପର୍ଯ୍ୟନ୍ତ ନମିଳିବା ଘଟଣା ସାମ୍ନାକୁ ଆସିବା ପରେ ସରକାରଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ କେତେ ପାଳନ କରୁଛନ୍ତି ତାହା ଜଣାପଡ଼ିଛି। ଆଶା କରୁଛୁ ଖବର ପ୍ରକାଶ ପରେ ବିଭାଗୀୟ ଅଧିକାରୀ ସୌଭିକଙ୍କୁ ଭତ୍ତା ଟଙ୍କା ପ୍ରଦାନ ପାଇଁ ତତ୍ପରତା ଦେଖାଇବେ।

# ସଂସାରଫଳରେ ପଞ୍ଚମୁଖୀ ମହାବୀର ହନୁମାନଙ୍କ ଉତ୍ସବ

**ରାଜନଗର,୯।୪(ସଂଚାର ବ୍ୟୁରୋ):** ସଂସାରଫଳ ଗ୍ରାମ ମୁଖଶାଳାରେ ସ୍ଥାପିତ କଳିଯୁଗର ପ୍ରତ୍ୟକ୍ଷ ଦେବତା ଶ୍ରୀ ଶ୍ରୀ ପଞ୍ଚମୁଖୀ ମହାବୀର ହନୁମାନ ଦେବଙ୍କ ତ୍ରୟୋଦଶ ପ୍ରତିଷ୍ଠା ଦିବସ ଓ ଆଧ୍ୟାତ୍ମିକ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି। ଗତ ମାସ ୨୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନଅ ଦିନ ଧରି ଚାଲିଥିଲା। ୧୦୮ କଳସ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରତ୍ୟେକ ଦିନ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୁନାମଧନ୍ୟ ଭାଗବତ ପ୍ରବାଚକ ଗଙ୍ଗାମା, ପଣ୍ଡିତ ରାମଚନ୍ଦ୍ର ଦାଶ, ପଣ୍ଡିତ ପ୍ରଶାନ୍ତ ମହାପାତ୍ର, ପଣ୍ଡିତ ସୁଧାଂଶୁ ଦେବତା, ଗାୟକ ବସନ୍ତ କୁମାର ବେହେରା, ବରଦା କାନ୍ତ ଜେନା, ସସ୍ମିତା ପ୍ରଧାନ ପ୍ରମୁଖ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ, ଭଜନ ଓ ପାଲା ପରିବେଷଣ କରିଥିଲେ। ଏହି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ରାଜନଗର ଆଇଆଇସି ନରେଶ କୁମାର ସାହୁ, ପଟାମୁଣ୍ଡାଇ ଏନଏସି ଅଧ୍ୟକ୍ଷ ହେମନ୍ତ କୁମାର ରାଉତ, ସରପଞ୍ଚ ଅଶୋକ କୁମାର ମହାନ୍ତି, ଦମୟନ୍ତି ସାମନ୍ତରାୟ, ସମାଜସେବୀ ଶରତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପ୍ରଭୁଙ୍କ କୃପାଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗାଁର ତ୍ରିଲୋଚନ ଦାସ, କୃତିବାସ ପ୍ରଧାନ, ବିପିନ ଗାହଣ, ଭାସ୍କର ରାଉତରାୟ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ।

# ବେଆଇନ୍ ବାଲି ଘାଟରେ ରାତି ଅଧିଆ ଚଢ଼ାଉ



ଚୋରିରେ ସଂପୃକ୍ତ ପ୍ରୋକ୍ଲିନ୍ ଜବତ୍

**କେନ୍ଦ୍ରାପଡ଼ା,୯।୪(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅଧିନସ୍ଥ ଗହଗା-ଷଠିଲୋ ଲୁଣା ନଦୀ ପଠାରୁ ବାଲି ଚୋରି ସମୟରେ କେନ୍ଦ୍ରାପଡ଼ା ସଦର ପୋଲିସ ର ଚଢ଼ାଉ ହୋଇଥିବାର ସୂଚନା ମିଳିଛି।କିଛିଦିନ ବ୍ୟବଧାନ ପରେ ଜିଲ୍ଲାରେ ପୁଣି ସକ୍ରିୟ ହୋଇ ପଡ଼ିଛନ୍ତି ବାଲି ମାଫିଆ। ଖଣି ବିଭାଗରେ ଅଦଳ ବଦଳ ଏବଂ ଦାୟିତ୍ୱରେ କିଛିଟା ପରିବର୍ତ୍ତନ ସହିତ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ ପରେ ମଧ ବାଲି ମାଫିଆଙ୍କ ଦୌରତ୍ମ୍ୟ କମିବାରେ ନାଁ ନେଉନି। କିଛି ଦିନ ପୂର୍ବରୁ ଏହି ଘାଟରୁ ପୂର୍ବତନ ଖଣି ଅଧିକାରୀ ଦାୟିତ୍ୱରେ ଥିବା ରଞ୍ଜିତ ବେହେରା ଏବଂ ଉପଜିଲ୍ଲାପାଳ ଙ୍କ ମିଳିତ ଏହି ଘାଟରେ ଚଢ଼ାଉ କରି ୧୫ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ସିଜ୍ କରିବାପରେ ଭୟରେ ଥିଲେ ବାଲି ମାଫିଆ। ଏବେ ଖଣି ବିଭାଗ ଦାୟିତ୍ୱରେ ପରିବର୍ତ୍ତନ ପରେ ପୁଣି ସିଧା ଜିଲ୍ଲା ପ୍ରଶାସନକୁ ଚ୍ୟାଲେଞ୍ଜ କରି ରାତି ସାରା ଜେସିବି ଏବଂ ପ୍ରୋକ୍ଲିନ ସହିତ ଶତାଧିକ ହାଇବା ସାହାର୍ଯ୍ୟରେ ଏହି ଘାଟରୁ ବେଧଡକ ଉଠି ଚାଲିଥିଲା ଶହ ଶହ ଟ୍ରିପ ବାଲି। ଜିଲ୍ଲାପାଳଙ୍କ ବାଲି ମାଫିଆ ମାନଙ୍କୁ ଚେତାବନୀ ପରେ ମଧ ବାଲି ଚୋରା ଚାଲାଣ ର ୧୦ ଦିନ ପରେ ଏବେ ହଠାତ୍ ଚିହିଁକି ଉଠିଛି ପ୍ରଶାସନ ଏବଂ ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ଜିଲ୍ଲାପାଳଙ୍କ ମାନ ମହତ ରଖିବା ପାଇଁ ଉପ ଜିଲ୍ଲାପାଳଙ୍କ ସମେତ କେନ୍ଦ୍ରାପଡ଼ା ସଦର ଥାନା ଏବଂ ଚାନ୍ଦୋଳ ଫାଣ୍ଡି ପୋଲିସଙ୍କ ମିଳିତ ଉଦ୍ୟମରେ ଚଢ଼ାଉ ହୋଇଥିଲା ଏହି ଚୋରା ବାଲି ଘାଟରେ ଏକ ପ୍ରୋକ୍ଲିନ୍ ସମେତ ମେସିନ୍ ଅପରେଟର ଏବଂ ଜଣେ ସହଯୋଗୀଙ୍କୁ ଥାନାକୁ ଉଠେଇ ଆଣିଥିଲା ସଦର ଥାନା ପୋଲିସ। ରାତିସାରା ଘାଟ ପାଖରେ ଏକ ପୋଲିସ କର୍ମୀଙ୍କୁ ନିୟୋଜିତ ଥିବାର ଦେଖିବାକୁ ମିଳିଥିଲା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ବାକିରହିଲା ଆଗକୁ କିପରି ଜିଲ୍ଲା ପ୍ରଶାସନ ବାଲି ମାଫିଆଙ୍କ ଉପରେ କେଉଁ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିରେ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଏତଲା ଦେଲେ ମହିଳା



**ମହାକାଳପଡ଼ା,୯।୪(ସଂଚାର ବ୍ୟୁରୋ):** ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଏତଲା ହୋଇଛି। ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଜମ୍ବୁ ଗ୍ରାମର ତପନ ମଣ୍ଡଳଙ୍କ ପତ୍ନୀ ଅନିତା ମଣ୍ଡଳ (୩୮) ଙ୍କ ଏତଲା ଅନୁଯାୟୀ ଜମ୍ବୁ ଗ୍ରାମର ଅନନ୍ତ ବୈଦ୍ୟଙ୍କ ପୁଅ ଅର୍ଜୁନ ବୈଦ୍ୟ ନିଜର ବାଡ଼ିରେ ଟ୍ରାକ୍ଟର ଯୋଗେ ମାଟି ପକାଉଥିଲେ। ଅନିତାଙ୍କ ବାଡ଼ ଭାଙ୍ଗିଯିବାରୁ ସେ ଟ୍ରାକ୍ଟର ଡ୍ରାଇଭରକୁ ପ୍ରତିବାଦ କରିଥିଲେ। ଏଥିରେ ଅର୍ଜୁନ ଉତକ୍ଷିପ୍ତ ହୋଇ ଅଶାଳୀନ ଭାଷାରେ ଅନିତାଙ୍କୁ ଗାଳିଗୁଲଜ କରିବା ସହିତ ଚୁଟିକୁ ଧରି ଘୋଷାଡି ତାଙ୍କୁ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ତତସହିତ ତାଙ୍କର ସ୍ୱାମୀଙ୍କୁ ମଧ ମାଡ଼ ମାରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ସେ ଏବେ ମହାକାଳପଡ଼ା ମେଡିକାଲ୍ ରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନିତା ଜମ୍ବୁ ସାମୁଦ୍ରିକ ଥାନାରେ ଜଣାଇଛନ୍ତି। ଜମ୍ବୁ ପୋଲିସ ଏ ଘଟଣାରେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବିଜେଡିକୁ ଫେରିଲେ କର୍ମୀ

**ଆଳି,୯।୪(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଭୁଇଁପୁର ପଞ୍ଚାୟତ ରେ ବିଜେଡି ମିଶ୍ରଣ ପର୍ବ ହୋଇଯାଇଛି।ଏହି ମିଶ୍ରଣ ପର୍ବରେ ଚାରି ବିଜେଡି କର୍ମୀ କିଛି ଦିନ ହେବ ବିଜେପିରେ ବିଧିବଦ୍ଧ ଭାବେ ମିଶିଥିଲେ। ଆଜି ପୁଣି ଘର ବାହୁଡ଼ା ହୋଇଛନ୍ତି।ବିଜେପି ଛାଡି ନିଜ ଦଳକୁ ଫେରି ଆସିଥିବା କହିଛନ୍ତି ବସନ୍ତ ମଲିକ, ପ୍ରେମାନନ୍ଦ ବାରିକ, କମଳାକାନ୍ତ ମଲିକ, ପାର୍ଥ ସାରଥି ଦାସ। ଏମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ବିଜେଡିର ଦକ୍ଷ ସଂଗଠକ ପ୍ରୀୟପ୍ରତ ପାତ୍ର ବିଜେଡି ରେ ବିଧିବଦ୍ଧ ଭାବେ ମିଶାଇଥିଲେ। ଦଳରେ ମିଶିଲା ପରେ କହିଛନ୍ତି କିଛି ମନମାଳିନ ଥିବାରୁ ଅନ୍ୟ ଦଳକୁ ଯାଇଥିଲୁ। ଆଜି ଆମେ ନିଜ ଘର କୁ ଫେରିଆସି ଥିବାରୁ ଅନେକ ଖୁସି ଲାଗୁଛି। ଏହି ମିଶ୍ରଣ ପର୍ବରେ ବିଜେଡିର ଆଗଧାଡ଼ି କର୍ମୀ ପ୍ରିୟବ୍ରତ ପାତ୍ର, ଉଷାକାନ୍ତ ସାମଲ, ଅରୂପ ପରିଡ଼ା, ସତ୍ୟ ରଞ୍ଜନ ବିଶ୍ୱାଳ, ରାଜେନ୍ଦ୍ର ବେହେରା, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଶା ସରକାରଙ୍କ ପକ୍ଷରୁ ବାହାରିଲା ୫୦୦ରୁ ଅଧିକ ନୂଆ ପଦବୀ



**ଭୁବନେଶ୍ୱର,୯।୪ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ନ୍ୟାୟ ବିଭାଗ ଅଧୀନରେ ଥିବା ଡାଇରେକ୍ଟୋରେଟ ଅଫ ପବ୍ଲିକ ପ୍ରୋସିକ୍ୟୁସନ (ଡିପିପି) ପାଇଁ ୨୬୭ଟି ନୂଆ ପଦବୀ ବାହାରିଛି। ଏନେଇ ବିଏନ୍‌ଏସ୍‌ଏସ୍ ଧାରା ୨୦ ଅନୁସାରେ ପଦବୀ ସୃଷ୍ଟି ନେଇ ଓଡ଼ିଶାର ଗୃହ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି।ଏହି ୨୬୭ଟି ପଦବୀ ମଧ୍ୟରେ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର, କ୍ଲାର୍କ, ସ୍କିଲ୍ଡ ଷ୍ଟାଫ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ପଦ ସାମିଲ ରହିଛି। ଏହା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲାରେ ପବ୍ଲିକ ପ୍ରୋସିକ୍ୟୁସନ ବିଭାଗର କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ପଦବୀଗୁଡ଼ିକ ପୂରଣ ହେଲେ ମାମଲାର ଶୁଣାଣି ଓ ନ୍ୟାୟ ପ୍ରଦାନରେ ବିଳମ୍ବ ହ୍ରାସ ପାଇବ ଏବଂ ନାଗରିକମାନଙ୍କୁ ତୁରନ୍ତ ନ୍ୟାୟ ମିଳିବାରେ ସହାୟତା ମିଳିବ। ସେହିପରି ଷ୍ଟେଟ ଫୋରେନସିକ ସାଇନ୍ସ ସର୍ଭିସ ସଂସ୍ଥା ପାଇଁ ୨୪୭ ନୂଆ ପଦବୀ ବାହାରିଛି। ୨୪୭ ନୂଆ ପଦବୀ ସୃଷ୍ଟି ନେଇ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ଉନ୍ନୟନ କମିଶନର ତଥ୍ୟ ପରିଚାଳନା ଓ ବିଶ୍ଲେଷଣ ଅଧ୍ୟୟନ ସମୀକ୍ଷା

# ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥା ସୁଦୃଢ଼ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଡାଟା, ପଲିସି ଓ ଇନୋଭେସନ ସେଣ୍ଟର (ଡିପିଆଇସି) ପକ୍ଷରୁ ଡାଟା ସାମର୍ଥ୍ୟ ଆକଳନ ସମ୍ପର୍କିତ ଏକ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶ୍ରୀମତୀ ଗର୍ଗ ଶାସନ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତଥ୍ୟ ସଂଗ୍ରହ, ବିଶ୍ଲେଷଣ ଓ ପ୍ରଶାସନିକ ତଥ୍ୟ ପ୍ରଦାନରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଗ୍ରହଣ କରିବା ସହ ନିଷ୍ପତ୍ତି ନେବା ପାଇଁ ଉନ୍ନତ ବିଶ୍ଲେଷଣ ଉପକରଣର ବ୍ୟବହାର ଉପରେ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ। ଏକ ସାଧାରଣ ଓ ମାନକ ପଦ୍ଧତି ମାଧ୍ୟମରେ ସମସ୍ତ ବିଭାଗରେ




ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଲୋଚନାରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଡିପିଆଇସିର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

ଡିପିଆଇସି ପକ୍ଷରୁ ଉର୍ମିଳା ଚାଟାର୍ଜୀ ଡାଟା ପରିଚାଳନା, ଡାଟା ଆନାଲିଟିକ୍ସ ଓ ଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ବିଭାଗଗୁଡିକର ସାମର୍ଥ୍ୟକୁ ନେଇ ଡିପିଆଇସି ଦ୍ୱାରା କରାଯାଇଥିବା ତ୍ୱରିତ ଆକଳନ ଉପସ୍ଥାପନ କରିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ଡାଟା ଆଦାନପ୍ରଦାନ, ତଥ୍ୟ ଉପଲବ୍ଧତାରେ ସୁରକ୍ଷା, ତଥ୍ୟ ସଂରକ୍ଷଣ, ବ୍ୟାକଅପ୍ ଓ ଡାଟା ଗୁଣବତ୍ତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ପରିଚାଳନାରେ ସୁଦୃଢ଼ ଓ ସୁରକ୍ଷିତ ଭିତ୍ତିଭୂମି, ବ୍ୟାକଅପ୍, ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରୋଟୋକଲ୍, ମାନକ ଫର୍ମାଟ୍‌ର ବ୍ୟବହାର, ସିଷ୍ଟମ୍ ଓ ବିଭାଗଗୁଡ଼ିକ ପରସ୍ପରକୁ ତଥ୍ୟ ଆଦାନ ପ୍ରଦାନ ପରିଚାଳନା ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟଦକ୍ଷତା ଟ୍ରାକିଂ, ପୂର୍ବାନୁମାନ ଏବଂ ଅବଗତ ନିଷ୍ପତ୍ତି ନେବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଗୁଣାତ୍ମକ ଡାଟା ବିଶ୍ଲେଷଣ ଉପକରଣର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

## ଗୋଦାମରେ ଚଢ଼ାଉ: ଲକ୍ଷେ ଟଙ୍କାର ମହୁଲ ଫୁଲ ଜବତ



**ଦାରିଙ୍ଗବାଡି,୯।୪(ଅରୁଣ ସାହୁ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଏକ ବେଆଇନ ମହୁଲ ଗୋଦାମରେ ଚଢ଼ାଉ କରି ପ୍ରାୟ ୫୦ ଛୋଟ ବଡ଼ ବସ୍ତାରେ ଭର୍ତ୍ତି ମହୁଲ ଫୁଲକୁ ଜବତ କରିଛି। ବିଭାଗ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ଅନୁମାନ କରିଛି। ପ୍ରକାଶ ଯେ, ଉକ୍ତ ବ୍ଲକ ଡିଲୋରୀ ଗ୍ରାମର ଜୈନିକ ବ୍ୟବସାୟୀ ଦୀର୍ଘ ଦିନ ହେଲା ବେଆଇନ ଭାବେ କୌଣସି ପଞ୍ଜିକୃତ ନଥାଇ ମହୁଲ ଫୁଲ କିଣା ବିକା କରୁଥିଲେ। କୌଣସି ସୂତ୍ରରୁ ଦାରିଙ୍ଗବାଡି ଅବକାରୀ ବିଭାଗର ଇନଚାର୍ଜ ସାଗର ଭୋଇ ଖବର ପାଇ ବୁଧବାର ଅପରାହ୍ନରେ ଚଢ଼ାଉ କରି ଗୋଦାମ ଗୃହରୁ ମହୁଲ ଫୁଲକୁ ଜବତ କରିଛନ୍ତି। ଏହାର ଓଜନ କରିବା ପରେ ଏହାର ସରକାରୀ ମୂଲ୍ୟ ନିର୍ଦ୍ଧାରଣ କରାଯିବ ବୋଲି ଅବକାରୀ ବିଭାଗର ଇନଚାର୍ଜ ସାଗର ଭୋଇ କହିଛନ୍ତି।

# ଭୁବନେଶ୍ୱରରେ ଲେନ ଡ୍ରାଇଭ୍ ଲାଗୁ, ଉଲ୍ଲଂଘନରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୯।୪ (ସଂଚାର ବ୍ୟୁରୋ):** ରାଜଧାନୀରେ ଟ୍ରାଫିକ୍ ଜାମ୍ ନିୟନ୍ତ୍ରଣ କରିବା ସହ ଦୁର୍ଘଟଣା କମାଇବା ପାଇଁ କମିସନରେଟ ପୋଲିସର ବଡ଼ ପଦକ୍ଷେପ ନେଇଛି । ପ୍ରଥମଥର ପାଇଁ ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଲେନ୍ ଡ୍ରାଇଭ୍ । ଏବେ ପ୍ରାଥମିକ ପର୍ଯ୍ୟାୟରେ ଏହା କେବଳ ପ୍ରତି ପ୍ରମୁଖ ଛକ ଓ ବସ୍ ଷ୍ଟପେଜ୍ ଭଳି ସ୍ଥାନରେ ଲାଗୁ ହେବ । ଏହି ସବୁ ସ୍ଥାନରେ କିଛିଦିନ ପାଇଁ ୧୫୦ ମିଟର ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ କୋନ୍ ରଖାଯିବ। ଗାଡ଼ିଗୁଡ଼ିକ କୋନ୍‌ରେ ଦର୍ଶାଯାଇଥିବା ଲେନ୍‌ରେ ହିଁ ଯିବେ । ବାଇକ୍, କାର୍ କିମ୍ବା ଟ୍ରକ୍ ପାଇଁ ନିର୍ଦ୍ଦିଷ୍ଟ ଭାବେ ଲେନ୍ କରାଯାଇ ନାହିଁ । ତିନୋଟି ଥାକରେ ଲେନ୍ ପ୍ରସ୍ତୁତ



କରାଯାଇଛି । ଏହା ଦ୍ୱାରା ଦୁର୍ଘଟଣାର ସଂଖ୍ୟା କମିବ ବୋଲି କମିସନରେଟ ପୋଲିସ କହିଛି ।

ଏହା ମଧ କୁହାଯାଇଛି ଯେ ଯିଏ ଯେଉଁ ଲେନ୍‌ରେ ଥିବେ, ଟ୍ରାଫିକ୍ ଛକ ପୂର୍ବରୁ ସେହି ଲେନ୍‌ରେ ହିଁ ରହିବେ। ଏହି ସ୍ଥାନରେ କୌଣସି ଗାଡ଼ି ଅନ୍ୟ ଗାଡ଼ିକୁ ଅତିକ୍ରମ କରିପାରିବ ନାହିଁ ବୋଲି ଟ୍ରାଫିକ୍ ଡିସିପି ତପନ ମହାନ୍ତି କହିଛନ୍ତି। ଏଥିରେ କେହି ନିୟମ ଉଲ୍ଲଂଘନ କଲେ, ସେଠାରେ ଥିବା ଟ୍ରାଫିକ୍ ପୋଲିସ କାର୍ଯ୍ୟାନୁଷ୍ଠାନ ନେବେ ।

ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ଣ ରେ ଜୟଦେବବିହାର ଓଭରବ୍ରିଜ୍ ନିକଟରେ ପରୀକ୍ଷାମୂଳକ ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଛି। ପ୍ରଥମେ କିଛିଦିନ ଲୋକଙ୍କୁ ସଚେତନ କରାଯିବ । ପରବର୍ତ୍ତୀ ସମୟରେ ଏହାକୁ ପ୍ରତି ଛକରେ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ଡିସିପି ଶ୍ରୀ ମହାନ୍ତି କହିଛନ୍ତି ।

## ଗୋଳାବାରୁଦ କାରଖାନାରେ ବିସ୍ଫୋରଣ: ଜଣେ ଗୁରୁତର

**ବଲାଙ୍ଗୀର,୯।୪(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନାରେ ବୁଧବାର ରାସାୟନିକ ଦ୍ରବ୍ୟ ମିଶ୍ରଣ ବେଳେ ବିସ୍ଫୋରଣ ଘଟି ଜଣେ




ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର କର୍ମଚାରୀ ଶିବ ପ୍ରସାଦ ଭୋଇଙ୍କୁ ରାଉରକେଲା ବର୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଘଟଣାସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରି ଦିଆଯାଇଛି।

# ବଲାଙ୍ଗୀରରେ ଶିଶୁ ବିକ୍ରି ଅଭିଯୋଗ, ତଦନ୍ତ ଆରମ୍ଭ



**ବଲାଙ୍ଗୀର,୯।୪(ସଂଚାର ବ୍ୟୁରୋ):** ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଏକ ନବଜାତ ଶିଶୁ ପୁତ୍ର ବିକ୍ରି ପାଇଁ ଡିଲ୍ ହୋଇଥିବା ଜଣାପଡିଛି। ଶିଶୁପୁତ୍ରକୁ ଟଙ୍କା ଦେଇ ଜଣେ ଦମ୍ପତି କିଣିଥିବା ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଛି। ବଲାଙ୍ଗୀର ସହର ମାଳପଡାରେ ଭଡ଼ାଘରେ ରହୁଥିବା ଜଣେ ମହିଳା ଗତ ୬ ତାରିଖ ଦିନ ଶିଶୁକୁ ଜନ୍ମ ଦେଇଥିଲେ। ଗତ ୮ ତାରିଖ ଦିନ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ସେଇ ଦିନ ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥି ସମ୍ପୃକ୍ତ ନବଜାତ ଶିଶୁକୁ ସେଠାରୁ ନେଇ ଯାଇଥିବା ଜଣାପଡିଛି। ଶିଶୁ ମଙ୍ଗଳ ସମିତି ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଶିଶୁ ପୁତ୍ର ଏପର୍ଯ୍ୟନ୍ତ ଠାବ କରାଯାଇନାହିଁ। ଏଡିଏମ୍ ପବିତ୍ର ବେହେରା ବଲାଙ୍ଗୀର ମାଳପଡାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ୨ ଡ୍ରଗ୍ସ ବେପାରୀଙ୍କୁ ଗିରଫ: ଅଧକିଲୋ ବ୍ରାଉନ୍‌ସୁଗର୍ ଜବତ

**ଭୁବନେଶ୍ୱର,୯।୪ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ବଢ଼ିଚାଲିଛି ନିଶା କାରବାର। ସହରର ପ୍ରତ୍ୟେକ ଗଳିକନ୍ଦିରେ ଥିବା ପାନ ଘୁଚୁକା ଦୋକାନ ଏବଂ ବସ୍ତିମାନଙ୍କରେ ଗଞ୍ଜେଇ ସାଙ୍ଗକୁ 'ଧଳା ଜହର' ମଧ୍ୟ ଉପଲବ୍ଧ ହେଉଛି। ଏହାରି ମଧ୍ୟରେ ବୁଧବାର କମିଶନରେଟ ପୋଲିସ ୨ ଡ୍ରଗ୍ସ ବେପାରୀଙ୍କୁ ଗିରଫ କରିଛି। ଦୁଇଜଣ ଭୁବନେଶ୍ୱରରେ ବ୍ରାଉନ୍‌ସୁଗାର ସପ୍ଲାଇ କରୁଥିବା ବେଳେ ମାଡ଼ିବସିଥିଲା ପୋଲିସ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୫୧୫ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଦ୍ୱୟ ବାଲେଶ୍ୱରର ସାହିଲ ମହମ୍ମଦ, ଜାହାଙ୍ଗୀର ମହମ୍ମଦ ବୋଲି ଜଣାପଡିଛି।



## ଓଲଟିଲା ଆମ୍ବୁଲାନ୍ସ: ଚାଳକ ଆହତ

### *ନିଶାସକ୍ତ ଚାଳନାର ପ୍ରଭାବ*



**ପାଟଣା,୯।୪ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ କପୁଣ୍ଡି ରାସ୍ତାର କପୁଣ୍ଡି ପଇଦା ବନ୍ଧ ନିକଟରେ ବୁଧବାର ଭାରସାମ୍ୟ ହରାଇ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଛି। ଦୁର୍ଘଟଣା ରେକଟା ବେଡ଼ା ଗ୍ରାମର ଡ୍ରାଇଭର ଦୟାନିଧି ମହାନ୍ତ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ପାଟଣା ପୋଲିସ ଏସ୍‌ଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆମ୍ବୁଲାନ୍ସ ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଦୁର୍ଘଟଣା ଘଟାଇଥିବା ପୋଲିସ କହିଛି। ଆମ୍ବୁଲାନ୍ସଟି ଖଡ଼ିକା ପଦା ଗାଁରୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗର୍ଭବତୀଙ୍କୁ ଆଣିବା ପାଇଁ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି।

## କାଲିଠାରୁ ବରଗଡ଼ରେ ସକାଳୁଆ ଅଫିସ

**ବରଗଡ଼,୯।୪ (ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ଆସନ୍ତା ୧୦ତାରିଖ ଅର୍ଥାତ୍ ଗୁରୁବାରରୁ ସମସ୍ତ ସରକାରୀ ଅଫିସରେ ସକାଳୁଆ କାର୍ଯ୍ୟ ଚାଲିବ। ସକାଳ ୭ଟାରୁ ସରକାରୀ ଅଫିସଗୁଡ଼ିକ ଖୋଲି ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଅଫିସ କାର୍ଯ୍ୟ ଚାଲିବ। ତେବେ ଏହି ସମୟ ଅବଧିରେ ମଧ୍ୟାହ୍ନଭୋଜନ ବିରତି ରହିବ ନାହିଁ। ଆସନ୍ତା ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଏଭଳି ସକାଳୁଆ ଅଫିସ କାର୍ଯ୍ୟ ଚାଲିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜବତ, ଚାଳକ ଫେରାର୍

**ଭୁବନ,୯।୪ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ଭୁବନ ବନ ବିଭାଗ ପକ୍ଷରୁ ବୁଧବାର ସକାଳ ସମୟରେ ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରକ କଅସର ଗୋଡା ଗ୍ରାମ ନିକଟରୁ ଜବତ କରିଛି। ସେହି ରାସ୍ତା ଦେଇ ବନ ବିଭାଗ ରେଞ୍ଜର ରାକେଶ ଦଳେଇଙ୍କ ନେତୃତ୍ୱରେ ଫରେଷ୍ଟର କଳ୍ପନା ବେହେରା ଫରେଷ୍ଟଗାର୍ଡ ତୁଳସୀ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ପେଟ୍ରୋଲିଙ୍ଗରେ ଯାଉଥିଲେ। ଟ୍ରକ ଚାଳକ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଦୌଡି ପଳେଇ ଯାଇଥିଲେ। ବେଆଇନ ପଥର ଟ୍ରକ ସନ୍ଦେହରେ ବନବିଭାଗ ଟ୍ରକ ନମ୍ବର ଓଆର ୦୯ - ଏଫ- ୪୩୮୦ କୁ ଜବତ କରିଛନ୍ତି । ବାରମ୍ବାର ଭୁବନ ଅଞ୍ଚଳରେ ବେଆଇନ ପଥର,ବାଲି ଓ କୋଇଲା ଚୋରା କାରବାର ବ୍ୟବସାୟ ବୃଦ୍ଧି ପାଉଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ଏହି ସବୁ ବେଆଇନ କାରବାର ନେଇ ବନ ବିଭାଗ ପେଟ୍ରୋଲିଙ୍ଗ ଜାରି ରଖିଛି।

# ଗ୍ୟାସ୍ ଓ ତୈଳ ଦର ବୃଦ୍ଧି ନିଷ୍ପତ୍ତିକୁ ଆପ୍‌ର କଡ଼ା ସମାଲୋଚନା

**ଭୁବନେଶ୍ୱର,୯।୪ (ସଂଚାର ବ୍ୟୁରୋ):** ସମ୍ପ୍ରତି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିଚାଲିଥିଲାବେଳେ ଭାଜପା ସରକାରର ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ଟଙ୍କା ଓ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୨ଟଙ୍କା ବଢେଇବାର ନିଷ୍ପତ୍ତି ଗରିବ ଓ ମଧ୍ୟବିତ୍ତଙ୍କ ଅଣ୍ଟା ଭାଙ୍ଗି ଦେଲାପରି ମନେ ହେଉଛି। ଅଚ୍ଛେଦିନର ରାଗ ଆଳାପ କରୁଥିବା ଭାଜପା ସରକାର ବାରମ୍ବାର ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି କରି ଜନତାଙ୍କୁ ଦରବୃଦ୍ଧିର ବୋଝ ତଳେ ଚାପିଦେବାଟା କଣ ପ୍ରକୃତ ଅଚ୍ଛେଦିନ କି ବୋଲି ଆମ୍ ଆଦମୀ ପାର୍ଟି ପ୍ରଶ୍ନ କରୁଛି ? ଏପ୍ରିଲ୍ ୮ତାରିଖରୁ ଲାଗୁ ହୋଇଥିବା ଏହି ପରିବର୍ଦ୍ଧିତ ଦରରେ ସାଧାରଣ ଗ୍ରାହକଙ୍କ ପାଇଁ ଓଡ଼ିଶାରେ ୧୪.୨ କେଜି ଏଲପିଜି ସିଲିଣ୍ଡରର ମୂଲ୍ୟ ୮୨୯ ଟଙ୍କାରୁ ୮୭୯ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଗରିବ ସୀମାରେଖା ତଳେ ରହୁଥିବା ଉଜ୍ୱଲା ହିତାଧିକାରୀଙ୍କ ପାଇଁ ସିଲିଣ୍ଡର ପିଛା ୫୦୩ ଟଙ୍କାରୁ ୫୫୩ ଟଙ୍କା ବଢେଇ ଉଜ୍ୱଲା ଏକ ଯୋଜନା ନୁହେଁ ବରଂ ମୋଦି ସରକାରର ଏକ ପ୍ରହସନ ଥିଲା ବୋଲି ପ୍ରମାଣିତ ହୋଇଛି। ଅନ୍ୟ ରାଜ୍ୟ ଗୁଡ଼ିକରେ ଭାଜପା ମାଗଣା ସିଲିଣ୍ଡର




ବାଣ୍ଟିବାର ପ୍ରତିଶ୍ରୁତି ଦେଇଥିବାବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ବଢେଇ ଏଠାକାର ଭାଜପା ସରକାର ଓଡ଼ିଶାବାସୀଙ୍କ ବୋଝ ଉପରେ ନଳିତା ବିଡା ଲଦି ଦେବାର ଦୁଷ୍ପ୍ରୟାସ କରୁଛନ୍ତି। ଦରହ୍ରାସର ପ୍ରତିଶ୍ରୁତି ଦେଇଥିବା ମୋହନ ସରକାର ଓଲଟା ରନ୍ଧନ ଗ୍ୟାସ ମୂଲ୍ୟ ବଢେଇ ଓଡ଼ିଶାର ଅଗଣିତ ମା, ଭଉଣୀଙ୍କ ଚୁଲିମୁଣ୍ଡର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଥିବାରୁ ଆମ୍ ଆଦମୀ ପାର୍ଟି ଗଭୀର ଉଦବେଗ ପ୍ରକାଶ କରୁଛି। କେବଳ ସେତିକିରେ କଥା ସରୁନାହିଁ। ପେଟ୍ରୋଲ, ଡିଜେଲ ଲିଟର ପିଛା ଆହୁରି ୨ ଟଙ୍କା ବଢେଇ ସରକାର ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଜନତାଙ୍କ ଉପରେ କ୍ରୁର ପ୍ରହାର କରିଛନ୍ତି। ପୂର୍ବରୁ ଆମେ ଅନେକ ସମୟରେ ଦେଖିଛେ ଯେ ଆନ୍ତର୍ଜାତୀୟ ବଜାରରେ କଞ୍ଚାତେଲର ମୂଲ୍ୟବୃଦ୍ଧି ହେଲେ ପେଟ୍ରୋଲ, ଡିଜେଲର ଆନୁପତିକ ମୂଲ୍ୟବୃଦ୍ଧି ହୋଇଥାଏ।

ଆପଣମାନଙ୍କ ସୂଚନା ନିମନ୍ତେ ଆମେ ଜଣାଇବାକୁ ଚାହୁଁଛୁ ଯେ ଏପ୍ରିଲ ୨୦୨୪ରେ କଞ୍ଚାତେଲର ବ୍ୟାରେଲ୍ ପିଛା ଆନ୍ତର୍ଜାତୀୟ ବଜାର ମୂଲ୍ୟ ୮୬ ଆମେରିକୀୟ ଡଲାର ଥିଲାବେଳେ ଏପ୍ରିଲ ୨୦୨୫ରେ ଏହାର ମୂଲ୍ୟ କମି ବ୍ୟାରେଲ୍ ପିଛା ୬୦ ଆମେରିକୀୟ ଡଲାରରେ ପହଞ୍ଚିଛି। ଏଣୁ ଆନ୍ତର୍ଜାତୀୟ ବଜାରଦର ଅନୁଯାୟୀ ଆନୁପାତିକ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ହ୍ରାସ ହେବାର ଆବଶ୍ୟକତା ଥିଲା ବେଳେ ଦରବୃଦ୍ଧି ନିଷ୍ପତ୍ତି ଉଦାର ନୀତି ଅବା ଚାଲାକ ମହାଜନୀ ନୀତି ସରକାର ଆପଣେଇଛନ୍ତି କି ବୋଲି ଆମ୍ ଆଦମୀ ପାର୍ଟି ପ୍ରଶ୍ନ କରୁଛି ? ପୂର୍ବ ସରକାର ସମୟରେ ପେଟ୍ରୋଲ , ଡିଜେଲ ଦର ବୃଦ୍ଧିକୁ କମ୍ କରିବାପାଇଁ ବିରୋଧୀଦଳର ମୁଖ୍ୟ ସଚେତକ ଥିବା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଉପସଭାପତି ଗୋଲକ ନାୟକଙ୍କ ଭଳି ତୁଙ୍ଗନେତାମାନେ ପେଟ୍ରୋଲ, ଡିଜେଲ ଦରରୁ ଭାଟ ବାବଦରେ ନବୀନ ସରକାର ନେଉଥିବା ଟିକସକୁ କମାଇବା ପାଇଁ ଅଯାଚିତ ପରାମର୍ଶ ଦେଉଥିଲେ। ଏଣୁ ଆମ୍ ଆଦମୀ ପାର୍ଟି ମୋହନ ସରକାରଙ୍କୁ ପରାମର୍ଶ ଦେଉଛି ଯେ ଯେହେତୁ ନବୀନ ଆପଣଙ୍କ କଥା ନ ମାନି କ୍ଷମତାଚ୍ୟୁତ ହେଲେ ଆପଣ ସେଭଳି ତ୍ରୁଟିକୁ ପୁନରାୟ ନ ଦୋହରାଇ ଭାଟ ବାବଦରେ ଆପଣଙ୍କ ସରକାର ନେଉଥିବା ଟିକସକୁ କମାଇ ସମ୍ପ୍ରତି ଉପୁଜିଥିବା ଦରବୃଦ୍ଧି ଜନିତ ରାଜ୍ୟବାସୀଙ୍କ ବୋଝକୁ ଲାଘବ କରନ୍ତୁ। ଅନ୍ୟଥା ଭାରତୀୟ ଜନତା ପାର୍ଟି କାମରେ ନୁହେଁ କଥାରେ ବିଶ୍ୱାସ କରୁଥିବାର ନଜିର ପୁଣିଥରେ ପ୍ରମାଣିତ ହେବ। ସର୍ବକାଳୀନ ମୂଲ୍ୟବୃଦ୍ଧି, ବିପର୍ଯ୍ୟସ୍ତ ସେୟାର ମାର୍କେଟ ଜନିତ ମାନ୍ଦା ବଜାରର ପ୍ରଭାବରେ ହନ୍ତସନ୍ତ ହେଉଥିବା ସାଧାରଣ ଜନତାଙ୍କ ରୁଗଣ ଆର୍ଥିକ ସ୍ଥିତିର କୌଣସି ସମାଧାନ କରିବା ପରିବର୍ତ୍ତେ ନୀରବରେ ଟିକସ ବୋଝ ଲଦିଦେବା ଭଳି ଭାରତୀୟ ଜନତା ପାର୍ଟି ଯେଉଁ ଜନତାମାରଣ ନୀତି ଆପଣେଇଛି ତାହାକୁ କଡ଼ା ଶବ୍ଦରେ ଆମ୍ ଆଦମୀ ପାର୍ଟି ନିନ୍ଦା କରିବା ସହ ତୁରନ୍ତ ବର୍ଦ୍ଧିତ ଟିକସ ପ୍ରତ୍ୟାହାର କରିବାକୁ ଦାବି ଜଣାଉଛି।

## ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟର ସମ୍ପତ୍ତି ଆଟାଚ୍

**ସମ୍ବଲପୁର,୯।୪(ସଂଚାର ବ୍ୟୁରୋ):** ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟର ସ୍ଥାବର ସମ୍ପତ୍ତି ଆଟାଚ୍ ହୋଇଛି। ମୁଦିପଡ଼ାସ୍ଥିତ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟ ସମ୍ପତ୍ତି ଆଟାଚ୍ ହୋଇଛି। ବସ୍ ମାଲିକଙ୍କ ବକେୟା ପ୍ରଦାନ ମାମଲାରେ ସମ୍ପତ୍ତି ଆଟାଚ୍ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ସମ୍ପତ୍ତି ଆଟାଚ୍ ପ୍ରକ୍ରିୟା ଜାରି ରହିଛି। ବସ୍ ମାଲିକଙ୍କୁ ବକେୟା ଫେରସ୍ତ ନ କରିବା ମାମଲାରେ ନିର୍ଦ୍ଦେଶ ଦେଇଛନ୍ତି।




୧୯୯୯ରେ ସରୋଜ ତ୍ରିପାଠୀ ନାମକ ବ୍ୟକ୍ତି ପରିବହନ ନିଗମକୁ ୫୦ ହଜାର ସିକ୍ୟୁରିଟି ଟଙ୍କା ଦେଇ ଏକ ବସ ଲିଜରେ ନେଇଥିଲେ । ହେଲେ ପରିବହନ ବିଭାଗ ତାଙ୍କୁ ଏକ ଖରାପ ବସ ଲିଜ଼ରେ ଦେଇଥିଲେ। ଯେଉଁ ବସକି ସବୁବେଳେ ଖରାପ ହେଉଥିଲା । ହେଲେ ଯେହେତୁ ଏକ ବର୍ଷ ପାଇଁ ଚୁକ୍ତି ଥିଲା ତେଣୁ ବସକୁ ଚଲାଇ ଦୁଇ ପଇସା ଲାଭ କରିବା ପାଇଁ ନିଜ ହାତରୁ ଟଙ୍କା ଖର୍ଚ୍ଚା କରିଥିଲେ ଲିଜ ନେଇଥିବା ବ୍ୟକ୍ତି। ହେଲେ ପରିବହନ ବିଭାଗ ୬ ମାସ ପରେ ଆଉ ବସ ଚଳାଇବା ପାଇଁ ଅନୁମତି ଦେଲେ ନାହିଁ । ଯାହାଫଳରେ ଲିଜ ନେଇଥିବା ବ୍ୟକ୍ତି ପରିବହନ ବିଭାଗକୁ ଦେଇଥିବା ସିକ୍ୟୁରିଟି ଟଙ୍କା ମାଗିଥିଲେ। କିନ୍ତୁ ବିଭାଗ ଟଙ୍କା ଫେରାଇ ନଥିଲା। ଯାହାକୁ ନେଇ ୨୦୦୦ରେ ସମ୍ବଲପୁର ସିଭିଲ କୋର୍ଟରେ ମାମଲା ଦାୟର କରିଥିଲେ । ଦୁଇଥର କୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ ପାଇଥିଲେ ମଧ ବିଭାଗ ଟଙ୍କା ଫେରାଇ ନଥିଲେ। ଶେଷରେ କୋର୍ଟ ସୁଧ ମୂଳ ମିଶି ୩ ଲକ୍ଷ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଗଞ୍ଜେଇ ମିଳିଥିବା ଦୋକାନୀଙ୍କୁ ଉଠାଇ ନେଲା ପୋଲିସ

**ଭୁବନେଶ୍ୱର,୯।୪ (ସଂଚାର ବ୍ୟୁରୋ):** ରାଜଧାନୀରେ ୧୦ରୁ ଅଧିକ ଚା ଓ ପାନ ଦୋକାନରେ ସ୍ପେଶାଲ ସ୍କ୍ୱାର୍ଡର ରେଡ। ମିଳିଲା ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ପାଇଁ ବ୍ୟବହୃତ କାଗଜ । ଏସବୁ ରଖିଥିବା ଦୋକାନୀଙ୍କୁ ଉଠାଇନେଲା ପୋଲିସ । ଇନଫୋସିଟି ଥାନା ଅଞ୍ଚଳରେ ଥିବା ବିଭିନ୍ନ ପାନ ଓ ଚା ଦୋକାନ ଉପରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଚଢାଉ କରଥିଲା । ରେଡରେ ଭିନ୍ନ ଭିନ୍ନ ପ୍ରକାରର ଗଞ୍ଜେଇ ରାପର ଜବତ କରିଛି



ସ୍ପେଶାଲ ସ୍କ୍ୱାର୍ଡ। ଗଞ୍ଜେଇ ଟାଣିବା ପାଇଁ ଏହି ଫ୍ଲେବର୍ କାଗଚ ବା ରାପର୍ ସବୁ ବ୍ୟବହାର କରାଯାଉଥିଲା। ଏହାର ଦାମ ୧୨୦ରୁ ୧୪୦ ଟଙ୍କା ବୋଲି ସୂଚନା ମିଳିଛି। ଏହି ସବୁ ଗଞ୍ଜେଇ ମିଳିଥିବା ଦୋକାନୀଙ୍କୁ ଉଠାଇ ନେଇଛି ପୋଲିସ । ସ୍ପେଶାଲ କ୍ରାଇମ ୟୁନିଟ ଏଡିସିପି ଅନୁପ କାନୁନଗୋଙ୍କ ନେତୃତ୍ୱରେ ସ୍ପେଶାଲ କ୍ରାଇମ ୟୁନିଟ ଓ ଇନଫୋସିଟି ଥାନା ପୋଲିସର ମିଳିତ ଚଢାଉ କରିଥିଲେ। ପଥର ଗାଡ଼ିଆ, ପ୍ରଶାନ୍ତିବିହାର, ମ୍ୟାଗନେଟ ଛକ ଆଦି ଅଞ୍ଚଳରେ ଥିବା ଚା, ପାନ ଦୋକାନରେ ହୋଥିଲା ଚଢାଉ ।

# ବର୍ଜ୍ୟଜଳ ପରିଚାଳନା ୨ ପ୍ରତିଶତରୁ କମ୍

**ଭୁବନେଶ୍ୱର,୯।୪:** ରାଜ୍ୟର ୧୧୦ଟି ମ୍ୟୁନିସିପାଲିଟି ଓ ଏନଏସିରୁ ଯେତିକି ପରିମାଣର ବର୍ଜ୍ୟଜଳ ବାହାରୁଛି ତାହାର ୨ ପ୍ରତିଶତରୁ କମ୍ ପରିଚାଳନା କରାଯାଉଛି। ରାଜ୍ୟର ୪ଟି ମହାନଗର ନିଗମ ସମେତ ପୁରୀ ପୌରସଂସ୍ଥା ଏହି ବର୍ଜ୍ୟଜଳ ତାଲିକାରେ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୧୧୦ଟି ପୌରାଞ୍ଚଳରେ ବର୍ତ୍ତମାନ ପ୍ରାୟ ୬ ଲକ୍ଷ ୭୫ ହଜାର ପରିବାର ବସବାସ କରୁଥିବା ବେଳେ ୫୦ ଲକ୍ଷରୁ ଅଧିକ ଜନସଂଖ୍ୟା ରହିଛନ୍ତି। ଏମାନେ ବ୍ୟବହାର କରୁଥିବା ଜଳରୁ ବାହାରୁଥିବା ବର୍ଜ୍ୟଜଳର ପରିମାଣ ଦୈନିକ ୪୪୫ ନିୟୁତ ଲିଟର ରହିଛି । ତେବେ ଏଥିରୁ ମାତ୍ର ୮ନିୟୁତ ଲିଟରରୁ ସାମାନ୍ୟ ଅଧିକ ଜଳ ବିଶୋଧନ କରାଯାଇପାରୁଛି। ଏହାର ପରିମାଣ ମୋଟ୍ ବାହାରୁଥିବା ବର୍ଜ୍ୟଜଳ ପରିମାଣର ୧.୮୬ ପ୍ରତିଶତ ରହିଥିବା ସରକାରୀ ଭାବେ କୁହାଯାଉଛି।



ତେବେ ସରକାର ବର୍ଜ୍ୟଜଳ ପରିଚାଳନା ଯେଉଁ ଯେଉଁ ତଥ୍ୟ ଦର୍ଶାଇଛନ୍ତି ସେଥିରେ ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ସମ୍ବଲପୁର ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମ ଓ ପୁରୀ ପୌରସଂସ୍ଥା ସାମିଲ ହୋଇନାହାନ୍ତି। ଏହିସବୁ ପୌରସଂସ୍ଥାରୁ ବାହାରୁଥିବା ବର୍ଜ୍ୟଜଳ ଓ ତାହାର ପରିଚାଳନାର ତଥ୍ୟ ଉପସ୍ଥାପନ କରାଗଲେ ବହୁ ଉଦବେଗଜନକ ସ୍ଥିତି ପଦାକୁ ଆସି ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ଉଲ୍ଲେଖନୀୟ ଯେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ରୁ ବାହାରୁଥିବା ବର୍ଜ୍ୟଜଳ ଦୟାନଦୀରେ ମିଶିବା ଫଳରେ କେବଳ ଦୟା ଉପକୂଳରେ ଥିବା ଗାଁ ଗୁଡିକରେ ଲୋକେ ବିଭିନ୍ନ ରୋଗରେ ପଡୁନାହନ୍ତି, ଏହାର ପ୍ରଭାବରେ ଚିଲିକାର ଜଳ ପ୍ରଦୂଷିତ ହେଉଥିବା ଏଠାରେ ମାଛ ଓ କଙ୍କଡା ବଂଶ ହ୍ରାସ ପାଉଥିବା ନେଇ ପରିବେଶବିତ୍‌ମାନେ ବାରମ୍ବାର ଅଭିଯୋଗ କରିବାରେ ଲାଗିଛନ୍ତି।

ରାଜ୍ୟରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପୌରାଞ୍ଚଳର ସଂଖ୍ୟା ୯ଟି ରହିଛି। ଏଗୁଡିକ ମଧ୍ୟରେ ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ବଲାଙ୍ଗିର, ଝାରସୁଗୁଡା, ଜୟପୁର, ବରଗଡ ଓ ବ୍ରଜରାଜନଗର ରହିଛି। ତେବେ ରାଜ୍ୟରେ ଥିବା ୧୧୫ଟି ପୌରାଞ୍ଚଳ ମଧ୍ୟରୁ ୧୧୦ଟି ସହରାଞ୍ଚଳରେ ଲୋକେ ବ୍ୟବହାର କରୁଥିବା ଜଳକୁ ଛାଡିବାପାଇଁ ସ୍ୱରେଜ ବ୍ୟବସ୍ଥା ନାହିଁ। ଏହିସବୁ ସ୍ଥାନରେ ଜଳଗୁଡ଼ିକୁ ଖୋଲାନାଳକୁ ଛଡାଯାଇଥାଏ। ରାଜ୍ୟରେ ଥିବା ୪ଟି ମହାନଗର ନିଗମ ସମେତ ପୁରୀ ପୌରାଞ୍ଚଳରେ ସ୍ୱରେଜ ବ୍ୟବସ୍ଥା ରହିଥିବାବେଳେ ତାହା ମଧ୍ୟରୁ ବ୍ୟବହାର ହେଉଥିବା ଜଳ ଛଡାଯାଇଥାଏ। ଏଠାରେ ଜଳ ପରିଚାଳନା ପାଇଁ ୧୨ଟି ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଥିବାବେଳେ ତାହାର ଏହାର କ୍ଷମତା ଦୈନିକ ୩୭୩ ନିୟୁଜ ଲିଟର ଜଳ ରହିଛି।

ତେବେ ଏହିସବୁ ସହରାଞ୍ଚଳରୁ ନର୍ଦ୍ଦମା ସମେତ ବାହାରୁଥିବା ବର୍ଜ୍ୟ ଜଳ ମଧ୍ୟରୁ ଦୈନିକ ମାତ୍ର ୧୮୬ ନିୟୁତ ଜଳର ପରିଚାଳନା ହୋଇପାରୁଛି। ରାଜ୍ୟର ସହରାଞ୍ଚଳରେ ଜନସଂଖ୍ୟା ବଢି ଚାଲିଥିବାବେଳେ ବାହାରୁଥିବା ବର୍ଜ୍ୟଜଳର ପରିମାଣ ମଧ୍ୟ ବୃଦ୍ଧି ପାଉଛି । ଏଭଳି ସ୍ଥିତିରେ ବର୍ଜ୍ୟଜଳର ପରିଚାଳନା ପାଇଁ ବ୍ୟବସ୍ଥା ହେଉନଥିବାରୁ କେବଳ ସହରାଞ୍ଚଳର ପରିବେଶ ବିଗୁଡୁନାହିଁ, ସହରତଳି ଅଞ୍ଚଳ ଅଞ୍ଚଳ ଆଖପାଖରେ ଥିବା ନଦୀ ନାଳ ଓ ଜଳଉତ୍ସ ଗୁଡିକ ବ୍ୟାପକ ଭାବେ ପ୍ରଦୂଷିତ ହେବାରେ ଲାଗିଛି। (ତଥ୍ୟ)

# ଡ୍ରାଗନ ସହ ବନ୍ଧୁତା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ ସାରା ବିଶ୍ୱ ପ୍ରଭାବିତ। ବିଶ୍ୱର ୧୮% ଦେଶ ଏଥିରେ ପ୍ରଭାବିତ ହୋଇଛି। ଆମେରିକା ବିରୋଧରେ ଚୀନର ପାଲଟା ପଦକ୍ଷେପ ପରେ ଆମେରିକା ଓ ଚୀନ ମୁହାଁମୁହିଁ ହୋଇଛନ୍ତି। ଏହା ଦ୍ୱାରା ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ସେୟାର ମାର୍କେଟ ଧରାଶାୟୀ। ଯଦିଓ ବିଶ୍ୱବଜାରରେ ତୈଳ ଦର ହ୍ରାସ ପାଇଛି, କିନ୍ତୁ ଏହା କେତେଦିନ ସ୍ଥିର ରହିବ ତାହା ବଡ଼ ପ୍ରଶ୍ନ। ଏହା ଦ୍ୱାରା ନିବେଶକମାନେ ହତାଶ ହୋଇଛନ୍ତି। ସେମାନେ ଏବେ ମାର୍କେଟର ନିଜ ଅର୍ଥ ବିନିଯୋଗ କରିବାକୁ ଆଗ୍ରହୀ ନୁହଁନ୍ତି। ଇତିମଧ୍ୟରେ ଟ୍ରମ୍ପ ଚୀନ ଉପର ୧୦୪ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ଏହା ବୁଧବାରଠାରୁ ଲାଗୁ ହୋଇଛି। ଭାରତ ପ୍ରତି ମଧ୍ୟ ବର୍ଦ୍ଧିତ ଟାରିଫ ଲାଗୁ ହୋଇଛି। ଟ୍ରମ୍ପଙ୍କ ପାଗଳାମି ପାଇଁ ଆଜି ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଯଦିଓ ବେଜିଂ ସହ ଆଲୋଚନା ନିମନ୍ତେ ଆମେରିକା ପ୍ରସ୍ତୁତ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି କିନ୍ତୁ ଚୀନ ଏଥିପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିନି। ଚୀନ ଏକ ଶକ୍ତିଶାଳି ଏବଂ ସମୃଦ୍ଧ ରାଷ୍ଟ୍ର। ଏହା ଆମେରିକା ଉପରେ ନିର୍ଭରଶୀଳ ନୁହେଁ। ବରଂ ଆମେରିକା ଚୀନର ବଜାର ଉପରେ ଅନେକାଂଶରେ ନିର୍ଭରଶୀଳ। ତେଣୁ ଆଗକୁ ଟ୍ରମ୍ପଙ୍କ ଭୁଲ ନିଷ୍ପତ୍ତି ପାଇଁ ଆମେରିକା କ୍ଷତିଗ୍ରସ୍ତ ହେବ। ଏଥିଲାଗି ଆମେରିକାରେ ଏବେ ଟ୍ରମ୍ପଙ୍କ ବିରୋଧରେ ଜନ ଅସନ୍ତୋଷ ବିସ୍ଫୋରକ ରୂପ ନେଉଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ଟାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ



ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ର୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବି୍ବର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ତାରିପ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଠିଥକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ଋଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଟ୍ରମ୍ପଙ୍କ ଭୁଲ ନିଷ୍ପତ୍ତି ପାଇଁ ଆଜି ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ପ୍ରଭାବ ଏକ ମହାଯୁଦ୍ଧର ପ୍ରଭାବ ସହ ସାମନା। ଅନେକ ବର୍ଷ ପର୍ଯ୍ୟନ୍ତ ଏହା ବଜାୟ ରହିବ। ଯଦି ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେବ ଏବଂ ସେ ନିଜ ନିଷ୍ପତ୍ତିର ପୁନର୍ବିଚାର କରି ଟାରିଫ ପ୍ରତ୍ୟାହାର କରିବେ ତେବେ ସ୍ଥିତି ଶୀଘ୍ର ସ୍ୱାଭାବିକ ହୋଇଛି। ଟ୍ରମ୍ପ ଯାହା ପଦକ୍ଷେପ ନେଇଛନ୍ତି ତାହା ବିଶ୍ୱ ବାଣିଜ୍ୟ ଚୁକ୍ତିର ଖିଲାପ କରୁଛି। ତେଣୁ ଆମେରିକା ବିରୋଧରେ ବିଶ୍ୱର ସବୁ ପ୍ରମୁଖ ରାଷ୍ଟ୍ର ଏକାଠି ହୋଇ ଏହାକୁ ବୟକଟ କରିବା ଉଚିତ। ତେବେ ବର୍ତ୍ତମାନ ପରିସ୍ଥିତିରେ ଆତ୍ମନିର୍ଭରଶୀଳତାର ମୂଲ୍ୟ ଲୋକେ ବୁଝୁଛନ୍ତି।

# ରାଜଧାନୀ ପ୍ରତିଷ୍ଠା, ମହତାବଙ୍କ ଟ୍ରମ୍ପକାର୍ଡ



**ବିପିନ ବିହାରୀ ରାଉତ**

ରାଜଧାନୀ ଭୁବନେଶ୍ୱରର ଅୟମାରମ୍ଭ ୧୯୪୮ ଏପ୍ରିଲ ୧୩ ତାରିଖ ଦିନ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଅବସରରେ ଆରମ୍ଭ ହୋଇଥିଲାବେଳେ ଇତିମଧ୍ୟରେ ୭୩ ବର୍ଷ ଅତିକ୍ରାନ୍ତ ହୋଇଛି। ମାତ୍ର ୪୦ ହଜାର ଜନସଂଖ୍ୟା ବିଶିଷ୍ଟ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନର ଭୁବନେଶ୍ୱର ଏବେ ୧୨ଲକ୍ଷ ଲୋକଙ୍କ ଜୀବନ ଜୀବିକାର ଆବାସସ୍ଥଳୀ। ଏହା ଏବେ ମହାନଗରୀରେ ପରିଣତ ହୋଇଛି ଏବଂ ଏହାର କଳେବର ବିଭିନ୍ନ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି। ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଏହା ଏକ ଆଦର୍ଶ ନଗରୀରେ ପରିଣତ ହେବ ବୋଲି କହିଥିଲେ। ସମୟ ଗଡ଼ି ଚାଲିବା ସହିତ ଭୁବନେଶ୍ୱର ଏନଏସିର ରୂପ ବଦଳି ଏହା ମ୍ୟୁନିସିପାଲଟି ଓ ପରେ ମହାନଗର ନିଗମରେ ପରିଣତ ହୋଇଛି। ୬୭ ବର୍ଷରେ ରାଜଧାନୀ ଭୁବନେଶ୍ୱର ପଦାର୍ପଣ କରିଥିଲାବେଳେ ଏହି ଅବସରରେ ରାଜଧାନୀର ନକ୍ସାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ବହୁ ସଫଳତା ଓ ବିଫଳତା ମଧ୍ୟ ଦେଇ ଏହି ସହର ଆଗକୁ ମାଡ଼ି ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ରାଜ୍ୟ ସରକାର ୧୯୮୨ରେ ବିଡ଼ିଏ ଗଠନ କରିଥିଲେ। ଇତିମଧ୍ୟରେ ଓଡ଼ିଶାର ପ୍ରଥମ ସହର ଭାବରେ ଭୁବନେଶ୍ୱରରେ ପିପି ସ୍କିମ କାର୍ଯ୍ୟକାରୀ ହେଉଛି। ଭୁବନେଶ୍ୱର ଉପକଣ୍ଠରେ ମୋଟ ୫୮ଟି ରାଜସ୍ୱ ଗ୍ରାମରେ ୪୫ ଟାଉନ ପ୍ଲାନିଂ ସ୍କିମ କରି ଏହାକୁ ସହରୀକରଣ ଢ଼ାଞ୍ଚାରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି। ଭୁବନେଶ୍ୱର ମହାନଗର ନିଗମର ସବୁଠାରୁ ବଡ଼ ଶପଥ ଥିଲା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ମାନ୍ୟତା ଏହାପାଇଁ ବିଏମ୍‌ସି ସବୁଆଡ଼ୁ ପ୍ରଶଂସା ମଧ୍ୟ ପାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟିକୁ ସିଟିଜ୍ ଆୱାର୍ଡ଼ ମିଳିଛି। ମନ୍ଦିରମାଳିନୀ ସହର ଦେଶର ଏକ ନମ୍ବର ସ୍ମାର୍ଟ ସିଟିରେ ପରିଣତ ହୋଇଛି। ୧୯୪୮ ମସିହାରୁ ବିଜ୍ଞପିତ ଅଞ୍ଚଳ ପରିଷଦରୁ ଯାତ୍ରା ଆରମ୍ଭ କରି ୧୯୭୯ ମୁନ୍‌ସିପାଲଟି ମାନ୍ୟତା ପାଇଥିଲା। ପରେ ୧୯୯୪ରେ ମିଳିଥିଲା ମହାନଗର ନିଗମ ଟ୍ୟାଗ। ୧୯୪୮ ମସିହା ଅପ୍ରେଲ ୧୩ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଭୁବନେଶ୍ୱରରେ ରାଜ୍ୟର ନୂଆ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ଜର୍ମାନ ଆର୍କିଟେକ୍ଟ ଋଓଟୋ କୋନିଙ୍ଗବର୍ଜର ମୁଖ୍ୟ ବିନ୍ଧାଣୀ ସାଜି ଭୁବନେଶ୍ୱରର ଡିଜାଇନ୍ ପ୍ରସ୍ତୁତ କରିଥିଲେ। ସେତେବେଳେ ଭୁବନେଶ୍ୱରର ଜନସଂଖ୍ୟା ଥିଲା ମାତ୍ର ୨୦ ହଜାର। ତେବେ ୨୦୧୧ ଜନଗଣନା ଅନୁଯାୟୀ ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧି ପାଇ ୮ଲକ୍ଷ ୪୦ ହଜାର ୬୪୩ ପହଞ୍ଚିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ଜନସଂଖ୍ୟା ପାଖାପାଖି ୧୫ ଲକ୍ଷ ଟପିଥିବା ଅନୁମାନ କରାଯାଉଛି।

ନୂଆ ରାଜଧାନୀ ପ୍ରତିଷ୍ଠା ପାଇଁ ଦୁଇକୋଟି ଟଙ୍କା ଦରକାର ପଡ଼ିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବଙ୍କ ପାଇଁ ଏହାଥିଲା ବହୁତ ବଡ଼ ସମସ୍ୟାର କଥା। ଏହି ସମୟରେ କେନ୍ଦ୍ରର ତତ୍କାଳୀନ ଅର୍ଥ ବିଭାଗ ମୁଖ୍ୟ ଥିଲେ ଲିୟାକତ୍ ଅଲ୍ଲୀ ସେ ଥିଲେ ମୁସଲିମ ଲିଗର ରାଜନେତା। ତାଙ୍କୁ ଯେତେବେଳେ ମହତାବ ଭେଟି ଅର୍ଥ ମଞ୍ଜୁର ପାଇଁ ସହାୟତା ମାଗିଲେ ସେ ସିଧା ମନା କରିଦେଲେ। ତେବେ ରାଜନୀତିରେ ବେଶ ଚତୁର ଚାଣକ୍ୟ ଡକ୍ଟର ମହତାବ ତାଙ୍କର



ଟ୍ରମ୍ପ କାଡର୍ ଖେଳିଥିଲେ। ସେ କହିଥିଲେ ଓଡ଼ିଶା ଏକ ହିନ୍ଦୁ ପ୍ରଦେଶ। ଜଣେ ମୁସଲମାନ ନେତାଙ୍କ ଦ୍ୱାରା ଏହା ଅବହେଳିତ ହେଉଛି ବୋଲି ଭାବନା ଯଦି ଜନସମାଜକୁ ଯିବ ଏହା ଆଦୌ ଗ୍ରହଣୀୟ ହେବନାହିଁ। ତତ୍କାଳ ଅର୍ଥମନ୍ତ୍ରୀ ଲିୟାକତ୍ ଅର୍ଥ ମଞ୍ଜୁର କଲେ। ସ୍ୱାଧୀନ ଭାରତରେ ଭୁବନେଶ୍ୱର ହିଁ ଏକମାତ୍ର ରାଜ୍ୟ ଯାହାକୁ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଅର୍ଥ ମଞ୍ଜୁର କରିଥିଲେ। ଅନ୍ୟ ସମସ୍ତ ରାଜ୍ୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ନିକଟରୁ ଧାର ସୂତ୍ରରେ ଅର୍ଥ ଆଣି ପରେ ଶୁଝିଛନ୍ତି।

୧୯୪୩ ମସିହା କଟକ ରେଭେନ୍ସା କଲେଜ କ୍ୟାମ୍ପସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ପରେ ଏହା ଭୁବନେଶ୍ୱରକୁ ଉଠି ଆସିଥିଲା। ୧୯୫୮ ମସିହା ଜାନୁଆରୀ ୧ ତାରିଖରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ଶିଳାନ୍ୟାସ କଲେ। ୧୯୬୩ ଜାନୁଆରୀ ୨ ତାରିଖରେ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ଏହାର ଉଦ୍‌ଘାଟନ କରିଥିଲେ। ନୂଆ ରାଜଧାନୀ ହେବାପରେ ଭୁବନେଶ୍ୱରରେ ବିଧାନସଭା ଚାଲିଲା ଯାହାକି ପୂର୍ବରୁ କଟକ ରେଭେନ୍ସା କଲେଜର ଆସେମ୍ବ୍ଲିହଲରେ ବିଧାନସଭା ଚାଲିଥିଲା। ପ୍ରଥମେ ୟୁନିଟ-୨ ଅଞ୍ଚଳରେ ବିଧାନ ସୌଧ ନିର୍ମାଣ ହେଲା। ସେଠାରେ କିଛିଦିନ ବିଧାନ ସଭା ଚାଲିବା ପରେ ନୂଆ ବିଧାନ ସଭା ବିଲଡିଂ ନିର୍ମାଣ ହେଲା। ୧୬.୪୮ ବର୍ଗକିଲୋମିଟର ଅଞ୍ଚଳ ଓ ୨୦ ହଜାର ଜନସଂଖ୍ୟାଙ୍କୁ ନେଇ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡକ୍ଟର ଓଟୋ.ଏଚ୍.କନସିବର୍ଗ ରାଜଧାନୀର ପରିକଳ୍ପନା କରିଥିଲେ। କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନରୁ ସତ୍ୟନଗର ଯାଏ ସୀମିତ ଥିଲା ରାଜଧାନୀର ସରହଦ୍। ସ୍ୱାଧୀନ ଭାରତର ପ୍ରଥମ ଯୋଜନାବଦ୍ଧ ସହ ଥିଲା ଭୁବନେଶ୍ୱର। ଯଦିଓ ଏହି ତାଲିକାରେ ଜାମସେଦପୁର ଓ ଚଣ୍ଡୀଗଡ଼ ବି ଥିଲା ହେଲେ ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା।

ପୂର୍ବ ଯୋଜନା ମୁତାବକ ମହତାବ ଟ୍ରେନ୍‌ରେ ବୁଦ୍ଧେଶ୍ୱରୀ ଷ୍ଟେସନ ଆସିଲେ। ଆଉ ସେଇଠୁ ଗୋକୁଳାନନ୍ଦ ଜେନାଙ୍କ ଶଗଡ଼ ଗାଡ଼ିରେ ବଡ଼ଗଡ଼ ସ୍ଥିତ ପତିତପାବନ ଦିଅଁଙ୍କ ପାଖରେ ପହଞ୍ଚିଲେ। ଯେଉଁଠି ପୂର୍ବରୁ ଭୁବନେଶ୍ୱରବାସୀଙ୍କ ସମେତ ଭିଙ୍ଗାରପୁର ଜମିଦାର ଚୌଧୁରୀ ନୀଳକଣ୍ଠ ଦାସ, ଚୌଧୁରୀ ଗଙ୍ଗାଧର ଦାସ, ବାଲିଅନ୍ତାର ଗାନ୍ଧୀ କୁହାଯାଉଥିବା ଦାଶରଥି ମହାନ୍ତି, ମହାଦେବ ମହାନ୍ତି, ଜୟକୃଷ୍ଣ ସାହୁ, ବଡ଼ଗଡ଼ର ସୁରେନ୍ଦ୍ର ସୁନ୍ଦରାୟ ଉପସ୍ଥିତ ଥିଲେ। ମହତାବ ସମସ୍ତ ସଭାଜନଙ୍କୁ ଆହ୍ୱାନ ଦେଇ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଲେ। ଆଉ ସମର୍ଥନ କରିବାକୁ ନିବେଦନ କଲେ। ପତିତପାବନଙ୍କ ପାଖରେ ସାକ୍ଷୀ ରଖି ପୁରା ରାଜଧାନୀବାସୀ ମହତାବଙ୍କ ପଛରେ ଅଛୁ ବୋଲି ନାରା ଦେଇଥିଲେ। ପରେ ଅରୁଆ ଡାଲମା, ଖଟା ଖାଇ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଲା। ଆସନ୍ତୁ ନୂଆ ରାଜଧାନୀ ଗଠନରେ ଆମେ ସମସ୍ତେ ସବୁ ଭେଦଭାବ ଭୁଲି ସହାୟତା ଓ ସହଯୋଗର ହାତ ବଢ଼ାଇବା। କଟକର କଳେବରକୁ ଲୋକସଂଖ୍ୟା ନ ସୁହାଇବାରୁ ମହତାବ ନୂଆ ରାଜଧାନୀ ପାଇଁ ଚିନ୍ତା କଲେ। ଜମି ପାଇଁ ଟଙ୍କା ନଦେବାକୁ ପଡ଼ିବ ବୋଲି ଭୁବନେଶ୍ୱରକୁ ହିଁ ତାଲିକାରେ ସବୁଠୁ ଆଗରେ ରଖାଗଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ସୈନିକ ଭୁବନେଶ୍ୱରକୁ ଗୁରୁତ୍ୱ ଦେଇଥିବାରୁ ଏଠାରେ ଏୟାର ଷ୍ଟ୍ରିପ୍ ନିର୍ମାଣ ହୋଇସାରିଥିଲା ଓ ଟ୍ରେନ ଚଳାଚଳର ସୁବିଧା ଥିଲା ଯାହାପାଇଁ ପଡ଼ୋଶୀ ରାଜ୍ୟ ପାଇଁ ଯୋଗାଗଯୋଗର ସୁବିଧା ବଡ଼ ଯୁକ୍ତି ରଖିଥିଲା। ଏହା ବ୍ୟତୀତ ଖୋର୍ଦ୍ଧା ଜିଲ୍ଲା ବୀର ପାଇକଙ୍କ ଗଡ଼ କୁହାଯାଉଥିଲା। ତେଣୁ ସବୁ ଦୃଷ୍ଟିରୁ ଭୁବନେଶ୍ୱର ହିଁ ରାଜଧାନୀ ପ୍ରତିଷ୍ଠା ପାଇଁ ଆଗରେ ରହିଥିଲା। ଏହାଭିତରେ ବଦଳିଛି ଭୂଗୋଳ, ଜଳବାୟୁ ଆଉ ଲୋକଙ୍କ ଜୀବନଶୈଳୀ। ରାଜ୍ୟ ଭିତରୁ ନୁହେଁ ବାହାର ରାଜ୍ୟରୁ ବି ଲୋକେ ଆସି ଏଠି ବସା ବାନ୍ଧିଛନ୍ତି। ସହଜ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନା ଗମନ ବ୍ୟବସ୍ଥାର ସହଜଲଭ୍ୟତା ଆଦି ଲୋକଙ୍କୁ ରାଜଧାନୀ ମୁହାଁ କରିଛି। ରାଜଧାନୀର ପ୍ରତିଷ୍ଠା ଦିବସ ପାଇଁ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ରାଜଧାନୀ ବାସିନ୍ଦା ମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।


**ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ**


# ଭାରତର ପ୍ରମୁଖ ଡିଜିଟାଲ ୱ୍ୱାଲେଟ୍



**ଡକ୍ଟର ତପନ କୁମାର ପାଳ**

ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ଲାଇଟ (ଇପିଆଇ ଲାଇଟ) ବ୍ୟବହାରକାରୀମାନେ ନିଜ ଆକାଉଣ୍ଟରେ ଟଙ୍କା ଦେଣନେଣ କାର୍ଯ୍ୟ ସୁବିଧାରେ କରିଥାନ୍ତି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନପିସିଆଇ) ସର୍କୁଲାର ଅନୁସାରେ ସମସ୍ତ ଅନଲାଇନ ପେମେଣ୍ଟ ସହ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ଦିଆଯାଉଛି। ଉଲ୍ଲେଖଥାଉକି ୟୁପିଆଇ ଲାଇଟକୁ ସୁବିଧାରେ ଛୋଟମୋଟ କାରବାର କରିବା ପାଇଁ ବ୍ୟବହାର କରାଯାଉଛି। କାରବାର ପାଇଁ ଏଥିରେ ଇଣ୍ଟରନେଟର ଆବଶ୍ୟକତା ପଡ଼ିନଥାଏ। ଭାରତୀୟ ରିଜର୍ଭ ବ୍ୟାଙ୍କ ୟୁପିଆଇ ଲାଇଟ ସହ ଜଡ଼ିତ କାରବାରର ସୀମା ବୃଦ୍ଧି କରିବାକୁ ଯାଇ ଆରବିଆଇ ଗୋଟିଏ ୟୁପିଆଇ ଲାଇଟ କାରବାର ସୀମାକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେହିପରି ୱ୍ୱାଲେଟ ବାଲାନ୍ସ ଲିମିଟ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୧ ଅପ୍ରେଲ ୨୦୨୫ରୁ ୟୁପିଆଇ ଲାଇଟ ଉପଭୋକ୍ତାମାନେ ସେମାନଙ୍କ ୟୁପିଆଇ ଲାଇଟରେ ଥିବା ବଳକା ରାଶିକୁ ସିଧାସଳଖ ସେହି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ, ଯେଉଁଠାରୁ ସେମାନେ ୟୁପିଆଇ ଲାଇଟ ଆକାଉଣ୍ଟକୁ ଫଣ୍ଡ ଟ୍ରାନସଫର କରିଥିଲେ। ଆଜିର ସମୟରେ ଆର୍ଥିକ କାରବାର ନିମିତ୍ତ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଭାବେ ବିଭିନ୍ନ ଡିଜିଟାଲ ୱ୍ୱାଲେଟ ସ୍ଥାନ ନେଇଛନ୍ତି। ସେହି ସବୁ ପ୍ରମୁଖ ଡିଜିଟାଲ ୱ୍ୱାଲେଟ ଉପରେ ଆଜିର ଆଲୋଚନା।

**ଏୟାରଟେଲ୍ ମନି:** ଯଦି ଆପଣ ଏୟାରଟେଲ ମନି ଡିଜିଟାଲ ଆପ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ଆପଣଙ୍କର ପ୍ରିପେଡ୍ ଏକାଉଣ୍ଟ ଓ ପୋଷ୍ଟପେଡ଼ ଏକାଉଣ୍ଟକୁ ଅତି ସହଜ ଉପାୟରେ ରିଚାର୍ଜ କରିପାରିବେ। ଏହା ଏକ ନିର୍ଭର ଯୋଗ୍ୟ ସେବା। ଯଦି ଆପଣଙ୍କର ଡିଜିଟାଲ ୱ୍ୱାଲେଟ୍‌ରେ ପଇସା ନଥାଏ, ତାହେଲେ ୪ଅଙ୍କ ବିଶିଷ୍ଟ ସିକ୍ୟୁରିଟି ପିନ୍‌କୋଡକୁ ବ୍ୟବହାର କରି ଆପଣ କିଣି ପାରିବେ ନିଜ ମନ ପସନ୍ଦର ଜିନିଷ।

**ସିଟି ମାଷ୍ଟରପାସ୍:** ସିଟି ମାଷ୍ଟରପାସ୍ ଆପ୍ ଆପଣ ବ୍ୟବହାର କରୁଛନ୍ତି କି? ଯଦି ନା, ତାହେଲେ ଏବେ ହିଁ ଏହି ଆପ୍‌କୁ ଡାଉନଲୋଡ଼ କରନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ। କାରଣ ଏହା ଏକ ଡିଜିଟାଲ ୱ୍ୱାଲେଟ ଆପ୍। ଏହା ଆପଣଙ୍କୁ ଅନ୍‌ଲାଇନ ସପିଂ ସମୟରେ ଦ୍ରୁତଗତିର ସେବା ଯୋଗାଇଥାଏ। ଥରେ ଟଙ୍କା ପଇଠ କରିବା ମାତ୍ରେ ସପିଂର ସମ୍ପୂର୍ଣ୍ଣ ତଥ୍ୟ ଆପଣଙ୍କ ସିଟି ୱ୍ୱାଲେଟକୁ ମିଳିଯାଇଥାଏ। ଯାହାଫଳରେ ମାଷ୍ଟର ବଟମ୍‌କୁ ଦବାଇଲେ ଆପଣ ଅତି ସହଜ ଏବଂ ଯତ୍ନ ସହକାରେ ଆପଣଙ୍କ ସପିଂର ମଜା ଉଠାଇପାରିବେ।

**ସିଟ୍ରେସ୍ ପେ:** ସିଟ୍ରେସ୍ ପେ ହେଉଛି ଭାରତର ନମ୍ବର-୧ ଇ-ୱ୍ୱାଲେଟ୍। ଯାହା ଖାସ୍‌କରି ବ୍ୟବସାୟିକ ବା ସଂସ୍ଥାମାନଙ୍କ ପାଇଁ ଏକ ଉତ୍ତମ ଆପ୍। ଏହି ଆପ୍ ସାହାଯ୍ୟରେ ବ୍ୟବସାୟିକ ଏବଂ ସଂସ୍ଥାପକ ମାନେ ସେମାନଙ୍କ ଗ୍ରାହକକୁ ଅତି ସହଜ ଏବଂ ସୁବିଧାରେ ଟଙ୍କା ନେଣଦେଣ କରିପାରିବେ। ଏହି ଆପ୍ ପ୍ରାୟ ୮୦୦ ମିଲିୟନ ଗ୍ରାହକଙ୍କୁ ସଂଯୋଗ କରିପାରିବାରେ କ୍ଷମତା ରହିଛି। ଏହି ଆପ୍‌ଟି ନିଶ୍ଚିତ ରୂପେ ଭାରତର ଏକମାତ୍ର ଉତ୍ତମ ମୋବାଇଲ ୱ୍ୱାଲେଟ୍ସ।

**ଇଜ୍‌ଟାପ:** ଇଜ୍‌ଟାପ ଏକ ଏପରି ଆପ୍ ଯାହାକି ୨୦୧୧ରେ ବାଙ୍ଗାଲୁରୁ ଠାରେ ଉନ୍ମୋଚନ କରାଯାଇଥିଲା। ଏହା ଏକ ପ୍ରକାରର ଇଲେକ୍ଟ୍ରୋନିକ ଆପ୍, ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ପାଉତି ପ୍ରତିବଦଳରେ ଏସ୍.ଏମ୍.ଏସ୍ ବା ଇମେଲ ଦ୍ୱାରା ଜଣାଯାଏ।

ଏଚ୍.ଡ଼ି.ଏଫ୍.ସି ପେଜାପ୍ ଆପ୍: ଏହି ଆପ୍‌ଟି ଭାରତରେ ଖୁବ୍ ଜଣାଶୁଣା। ଏହାର ବିଶେଷତ୍ୱ ହେଉଛି ୟୁଜର ଏହି ଆପ୍ ସାହାଯ୍ୟରେ ନିଜ ଡେବିଟ ବା କ୍ରେଡିଟ୍ କାଡର୍ ସହ ଯୋଡ଼ି ପାରିବେ ଏବଂ ସବୁଠି ପେମେଣ୍ଟ କରିପାରିବେ। ଯେପରି କି ଫ୍ଲାଇଟ ଟିକେଟ, ହୋଟେଲ ଟିକେଟ ବିଲ ପଇଠ କରିବା ଇତ୍ୟାଦି।

**ଜିଓମନି :** ଜିଓମନି ମଧ୍ୟ ଏକ ଡିଜିଟାଲ ପେମେଣ୍ଟ ଆପ୍ ଯାହା ଜିଓ କମ୍ପାନୀ ଦ୍ୱାରା ୨୦୧୬ରେ ବଜାରକୁ ଆସିଥିଲା। ଏହି ଜିଓ ମନି ଦ୍ୱାରା ଜଣେ ଗ୍ରାହକ ରିହାତି ମୂଲ୍ୟରେ ଆକର୍ଷଣୀୟ ସେବା ପାଇପାରିବେ। ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା।

**ମୋବିକ୍ୱିକ୍:** ମୋବିକ୍ୱିକ୍ ଭାରତର ଗୁରୁଗାଓଁରେ କାର୍ଟକାରୀ ହେଉଥିବା ଇ-ୱ୍ୱାଲେଟ୍ ପ୍ରକ୍ରିୟା। ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ। ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଡିଜିଟାଲ ୱ୍ୱାଲେଟ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି।

**ମେମୋ ଏକ୍ସପ୍ରେସ୍ :** ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱ୍ୱାଲେଟ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି। ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି। ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି। ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଇଛନ୍ତି। ରିକ୍ସାଭଡ଼ା ଠାରୁ ଆରମ୍ଭ କରି ସେଲୁନ୍ ଏବଂ ସ୍ପାରେ ଏହି ସେବା ପ୍ରଚଳିତ ହେଉଛି।

**ଓଲା ମନି :** ୨୦୧୫ରେ ଭାରତରେ ଓଲା ମନିର ଏକ ଡିଜିଟାଲ ଆପ୍ ଉପଲବ୍ଧ କରିଥିଲା। ଯେତେବେଳେ ଏହା ମୁଖ୍ୟତଃ ଯାତ୍ରୀବାହୀ ଭଡ଼ାଗାଡ଼ିରେ ଅର୍ଥ ପରିଶୋଧରେ ବ୍ୟବହୃତ ହେଲା ନଗଦ ଅର୍ଥ ବିହୀନର ସ୍ୱପ୍ନ ସତ ହେଲା। ଏବେ ଆହୁରି ମଧ୍ୟ ସଉଦା କ୍ରୟ ତଥା ବିମାନ ଟିକେଟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହୃତ ହେଲା।

**ମୋବାଇଲ ମନି :** ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଏହି ମୋବାଇଲ ମନି ଆପ୍ କିଣାବିକା ଏବଂ ସେବାରେ ପଞ୍ଜିକୃତ ବେପାରୀଙ୍କ ପାଖରୁ ବ୍ୟବହାରକାରୀ ଦ୍ରବ୍ୟ ସେବା କିଣାରେ ସମର୍ଥ ହେବେ। ଦେଶର ଆଦିବାସୀ ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ପାଖରେ ଅନଲାଇନ ଦରମା ସହଜପ୍ରାପ୍ୟ ହୋଇଛି।

**ପେଟିଏମ୍ :** ବର୍ତ୍ତମାନ ଭାରତରେ ସର୍ବବୃହତ ମୋବାଇଲ ୱ୍ୱାଲେଟ ଆପ୍। ଯାହାଦ୍ୱାରା ସମସ୍ତ ସ୍ଥାନରେ ଟଙ୍କା, ଭଡ଼ା ଗ୍ରହଣଯୋଗ୍ୟ ମୋବାଇଲ ବିଲ ଦେବାଠାରୁ ଆରମ୍ଭ କରି ଫିଲ୍ମ ଟିକେଟ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେଇଛି। ଏମିତି କୌଣସି ସେବା ନାହିଁ ଯାହା ପେଟିଏମ୍ ଦ୍ୱାରା ସମ୍ଭବ ନୁହେଁ।

**ଷ୍ଟେଟ ବ୍ୟାଙ୍କ ବଡ଼ି :** ଭାରତରେ ଷ୍ଟେଟ ବ୍ୟାଙ୍କ ବଡ଼ି ଏକ ଅନଲାଇନ ୱ୍ୱାଲେଟ ଆପ୍ ଯାହାକି ଦେଶର ସର୍ବତ୍ର ୧୩ଟି ଭାଷାରେ ଉପଲବ୍ଧ। ବ୍ୟବହାରକର୍ତ୍ତା (ଷ୍ଟେଟ ବ୍ୟାଙ୍କରେ ଖାତା ନଥିବା ଗ୍ରାହକ) ଏହି ଆପର ଉପଯୋଗ ଟଙ୍କା ଉଠାଣ, ପଇଠ, ହୋଟେଲ ଓ ମୁଭି ଟିକେଟ ବୁକ୍ ଆଦି ଫେସବୁକ୍ କିମ୍ବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ସାହାଯ୍ୟରେ କରିହେବ।


**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ**
**ଦେଉଳ ସାହି, ତୁଳସୀପୁର, କଟକ,**
**ମୋବାଇଲ୍: ୯୯୩୭୬୫୮୩୬୨**


# ପଞ୍ଚ ବଦନାୟ ନମୋ ନମଃ...



**ପୁଷ୍ପମିତ୍ର ମହାପାତ୍ର**

"ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଲ୍‌କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆର୍ବିଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ। ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ। ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ। କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ। ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି। କପିମୁଖ ହନୁମାନଙ୍କ ପୂଜା ଆରାଧନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଳେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ୍ୟ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି।

କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ। ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରାଧନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

# ଫ୍ରାନ୍ସରୁ ଆସିବ ୬୩ ହଜାର କୋଟି ଟଙ୍କାର ୨୬ ଫାଇଟର ଜେଟ୍



**ନୂଆଦିଲ୍ଲୀ,୯।୪:** ଭାରତୀୟ ନୌସେନା ପାଇଁ ଫ୍ରାନ୍ସରୁ ୨୬ଟି ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ କରିବା ପାଇଁ କ୍ୟାବିନେଟ୍ କମିଟି ମେଗା ଡିଲ୍‌କୁ ମଞ୍ଜୁରୀ ଦେଇଛି। ଏହି ଚୁକ୍ତିର ମୂଲ୍ୟ ପ୍ରାୟ ୬୩୦୦୦ କୋଟି ଟଙ୍କା। ଏହି ଚୁକ୍ତିନାମାକୁ ଚୂଡ଼ାନ୍ତ କରାଯିବ ଏବଂ ଖୁବ୍‌ଶୀଘ୍ର ସ୍ୱାକ୍ଷରିତ କରାଯିବ। ଏହି ଚୁକ୍ତିନାମା ଅନୁଯାୟୀ, ନୌସେନା ୨୨ଟି ସିଙ୍ଗଲ-ସିଟ୍ ଏବଂ ୪ଟି ଡବଲ୍-ସିଟ୍ ରାଫେଲ ସାମୁଦ୍ରିକ ବିମାନ ପାଇବ, ଯାହାକୁ ବିମାନ ବାହକ ଆଇଏନ୍ଏସ୍ ବିକ୍ରାନ୍ତରେ ନିୟୋଜିତ କରାଯିବ। ଏହି ନିଷ୍ପତ୍ତି ପରେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏବେ ଫ୍ରାନ୍ସ ସରକାରଙ୍କ ସହିତ ଚୁକ୍ତି ପ୍ରକ୍ରିୟା ଶେଷ କରିବ। ଏହା ବ୍ୟତୀତ, ଏଥିରେ ଜେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ, ଲଜିଷ୍ଟିକ ସହାୟତା, ନୌସେନା କର୍ମଚାରୀଙ୍କ ତାଲିମ ଏବଂ ଭାରତରେ ନିର୍ମିତ ହେବାକୁ ଥିବା କିଛି ଅଂଶ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ। ଏହି ଚୁକ୍ତି ଅନୁଯାୟୀ, ଭାରତୀୟ ନୌସେନା କର୍ମଚାରୀମାନଙ୍କୁ ରାଫେଲ ଏମ ଉଡ଼ାଇବା ଏବଂ ପରିଚାଳନା କରିବା ପାଇଁ ତାଲିମ ମଧ୍ୟ ଦିଆଯିବ। ରାଫେଲ ଏମ ଜେଟ୍‌ର ପ୍ରଥମ ଡେଲିଭରି ୨୦୨୯ ଶେଷ ସୁଦ୍ଧା ଆରମ୍ଭ ହୋଇପାରେ। ସମସ୍ତ ୨୬ଟି ଜେଟ୍ ୨୦୩୧ ସୁଦ୍ଧା ଭାରତୀୟ ନୌସେନାକୁ ଯୋଗାଇ ଦିଆଯିବ। ଏହି ଲଢୁଆ ଜେଟ୍‌ଗୁଡ଼ିକୁ ଆଇଏନ୍ଏସ୍ ବିକ୍ରମାଦିତ୍ୟ ଏବଂ ଆଇଏନ୍ଏସ୍ ବିକ୍ରାନ୍ତ ଭଳି ଭାରତୀୟ ବିମାନ ବାହକ ଜାହାଜରେ ନିୟୋଜିତ କରାଯିବ। ଏଗୁଡ଼ିକ ପୁରୁଣା ମିଗ୍-୨୯ କେ ଲଢୁଆ ବିମାନଗୁଡ଼ିକୁ ବଦଳାଇବ, ଯାହା ଏବେ ପୁରୁଣା ହୋଇଗଲାଣି। ରାଫେଲ ଏମ ଜେଟ୍‌ଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ବିମାନ ବାହକ ଜାହାଜରୁ ଉଡ଼ାଣ ଏବଂ ଅବତରଣ ପାଇଁ ଡିଜାଇନ କରାଯାଇଛି। ଏଥିରେ ଶକ୍ତିଶାଳୀ ଲ୍ୟାଣ୍ଡିଂ ଗିଅର, ଆରେଷ୍ଟର ହୁକ ଏବଂ ପ୍ରଯୁକ୍ତିବିଦ୍ୟା (ଯାହା ବିମାନକୁ କମ ଦୂରତାରୁ ଉଡ଼ାଣ ଏବଂ ଦ୍ରୁତ ଅବତରଣ କରିବାରେ ସାହାଯ୍ୟ କରେ) ଅନ୍ତର୍ଭୁକ୍ତ। ଏହି ଚୁକ୍ତି ଭାରତୀୟ ନୌସେନାର ଶକ୍ତିକୁ ବହୁ ପରିମାଣରେ ବୃଦ୍ଧି କରିବ।

## ଏୟାର ଇଣ୍ଡିଆ ବିମାନରେ ନିର୍ଦ୍ଦେଶକଙ୍କ ଉପରେ ପରିଶ୍ରା କରିଦେଲେ ମଦ୍ୟପ ବ୍ୟକ୍ତି

**ନୂଆଦିଲ୍ଲୀ,୯।୪:** ଦିଲ୍ଲୀରୁ ବ୍ୟାଙ୍ଗକକ୍ ଅଭିମୁଖେ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନରେ ଜଣେ ଭାରତୀୟ ମଦ୍ୟପ ଅବସ୍ଥାରେ ସହଯାତ୍ରୀଙ୍କ ଉପରେ ପରିଶ୍ରା କରିଦେଇଥିବା ଜଣାପଡିଛି। ଏୟାର ଇଣ୍ଡିଆ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରି ଏହି ଘଟଣାକୁ ନିଶ୍ଚିତ କରାଯାଇଥିଲେ ମଧ୍ୟ ଘଟଣା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇନାହିଁ। ସୂତ୍ର ଅନୁସାରେ, ବିମାନ ଏଆଇ୨୩୩୬ରେ ଥିବା ଯାତ୍ରୀ ମଦ୍ୟପାନ କରି ଏକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ଉପରେ ପରିସ୍ରା କରିଥିଲେ। ଏହି ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯାଇଛି ଏବଂ ଏୟାର ଇଣ୍ଡିଆ ବ୍ୟାଙ୍ଗକକରେ "ପୀଡିତ ଯାତ୍ରୀ"ଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଛି, ଏବଂ ଏଭଳି ଆଚରଣ କରିଥିବା ଯାତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଘଟଣାର ସୂଚନା ନେଇ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଗଣମାଧ୍ୟମକୁ କହିଛନ୍ତି ଯେ ଅଧିକାରୀମାନେ ବିମାନ କମ୍ପାନୀ ସହିତ କଥା ହେବେ। "ଯେତେବେଳେ ଏହି ପ୍ରକାରର ଘଟଣା ଘଟେ, ମନ୍ତ୍ରଣାଳୟ ସେମାନଙ୍କ ଉପରେ ନଜର ରଖେ। ସେମାନେ ବିମାନ କମ୍ପାନୀ ସହିତ କଥା ହେବେ, ଏବଂ ଯଦି କୌଣସି ଭୁଲ୍ ହୁଏ, ତେବେ ଆମେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ," କିଞ୍ଜାରାପୁ କହିଛନ୍ତି। ତେବେ ଏୟାର ଇଣ୍ଡିଆ ବିବୃତ୍ତିରେ କହିଛି ଯେ କ୍ରୁ ସମସ୍ତ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରିଥିଲେ।

## ଆତଙ୍କବାଦର ମାଷ୍ଟରମାଇଣ୍ଡ ପାକିସ୍ତାନ କାନ୍ଦୁଛି

**ଇସଲାମାବାଦ,୯।୪:** ସାରା ବିଶ୍ୱରେ ଆତଙ୍କବାଦ ବିସ୍ତାର କରୁଥିବା ପାକିସ୍ତାନ ଏବେ ନିଜେ ଆତଙ୍କବାଦ ଦ୍ୱାରା ବିଚଳିତ। ଆତଙ୍କବାଦର ମାଷ୍ଟରମାଇଣ୍ଡ ପାକିସ୍ତାନ କାନ୍ଦୁଛି। ସୂଚନାଅନୁଯାୟୀ, ପାକିସ୍ତାନର ପରାମର୍ଶଦାତା ସୟଦ ଆତିଫ ରାଜା ଜାତିସଂଘରେ ଆତଙ୍କବାଦ ପ୍ରସଙ୍ଗକୁ ଦୃଢ଼ ଭାବରେ ଉଠାଇଛନ୍ତି। ଆଫଗାନିସ୍ତାନରେ ନିଜର ପ୍ରାଧାନ୍ୟ ବୃଦ୍ଧି କରିବା ପାଇଁ, ପାକିସ୍ତାନ ସର୍ବଦା ସେଠାକାର ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଇ ଆସିଛି। ଏବେ ସେହି ସଂଗଠନଗୁଡ଼ିକ ପାକିସ୍ତାନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି। ଏବେ ତେହେରିକ-ଏ-ତାଲିବାନ ପାକିସ୍ତାନ ଏବଂ ବାଲୁଚ ଲିବରେସନ ଆର୍ମି ସମେତ ଅନ୍ୟାନ୍ୟ ସଂଗଠନ ପାକିସ୍ତାନୀ ସେନା ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ବିଶେଷ କଥା ହେଉଛି ଏହି ସଂଗଠନଗୁଡ଼ିକ ପାଖରେ ପାକିସ୍ତାନୀ ସେନା ଅପେକ୍ଷା ଅଧିକ ବିପଦପୂର୍ଣ୍ଣ ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ଅଛି। ଆମେରିକା ଅଗଷ୍ଟ ୨୦୨୧ରେ ଆଫଗାନିସ୍ତାନରୁ ତାର ସୈନ୍ୟ ପ୍ରତ୍ୟାହାର କରିଥିଲା। କିନ୍ତୁ ଆମେରିକା ସେନା ସେଠାରେ ସାତ ବିଲିୟନ ଡଲାର ମୂଲ୍ୟର ସାମରିକ ଉପକରଣ ଛାଡି ଯାଇଥିଲା। ଏଥିରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ନାଇଟ ଭିଜନ ଡିଭାଇସ ଏବଂ ଗୋଳାବାରୁଦ ସମେତ ଅନ୍ୟାନ୍ୟ ସାମରିକ ଉପକରଣ ଅନ୍ତର୍ଭୁକ୍ତ। ଆମେରିକା ଚାଲିଯିବା ପରେ, ତାଲିବାନ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ନିଜ କବଜାକୁ ନେଇଗଲା। ଏବେ ଏହି ସମାନ ଅସ୍ତ୍ରଗୁଡ଼ିକ ପାକିସ୍ତାନ ସେନାକୁ ଚ୍ୟାଲେଞ୍ଜ କରୁଛି। ଜାତିସଂଘରେ ପାକିସ୍ତାନର ପରାମର୍ଶଦାତା ଏହାକୁ ଖୋଲାଖୋଲି ଭାବରେ ଗ୍ରହଣ କରିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ଆଧୁନିକ ଅସ୍ତ୍ରଶସ୍ତ୍ର ପାକିସ୍ତାନର ସୁରକ୍ଷା ପାଇଁ ବିପଦ ପାଲଟିଛି। ସେ ବିଶ୍ୱକୁ ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ନିବେଦନ କରିଛନ୍ତି, ଯାହା ଦ୍ୱାରା ଆତଙ୍କବାଦୀଙ୍କ ପାଇଁ ଅସ୍ତ୍ରଶସ୍ତ୍ରର ପ୍ରବେଶ ବନ୍ଦ ହୋଇପାରିବ।

## ପାରୋଲ ମିଳିବା ପରେ ଡେରା ପହଞ୍ଚିଲେ ରାମ ରହିମ



**ସିରସା,୯।୪:** ହରିୟାଣା ସିରସାର ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମୀତ ରାମ ରହିମ ୧୩ତମ ଥର ପାଇଁ ପାରୋଲ ପାଇ ଜେଲରୁ ବାହାରି ଆସିଛନ୍ତି। ବାବାଙ୍କୁ ୨୧ ଦିନର ଛୁଟି ଦିଆଯାଇଛି। ପାରୋଲରେ ଆସିବା ପରେ ରାମ ରହିମ ସିରସା ଡେରାରେ ପହଞ୍ଚି ତାଙ୍କ ସମର୍ଥକମାନଙ୍କୁ କହିଥିଲେ, 'ମୁଁ ପୁଣି ଥରେ ଆପଣଙ୍କ ସେବାରେ ଉପସ୍ଥିତ ଅଛି। ଆପଣମାନେ ସମସ୍ତ ଭକ୍ତ ନିଜ ନିଜ ଘରେ ସିମରନ କରନ୍ତୁ।' ସେହି ସମୟରେ, ତାଙ୍କ ସମର୍ଥକମାନେ ମଧ୍ୟ ଆନନ୍ଦରେ ନାଚିଥିଲେ ଏବଂ ମହିଳା ଭକ୍ତମାନେ କହିଥିଲେ ଯେ ବାପା ଏବେ ଆସିଗଲେ। ସୂଚନାଯୋଗ୍ୟ, ହରିୟାଣାର ରୋହତକର ସୁନାରିଆ ଜେଲରେ ବଳାତ୍କାର ଏବଂ ହତ୍ୟା ମାମଲାରେ ୨୦ ବର୍ଷର ସଜା କାଟୁଥିବା ଡେରା ମୁଖ୍ୟ ଗୁରମିତ ରାମ ରହିମଙ୍କୁ ୨୧ ଦିନର ଛୁଟି ମିଳିଛି। ଏବେ ସେ କେବଳ ସିରସା ଶିବିରରେ ରହିବେ। ବୁଧବାର ସକାଳ ପ୍ରାୟ ୬.୩୦ରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଜେଲରୁ ସିରସା ଅଣାଯାଇଥିଲା। ଏଠାରେ ପହଞ୍ଚିବା ପରେ, ରାମ ରହିମ ଏକ ଭିଡିଓ ଜାରି କରି କହିଛନ୍ତି, 'ମୁଁ ପୁଣିଥରେ ଭକ୍ତମାନଙ୍କ ସେବାରେ ଉପସ୍ଥିତ ଅଛି। ସମସ୍ତେ ନିଜ ଘରେ ରହିବା ଉଚିତ ଏବଂ ଡେରାର ଦାୟିତ୍ୱବାନ ଲୋକମାନେ ଯାହା କହିବେ ତାହା କରିବା ଉଚିତ।' ଅନ୍ୟପକ୍ଷରେ, ବାବାଙ୍କ ବିଷୟରେ ସୂଚନା ମିଳିବା ମାତ୍ରେ ସରସାରେ ତାଙ୍କ ମହିଳା ସମର୍ଥକମାନେ ଆନନ୍ଦରେ ଉଲ୍ଲସିତ ହୋଇଥିଲେ। ଏହା ସହିତ, ଶିବିର ବାହାରେ ଥିବା ମହିଳାମାନେ ଭାବପ୍ରବଣ ହୋଇଗଲେ। ଡେରା ମୁଖ୍ୟ ଗୁରମିତ ସିଂହ ଜେଲରୁ ମୁକ୍ତ ହେବା ପରେ ଡେରା ବାହାରେ ଭିଡ଼ ବଢ଼ିଥିଲା। ଶିବିର ବାହାରେ ଥିବା ମହିଳାମାନେ କାନ୍ଦିବାକୁ ଲାଗିଲେ ଏବଂ କହିଲେ, 'ବାପା ଆସିଗଲେ...' ବର୍ତ୍ତମାନ, ପୋଲିସର କାର୍ଯ୍ୟ ମଧ୍ୟ ବୃଦ୍ଧି ପାଇଛି। ରାମ ରହିମ ଡେରାର ୭୭ତମ ପ୍ରତିଷ୍ଠା ଦିବସରେ ଯୋଗଦେବେ। ଡେରା ସଚ୍ଚା ସୌଦା ୨୯ ଏପ୍ରିଲ ୧୯୪୮ରେ ସନ୍ତ ଶାହ ମସ୍ତାନାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବା ପାଇଁ ରାମ ରହିମଙ୍କୁ ପାରୋଲ ମିଳିଛି। ପୂର୍ବରୁ, ସେ ୨୮ ଜାନୁଆରୀ ୨୦୨୫ରେ ୩୦ ଦିନିଆ ପାରୋଲରେ ଜେଲରୁ ବାହାରକୁ ଆସିଥିଲେ। ତା'ପରେ ସେ ସିରସା ଶିବିରରେ ୧୦ ଦିନ ଏବଂ ୟୁପିର ବର୍ଣ୍ଣୱାରେ ୨୦ ଦିନ ବିତାଇଲେ। ରାମ ରହିମ ୨୦୧୭ ମସିହାରୁ ଜେଲରେ ଅଛନ୍ତି। ୨୫ ଅଗଷ୍ଟ ୨୦୧୭ରେ ଦୁଇ ନନଙ୍କ ଯୌନ ଶୋଷଣ ମାମଲାରେ ତାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା। ଏହା ପରେ, ଜାନୁଆରୀ ୧୭, ୨୦୧୯ରେ, ତାଙ୍କୁ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତି ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ସେହି ସମୟରେ, ଅକ୍ଟୋବର ୨୦୨୧ରେ, ଡେରା ପରିଚାଳକ ରଞ୍ଜିତ ସିଂହଙ୍କ ହତ୍ୟା ମାମଲାରେ ସିବିଆଇ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ବର୍ତ୍ତମାନ ସେ ରୋହତକର ସୁନାରିଆ ଜେଲରେ ବନ୍ଦୀ ଅଛନ୍ତି। ସେ ଏପର୍ଯ୍ୟନ୍ତ ୧୨ ଥର ପାରୋଲ ଏବଂ ଫର୍ଲୋରେ ଏଠାରୁ ବାହାରକୁ ଆସିଛନ୍ତି। ଏହା ୧୩ତମ ଥର ପାଇଁ ସେ ଜେଲରୁ ବାହାରକୁ ଆସିଛନ୍ତି।

# ପିଲା ଜନ୍ମ ପାଇଁ ସରକାରଙ୍କ ପ୍ରୋତ୍ସାହନ



**ମସ୍କୋ,୯।୪:** ଛୁଆ ଜନ୍ମ କରିବା ପାଇଁ ସ୍କୁଲ ଛାତ୍ରୀଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରୁଛି ରୁଷ ସରକାର। ରୁଷର କାରେଲିଆରେ, ୨୫ ବର୍ଷରୁ କମ୍ ବୟସର ଛାତ୍ରୀମାନଙ୍କୁ ଏକ ସୁସ୍ଥ ସନ୍ତାନ ଜନ୍ମ ଦେବା ପାଇଁ ୧୦୦,୦୦୦ ରୁବେଲ୍ (ପ୍ରାୟ ୮୧,୦୦୦ ଟଙ୍କା) ପ୍ରଦାନ କରାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ରୁଷର ହ୍ରାସ ପାଉଥିବା ଜନ୍ମହାରକୁ ଉନ୍ନତ କରିବା ପାଇଁ ଏହି ନିୟମ ଲାଗୁ କରାଯାଇଛି। ଏହି ଯୋଜନା ଜାନୁଆରୀ ୧ ରୁ କାର୍ଯ୍ୟକାରୀ ହେଉଛି। ଏଥିପାଇଁ କେବଳ ସେହି ମହିଳାମାନେ ଯୋଗ୍ୟ ହେବେ ଯେଉଁମାନେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନିୟମିତ ଛାତ୍ରୀ, ୨୫ ବର୍ଷରୁ କମ୍ ବୟସର ଏବଂ କାରେଲିଆର ବାସିନ୍ଦା। ଆଞ୍ଚଳିକ ଆଇନ ଅନୁଯାୟୀ, ଏହି ଯୋଜନା ମୃତ ଶିଶୁ ଜନ୍ମ ଦେଉଥିବା ମାଆମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ତଥାପି, ଜନ୍ମ ପରେ ହଠାତ୍ ଶିଶୁର ମୃତ୍ୟୁ ହେଲେ ଦେୟର ସ୍ଥିତି କ'ଣ ହେବ ତାହା ଏଥିରେ ଉଲ୍ଲେଖ ନାହିଁ। ସେହିପରି ଯଦି ପିଲାଟି ବିକଳାଙ୍ଗ ହୋଇ ଜନ୍ମ ହୁଏ, ତେବେ ମା' ଏହି ଦେୟ ପାଇଁ ଯୋଗ୍ୟ ହେବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ କରାଯାଇନାହିଁ। ଏହା ବ୍ୟତୀତ, ପଲିସିରେ ଶିଶୁ ଯତ୍ନ ଏବଂ ପ୍ରସବ ପରେ ସ୍ୱାସ୍ଥ୍ୟ ଖର୍ଚ୍ଚ ପାଇଁ ଅତିରିକ୍ତ ଆର୍ଥିକ ସହାୟତା ବିଷୟରେ ମଧ୍ୟ କୌଣସି ଉଲ୍ଲେଖ ନାହିଁ। ତେବେ ରୁଷ ପାଇଁ ଏହା କୌଣସି ନୂଆ କାମ ନୁହେଁ। ରୁଷର ଅନ୍ୟ ୧୧ଟି ଆଞ୍ଚଳିକ ସରକାର ମଧ୍ଯ ପିଲା ଜନ୍ମ କରିବା ପାଇଁ ମହିଳା ଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରନ୍ତି। ତଥାପି, ବିଶେଷଜ୍ଞମାନେ ଏହି ପଦକ୍ଷେପକୁ ଦୂରଦୃଷ୍ଟିର ଅଭାବ ବୋଲି ବର୍ଣ୍ଣନା କରିଛନ୍ତି। ୨୦୨୪ ମସିହାର ପ୍ରଥମ ଛଅ ମାସରେ ରୁଷରେ କେବଳ ୫,୯୯,୬୦୦ ଶିଶୁ ଜନ୍ମ ହୋଇଛନ୍ତି। ଯାହା ଗତ ୨୫ ବର୍ଷ ମଧ୍ୟରେ ସବୁଠାରୁ କମ୍। ଏହି ସଂଖ୍ୟା ୨୦୨୩ର ସମାନ ସମୟ ତୁଳନାରେ ୧୬,୦୦୦ କମ୍। ଜୁନ୍ ମାସରେ, ଜନ୍ମହାର ୧୦୦୦,୦୦୦ ତଳକୁ ଖସିଯାଇଥିଲା। ଯାହା ରୁଷର ଭବିଷ୍ୟତ ପାଇଁ ବିପର୍ଯ୍ୟୟକାରୀ। ୧୯୯୦ ଦଶକର ପ୍ରାରମ୍ଭରେ ରୁଷର ଜନସଂଖ୍ୟା ୧୪୮ ମିଲିୟନ ଥିଲା, ଯାହା ଏବେ ପ୍ରାୟ ୧୪୬ ମିଲିୟନକୁ ହ୍ରାସ ପାଇଛି। ଆକଳନ କରାଯାଉଛି ୨୧୦୦ ମସିହା ସୁଦ୍ଧା ଏହି ସଂଖ୍ୟା ୭୪ ରୁ ୧୧୨ ମିଲିୟନ ପାଇପାରେ। ତେଣୁ ଜନ୍ମହାର ବୃଦ୍ଧି ପାଇଁ ଏପରି କ୍ଷଣସ୍ଥାୟୀ ପଦକ୍ଷେପ ଯଥେଷ୍ଟ ନୁହେଁ କିନ୍ତୁ ରୁଷିଆର ଗମ୍ଭୀର ଜନସଂଖ୍ୟା ସଙ୍କଟ ପ୍ରତି ଦୃଷ୍ଟି ଆକର୍ଷଣ କରିବା ନିହାତି ଆବଶ୍ୟକ।

# ଜଳ ପରିଚାଳନା ଆଧୁନିକୀକରଣକୁ କ୍ୟାବିନେଟ ମଞ୍ଜୁରୀ



**ନୂଆଦିଲ୍ଲୀ,୯।୪(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ)ର ଉପଯୋଜନା ଭାବେ କମାଣ୍ଡ କ୍ଷେତ୍ର ବିକାଶ ଓ ଜଳ ପରିଚାଳନା (ଏମ-ସିଏଡିଡବ୍ଲ୍ୟୁଏମ)ର ଆଧୁନିକୀକରଣକୁ ଅନୁମୋଦନ କରିଛି। ଏହି ଯୋଜନାର ମୋଟ ପ୍ରାରମ୍ଭିକ ବ୍ୟୟ ଅଟକଳ ୧୬୦୦ କୋଟି ଟଙ୍କା ରଖାଯାଇଛି।

ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନ କାର୍ଯ୍ୟକ୍ଷମ କେନାଲ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିର୍ଦ୍ଦିଷ୍ଟ କ୍ଲଷ୍ଟରକୁ ଜଳସେଚନ ଉଦ୍ଦେଶ୍ୟରେ ଜଳ ଯୋଗାଣ ନେଟୱାର୍କର ଆଧୁନିକୀକରଣ କରିବା। ଏଥିରେ ଚାପଯୁକ୍ତ ଭୂତଳ ପାଇପ ଜଳସେଚନ ଜରିଆରେ ଏକ ହେକ୍ଟର ପର୍ଯ୍ୟନ୍ତ ସ୍ଥାପିତ ଉତ୍ସରୁ ଜମି ପର୍ଯ୍ୟନ୍ତ ଚାଷୀଙ୍କ ଦ୍ୱାରା କ୍ଷୁଦ୍ର ଜଳସେଚନ ନିମନ୍ତେ ମଜବୁତ ବ୍ୟାକଏଣ୍ଡ ମୌଳିକ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ଜଳ ଆକାଉଣ୍ଟିଂ ଓ ଜଳ ପରିଚାଳନା ପାଇଁ ଏସ୍‌ସିଏଡିଏ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଟେକ୍ନୋଲୋଜି ବ୍ୟବହାର କରାଯିବ। ଏଥିସହ ଜଳ ବ୍ୟବହାର ଦକ୍ଷତା ଓ କୃଷି ଉତ୍ପାଦନ ସହ କୃଷି ସ୍ତରରେ ଉତ୍ପାଦକତା ବୃଦ୍ଧି କରିବ, ଯାହାଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ପାଇବ।

ଜଳସେଚନ ସମ୍ପତ୍ତିର ପରିଚାଳନା ପାଇଁ ଜଳ ବ୍ୟବହାରକାରୀ କମିଟିକୁ ଜଳସେଚନ ପରିଚାଳନା ହସ୍ତାନ୍ତର କରି ଏହି ପ୍ରକଳ୍ପଗୁଡ଼ିକୁ ସ୍ଥାୟୀ କରାଯିବ। ଜଳ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ୫ ବର୍ଷ ପାଇଁ ଏଫପିଓ କିମ୍ବା ପିଏସିଏସ ଭଳି ବର୍ତ୍ତମାନର ଆର୍ଥିକ ସଂସ୍ଥା ସହିତ ଯୋଡ଼ିବା ପାଇଁ ସହାୟତା ପ୍ରଦାନ କରାଯିବ। ଆଧୁନିକ ଜଳସେଚନ ପଦ୍ଧତି ଅବଲମ୍ବନ କରି ଯୁବବର୍ଗଙ୍କ ମଧ୍ୟରେ କୃଷି କ୍ଷେତ୍ରକୁ ଆସିବାର ଆଗ୍ରହ ମଧ୍ୟ ବଢ଼ିବ। ରାଜ୍ୟଗୁଡ଼ିକୁ ଚାଲେଞ୍ଜ ପାଣ୍ଠି ଯୋଗାଣ ଜରିଆରେ ଦେଶର ବିଭିନ୍ନ କୃଷି ଜଳବାୟୁ ଜୋନରେ ପରୀକ୍ଷାମୂଳକ ପ୍ରକଳ୍ପ ହାତକୁ ନେବା ଲାଗି ପ୍ରାରମ୍ଭିକ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକର ପରିକଳ୍ପନା ଏବଂ ତାଆକୁ ଆଧାର କରି ଷୋଡ଼ଶ ଅର୍ଥ ଆୟୋଗଙ୍କ ଅବଧି ପାଇଁ ଆସନ୍ତା ୨୦୨୬ ଏପ୍ରିଲରୁ କମାଣ୍ଡ କ୍ଷେତ୍ର ବିକାଶ ଓ ଜଳ ପରିଚାଳନା ପାଇଁ ଜାତୀୟ ଯୋଜନାର ଶୁଭାରମ୍ଭ କରାଯିବ।

## କେନ୍ଦ୍ରମନ୍ତ୍ରୀଙ୍କ ନାତୁଣୀଙ୍କୁ ଗୁଳିକରି ହତ୍ୟା



**ନୂଆଦିଲ୍ଲୀ,୯।୪:** ବୁଧବାର ବିହାରର ଗୟାରେ କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଞ୍ଝିଙ୍କ ନାତୁଣୀଙ୍କୁ ତାଙ୍କ ସ୍ୱାମୀ ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣା ଘଟିଥିଲା ଯେତେବେଳେ ପୀଡିତା ସୁଷମା ଦେବୀ, ତାଙ୍କ ପିଲାମାନେ ଏବଂ ଭଉଣୀ ପୁନମ କୁମାରୀ ଅତ୍ରି ବ୍ଲକ ଅନ୍ତର୍ଗତ ତେତୁଆ ଗ୍ରାମରେ ଘରେ ଥିଲେ। ଗୟା ଲୋକସଭା ଆସନର ସାଂସଦ ଏବଂ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ମାଞ୍ଝିଙ୍କ ପକ୍ଷରୁ କୌଣସି ତୁରନ୍ତ ମନ୍ତବ୍ୟ ଦିଆଯାଇ ନାହିଁ। ସେ ବିହାରରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)ର ଏକ ସହଯୋଗୀ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ)ର ପ୍ରତିଷ୍ଠାତା ମଧ୍ୟ। ପୁନମଙ୍କ ଅନୁଯାୟୀ, ସୁଷମା ଏବଂ ତାଙ୍କ ସ୍ୱାମୀ ରମେଶ ଦିନ ପ୍ରାୟ ୧୨ ଟାରେ କାମରୁ ଫେରିବା ପରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ରମେଶ ଏକ ଦେଶୀ ପିସ୍ତଲ ବାହାର କରି ପୁନମଙ୍କ ଉପରେ ଗୁଳି ଚଳାଇ ଘଟଣାସ୍ଥଳରୁ ପଳାଇ ଯାଇଥିବା ଅଭିଯୋଗ ହୋଇଥିଲା। ଅନ୍ୟ ଏକ କୋଠରୀରେ ଉପସ୍ଥିତ ପୁନମ ଏବଂ ସୁଷମାଙ୍କ ପିଲାମାନେ ପୀଡିତାଙ୍କ କୋଠରୀ ଆଡ଼କୁ ଦୌଡ଼ି ଯିବା ସମୟରେ ସେମାନେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାର ଦେଖିଲେ। ତାଙ୍କ ମୃତ୍ୟୁ ଘଟଣାସ୍ଥଳେ ହିଁ ହୋଇଥିଲା। ସୁଷମା "ବିକାଶ ମିତ୍ର" ଭାବରେ କାମ କରୁଥିଲେ - ଜଣେ ବ୍ୟକ୍ତି ଯିଏ ବିହାର ମହାଦଳିତ ବିକାଶ ମିଶନ ଅଧୀନରେ ବିକାଶ ପଦକ୍ଷେପ ପାଇଁ ରାଜ୍ୟ ସରକାର ଏବଂ ସମାଜ ମଧ୍ୟରେ ଏକ ସଂଯୋଗ ଭାବରେ କାର୍ଯ୍ୟ କରୁଥିଲେ - ଯେତେବେଳେ ରମେଶ ପାଟନାରେ ଏକ ଟ୍ରକ୍ ଚଳାଉଥିଲେ।ଗୟା ବରିଷ୍ଠ ପୋଲିସ ଅଧୀକ୍ଷକ (ଏସଏସପି) ଆନନ୍ଦ କୁମାର କହିଛନ୍ତି ଯେ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। "ପ୍ରମାଣ ସଂଗ୍ରହ ପାଇଁ ଏକ ଫୋରେନସିକ୍ ଦଳ ଏବଂ ବୈଷୟିକ ବିଶେଷଜ୍ଞଙ୍କୁ ଅପରାଧ ସ୍ଥଳକୁ ପଠାଯାଇଛି। ଅଧିକ ତଦନ୍ତ ଚାଲିଛି," ସେ କହିଛନ୍ତି। ସୂଚନା ଅନୁଯାୟୀ ସୁଷମା ଏବଂ ରମେଶ ଭିନ୍ନ ଜାତିର ଏବଂ ୧୪ ବର୍ଷ ପୂର୍ବେ ବିବାହ କରିଥିଲେ।

## ଗୋଲ୍ଡ ଲୋନ୍ ନିୟମରେ ପରିବର୍ତ୍ତନ




**ନୂଆଦିଲ୍ଲୀ, ୯।୪:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗୋଲ୍ଡ ଲୋନ୍ ପାଇଁ ନୂଆ ନିର୍ଦ୍ଦେଶାବଳୀ ଜାରି କରିବାକୁ ନିଷ୍ପତ୍ତି ନେଇଛି। ଏହି ଘୋଷଣା ପରେ ଗୋଲ୍ଡ ଲୋନ୍ କ୍ଷେତ୍ରରେ ମୁଥୁଟ ଫାଇନାନ୍ସ ଏବଂ ମଣପୁରମ ଫାଇନାନ୍ସ ଭଳି କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖାଦେଇଛି। ମୁଥୁଟର ଶେୟାର ୬ ପ୍ରତିଶତ ପର୍ଯ୍ୟନ୍ତ ଖସି ପଡ଼ିଥିବା ସୂଚନା ମିଳିଛି। ଏହି ନୂଆ ନିୟମ ସାଧାରଣ ଲୋକଙ୍କ ଜୀବନ ଉପରେ କିପରି ପ୍ରଭାବ ପକାଇବ, ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଆରବିଆଇ ପକ୍ଷରୁ କୁହାଯାଇଛି ଯେ ଗୋଲ୍ଡ ଲୋନ୍ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ନିୟମାନୁସାରୀ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ଗତ କିଛି ମାସ ମଧ୍ୟରେ ସୁନା ଋଣରେ ଅନିୟମିତତା ଦେଖାଦେଇଥିବା ରିପୋର୍ଟ ସାମ୍ନାକୁ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଏବଂ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକୁ ସେମାନଙ୍କ ନୀତି ଓ ପ୍ରକ୍ରିୟାର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିବର୍ତ୍ତନ ସୁନା ଋଣର ମୂଲ୍ୟାଙ୍କନ, ଋଣ-ମୂଲ୍ୟ ଅନୁପାତ, ଏବଂ ନିଲାମ ପ୍ରକ୍ରିୟା ଉପରେ ପ୍ରଭାବ ପକାଇପାରେ। ସାଧାରଣ ଲୋକଙ୍କ ପାଇଁ ସୁନା ଋଣ ଏକ ଜନପ୍ରିୟ ବିକଳ୍ପ ହୋଇଥାଏ, ଯେଉଁମାନେ ଜରୁରୀ ଆର୍ଥିକ ଆବଶ୍ୟକତା ପାଇଁ ନିଜ ସୁନାକୁ ବନ୍ଧକ ରଖି ଋଣ ନେଇଥାନ୍ତି। ନୂଆ ନିୟମ ଯୋଗୁଁ ଋଣ ପାଇବା କଠିନ ହୋଇପାରେ କିମ୍ବା ଋଣର ପରିମାଣ କମିଯାଇପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ, ଏହା ଗ୍ରାହକଙ୍କୁ ଅଧିକ ସୁରକ୍ଷା ଓ ସ୍ୱଚ୍ଛତା ମଧ୍ୟ ଦେଇପାରେ। ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ନିୟମ ସୁନା ଋଣ ବଜାରରେ ଦୀର୍ଘକାଳୀନ ସ୍ଥିରତା ଆଣିବ, କିନ୍ତୁ ସ୍ୱଳ୍ପ ସମୟ ପାଇଁ ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

# ରାଣାଙ୍କୁ ଅଣାଯାଉଛି ଭାରତ, ବିମାନ ଯୋଗେ ହେବ ପ୍ରତ୍ୟର୍ପଣ



**ନୂଆଦିଲ୍ଲୀ,୯।୪:** ୨୦୦୮ରେ ହୋଇଥିବା ହେଡଲି ୨୬/୧୧ ଆତଙ୍କବାଦୀ ଆକ୍ରମଣ ମୁଖ୍ୟ ଷଡଯନ୍ତ୍ରକାରୀ ଭୂମିକାରେ ଥିବା ଅଭିଯୁକ୍ତ ତହାୱୁର ହୁସେନ ରାଣାକୁ ଆମେରିକାରୁ ଭାରତକୁ ଅଣାଯାଉଛି। ତାଙ୍କୁ ହେପାଜତକୁ ଆଣିବା ପରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଜି ସନ୍ଧ୍ୟାରେ ବିମାନ ଯୋଗେ ସେ ଭାରତରେ ପହଞ୍ଚିବାକୁ ନେଇ ଆଶା କରାଯାଉଛି। ତେଣୁ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି।

ସୂଚନାନୁଯାୟୀ, ୨୦୦୮ ମସିହା ନଭେମ୍ବର ମାସରେ ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ ହୋଇଥିବା ମୁମ୍ବାଇର ତାଜ ହୋଟେଲରେ ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଚାଲିଯାଇଥିଲା। ଯାହା ଫଳରେ ଦିଲ୍ଲୀର ଜାତୀୟ ତଦନ୍ତ ସଂସ୍ଥା ତାଙ୍କ ବିରୁଦ୍ଧରେ ପ୍ରଥମେ ଷଡଯନ୍ତ୍ର ମାମଲା ରୁଜୁ କରିଥିଲେ। ତେବେ ଏହି ମାମଲା ସମ୍ବନ୍ଧୀୟ କୌଣସି ଅନୁସନ୍ଧାନ ପାଇଁ ମୁମ୍ବାଇ ପୋଲିସ ତାଙ୍କୁ ହେପାଜତରେ ନେଇପାରିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କିନ୍ତୁ ପ୍ରତ୍ୟର୍ପଣ କାରଣ ଜଣାପଡିବା ପରେ ମୁମ୍ବାଇ ପୋଲିସ ଅଭିଯୁକ୍ତ ରାଣାକୁ ହେପାଜତକୁ ନେବା ସମ୍ପର୍କରେ ସ୍ପଷ୍ଟ ହେବ। ଆହୁରି ମଧ୍ୟ ସୂତ୍ରରୁ ପ୍ରକାଶ ପାଇଛି ଯେ, ରାଣାକୁ ନ୍ୟାୟିକ ପ୍ରକ୍ରିୟାରେ ପଚରାଉଚରା ପାଇଁ ସହରକୁ ସ୍ଥାନାନ୍ତର କରିଯିବା ସମ୍ପର୍କରେ ମୁମ୍ବାଇ ପୋଲିସ କୌଣସି ସୂଚନା ପାଇନାହିଁ। ପାକିସ୍ଥାନୀ-କାନାଡିୟ ନାଗରିକ ତହାୱୁର ରାଣାଙ୍କୁ ଆମେରିକାରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା(ଏଲଇଟି) କାର୍ଯ୍ୟକାରୀ ଏବଂ ୧୭୪ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ମୁମ୍ବାଇ ଆକ୍ରମଣ ପାଇଁ ଦାୟୀ ଗୋଷ୍ଠୀକୁ ସାମଗ୍ରୀ ସହାୟତା ଯୋଗାଇବା ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଥିଲା।

ଅନ୍ୟପଟେ ରାଣା ୨୦ମାର୍ଚ୍ଚ ୨୦୨୫ରେ ମୁଖ୍ୟ ବିଚାରପତି ଙ୍କ ନିକଟରେ ଏକ ଜରୁରୀକାଳୀନ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ତାଙ୍କ ପ୍ରତ୍ୟର୍ପଣ ଉପରେ ରୋକ ଲଗାଇବା ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏପ୍ରିଲ ୭ ତାରିଖରେ ଆମେରିକାର ସୁପ୍ରିମ କୋର୍ଟ ତହାୱୁର ରାଣାଙ୍କ ଭାରତ ପ୍ରତ୍ୟର୍ପଣ ଉପରେ ରୋକ ଲଗାଇବା ପାଇଁ କରିଥିବା ଆବେଦନକୁ ଖାରଜ କରିଥିଲେ। ସେପଟେ ରାଣା ତାଙ୍କ ପୂର୍ବ ଆବେଦନ ପାଇଁ ଯୁକ୍ତି ଦେଇଥିଲେ ଯେ, ବିଭିନ୍ନ କାରଣରୁ ସେ ଭାରତରେ ବିଚାର ପାଇଁ ଯଥେଷ୍ଟ ଦିନ ପର୍ଯ୍ୟନ୍ତ ବଞ୍ଚିପାରିବେ ନାହିଁ। ପେଟରେ ୩.୫ସେ.ମି.ର ଆଓର୍ଟିକ ଆନିଉରିଜ୍ମରେ ପୀଡିତ ବୋଲି ରାଣା ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏପରି କହିଛନ୍ତି। ସ୍ଥାନାନ୍ତର ହେବା ଦ୍ୱାରା ଫାଟିଯିବାର ଆଶଙ୍କା ରହିଛି ବୋଲି କହିଛନ୍ତି ଅଭିଯୁକ୍ତ ରାଣା। ପାର୍କିନ୍ସନ୍ସ ରୋଗ ସହିତ ଜ୍ଞାନାତ୍ମକ ହ୍ରାସ ଏବଂ ମୂତ୍ରାଶୟ କର୍କଟ ରୋଗର ଏକ ଗଣ ସୂଚକ। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ତାଙ୍କୁ "ହର୍ନେଟ୍ସ ବସା" ପଠାଯାଇପାରିବ ନାହିଁ, ଯେଉଁଠାରେ ତାଙ୍କୁ ଜାତୀୟ, ଧାର୍ମିକ ଏବଂ ସାଂସ୍କୃତିକ ଶତ୍ରୁତା ଯୋଗୁଁ ଟାର୍ଗେଟ କରାଯିବ।

# ଦୁଇ କ୍ଷୁଦ୍ରତାରା ଧକ୍କାରେ ଚନ୍ଦ୍ରଠାରୁ ୧୦ଗୁଣା ହେବ ଉଜ୍ଜ୍ୱଳ ବିସ୍ଫୋରଣ

**ଲଣ୍ଡନ, ୯।୪:** ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ମାତ୍ର ୧୫୦ ଆଲୋକ ବର୍ଷ ଦୂରରେ ଏକ ବିରଳ ଉଚ୍ଚ ବହୁଳତା ବିଶିଷ୍ଟ ବାଇନାରି ଷ୍ଟାର୍ ସିଷ୍ଟମକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ୨ଟି କ୍ଷୁଦ୍ରତାରା ପରସ୍ପର ଆଡ଼କୁ ଅଗ୍ରସର ହେଉଛନ୍ତି। ୨,୩୦୦ କୋଟି ବର୍ଷ ପରେ ଉଭୟ କ୍ଷୁଦ୍ରତାରା ଧକ୍କାହେବା ସହ ଏକ ବିନାଶକାରୀ ଏବଂ ଚମକପ୍ରଦ 'ଟାଇପ ୧ଏ ସୁପରନୋଭା' ବିସ୍ଫୋରଣରେ ପରିଣତ ହେବେ। ଏହି ବିସ୍ଫୋରଣ ଏତେ ଉଜ୍ଜ୍ୱଳ ହେବ ଯେ, ଏହା ଚନ୍ଦ୍ର ଅପେକ୍ଷା ୧୦ ଗୁଣା ଆଲୋକ ବିସ୍ତାର କରିବ ଏବଂ ସମ୍ପୂର୍ଣ୍ଣ ଆକାଶ ଗଙ୍ଗା (ମିଲ୍କି) ଛାୟାପଥକୁ କିଛି ମୁହୂର୍ତ୍ତ ପାଇଁ ଚମକାଇଦେବ। ଗତ ୪ ତାରିଖରେ ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ଏହି ଆବିଷ୍କାରକୁ ପ୍ରକାଶ କରାଯାଇଛି।

ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଉକ୍ତ ବାଇନାରି ଷ୍ଟାର୍ ସିଷ୍ଟମରେ ୨ଟି ଧଳା ରଙ୍ଗର କ୍ଷୁଦ୍ର ତାରା ରହିଛି, ଯାହା ଧୀରେ ଧୀରେ ପରସ୍ପର ଆଡ଼କୁ ଟାଣିହୋଇ ଆସୁଛି। ଉଭୟ କ୍ଷୁଦ୍ର ତାରାର ମୋଟ ବସ୍ତୁତ୍ୱ ସୂର୍ଯ୍ୟ ତୁଳନାରେ ୧.୫୬ ଗୁଣା ଅଧିକ, ଯାହା ସେମାନଙ୍କୁ 'ଟାଇପ୍ ୧ଏ ସୁପରନୋଭା' ବିସ୍ଫୋରଣ ପାଇଁ ଉପଯୁକ୍ତ କରିଥାଏ। ସମ୍ପ୍ରତି ଉଭୟ ତାରା ୧୪ ଘଣ୍ଟାରେ ନିଜର ଗୋଟିଏ



ଘୂର୍ଣ୍ଣନ ସମାପ୍ତ କରୁଛନ୍ତି। ଆଗାମୀ ୨,୩୦୦ କୋଟି ବର୍ଷ ପରେ ଯେତେବେଳେ, ଉଭୟେ କ୍ଷୁଦ୍ର ତାରା ପରସ୍ପରକୁ ଧକ୍କାହେବେ ସେତେବେଳେ ସେମାନଙ୍କର ଗତି ଅତ୍ୟନ୍ତ ତୀବ୍ର ହୋଇଥିବ। ସେତେବେଳେ ସେମାନେ ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ଗୋଟିଏ ଘୂର୍ଣ୍ଣନ ସମାପ୍ତ କରିବେ। ଛାୟାପଥରେ ଏହିପରି ବିସ୍ଫୋରଣ ୫୦୦ ବର୍ଷରେ ଥରେ ହୋଇଥାଏ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି। ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ ୪ଟି ଚରଣରେ ଏହି ବିସ୍ଫୋରଣ ହେବ। ପ୍ରଥମ ଚରଣରେ ଏକ ତାରା ନିଜ ସାଥୀ ତାରାର ବସ୍ତୁତ୍ୱକୁ ଟାଣିବ। ଦ୍ୱିତୀୟ ଚରଣରେ ଉକ୍ତ ତାରାର ମୂଳ ଅଂଶରେ ବିସ୍ଫୋରଣ ହେବ ଏବଂ ଏଥିରେ ଥିବା ସାମଗ୍ରୀଗୁଡ଼ିକ ବିଭିନ୍ନ ଦିଗରେ ବିସ୍ତାରିତ ହେବ। ତୃତୀୟ ଚରଣରେ ଏହି ସାମଗ୍ରୀ ଅନ୍ୟ ଏକ ତାରା ସହ ଧକ୍କାହେବ ଫଳରେ ପୁଣିଥରେ ବିସ୍ଫୋରଣ ହେବ। ଅନ୍ତିମ ଚରଣରେ ଉଭୟ ତାରା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବେ ଏବଂ ଏକ ଉଜ୍ଜ୍ୱଳ ସୁପରନୋଭାରେ ପରିଣତ ହେବେ। ଏହି ବିସ୍ଫୋରଣର ଶକ୍ତି ସବୁଠାରୁ ଶକ୍ତିଶାଳୀ ମାନବ ନିର୍ମିତ ପରମାଣୁ ବୋମା ଅପେକ୍ଷା ହଜାର ଟ୍ରିଲିୟନ ଗୁଣା ଅଧିକ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି। ତେବେ ପୃଥିବୀଠାରୁ ବହୁ ଦୂରରେ ଥିବାରୁ ଏହା ଲୋକଙ୍କୁ କ୍ଷତି ପହଞ୍ଚାଇବ ନାହିଁ।

## ଏପ୍ରିଲ ଶେଷ ସପ୍ତାହରୁ ସ୍କୁଲ୍ ଛୁଟି

**ନୂଆଦିଲ୍ଲୀ,୯।୪:** ଏପ୍ରିଲ ଆରମ୍ଭ ହେଉ ହେଉ ତାତି ତାର କରାଳ ରୂପ ଦେଖାଇଲାଣି। ସ୍ଥିତି ଏମିତି ହେଲାଣି ଯେ, ଘରୁ ବାହାରିବା ମଧ୍ୟ ମୁସ୍କିଲ ହୋଇପଡ଼ିଲାଣି। ଏହାରି ଭିତରେ ତାତିକୁ ଦେଖି ବଡ଼ ଖବର ସାମ୍ନାକୁ ଆସିଛି। ରାଜ୍ୟ ସରକାର ବଡ଼ ଘୋଷଣା କରିଛନ୍ତି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ଘୋଷଣା କରାଯାଇଛି। ଯେଉଁ ଜିଲାଗୁଡ଼ିକରେ ଅଧିକ ଗରମ ଅଛି। ସେହି ଜିଲାଗୁଡ଼ିକର ଜିଲାପାଳ ନିଜ ସ୍ତରରେ ନିଷ୍ପତ୍ତି ନେବେ ଯେ ସ୍କୁଲ ଛୁଟି ହେବ କି ନାହିଁ। ଚଳିତ ବର୍ଷ ବଢ଼ୁଥିବା ତାତି ପାଇଁ ପଶ୍ଚିମବଙ୍ଗ ଶିକ୍ଷା ବିଭାଗ ଗ୍ରୀଷ୍ମ ଛୁଟି ଶୀଘ୍ର ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁଯାୟୀ, ସମସ୍ତ ସରକାରୀ ସ୍କୁଲ ଏପ୍ରିଲ ୩୦ରୁ ବନ୍ଦ ରହିବ। ଏହି ନିଷ୍ପତ୍ତି ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଲାଗୁ ହେବ। ଛୁଟିଦିନ ସମ୍ପର୍କରେ ସରକାରୀ ସୂଚନା ପରେ ପ୍ରକାଶ କରାଯିବ। ରାଜ୍ୟ ସଚିବାଳୟ ନବାନ୍ନରେ ପିଟିଆଇ ସାମ୍ବାଦିକମାନଙ୍କୁ ସୂଚନା ଦେଇ ବାନାର୍ଜୀ କହିଛନ୍ତି ଯେ ମେ ଦ୍ୱିତୀୟ ସପ୍ତାହରୁ ଗ୍ରୀଷ୍ମ ଛୁଟି ଘୋଷଣା କରିବାର ସାଧାରଣ ଅଭ୍ୟାସ ପରିବର୍ତ୍ତେ, ବିଭାଗ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଏହାକୁ ଏପ୍ରିଲ ୩୦ରୁ ଛୁଟି ନେଇ ଏକ ବିଜ୍ଞପ୍ତି ଜାରି କରିବ।

# ଏମବିବିଏସରେ ଯମଜ ଭଉଣୀଙ୍କ ରେକର୍ଡ



**ସୁରତ,୯।୪:** ଆଜିକାଲି ଗୁଜରାଟର ଯମଜ ଭଉଣୀ ଚର୍ଚ୍ଚାରେ ଅଛନ୍ତି। ଦୁହେଁ ଏମ୍‌ବିବିଏସ୍ ପରୀକ୍ଷାରେ ସମାନ ନମ୍ବର ରଖି ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛନ୍ତି। ଗୁଜରାଟର ସୁରତର ବାସିନ୍ଦାର ବାସିନ୍ଦା ରିବା ଏବଂ ରହିନ ହାଫିଜ ଏହି ବିରଳ ସଫଳତାକୁ ସେଲିବ୍ରେଟ୍ କରୁଛନ୍ତି। ଉଭୟ ସମାନ ନମ୍ବରରେ ଭଦୋଦରାର ଜିଏମ୍‌ଇଆର୍‌ଏସ୍ ମେଡିକାଲ କଲେଜରୁ ଏକକାଳୀନ ଏମ୍‌ବିବିଏସ୍ ଶେଷ କରିଛନ୍ତି। ସେ ପରୀକ୍ଷାରେ ମୋଟ ୯୩୫ ନମ୍ବର ଅର୍ଥାତ୍ ୬୬.୮ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ଦୁଇ ୨୪ ବର୍ଷୀୟ ଭଉଣୀ ଆର୍ଥିକ ଅସୁବିଧାକୁ ଦୂର କରି ଡାକ୍ତର ହେବାର ସଫଳତା ହାସଲ କରିଛନ୍ତି। ତାଙ୍କ ମାଆ ଗୁଲଶାଦ ବାନୁ ଜଣେ ସିଙ୍ଗଲ ମଦର ଏବଂ ପେଶାରେ ଜଣେ ଶିକ୍ଷୟିତ୍ରୀ। ରହିନ ହାଫିଜି କହିଛନ୍ତି, ମୋ ମାମୁଁ ଜଣେ ଡାକ୍ତର, ଯିଏ ଆମକୁ ଚିକିତ୍ସା କ୍ଷେତ୍ରକୁ ଯିବା ପାଇଁ ପ୍ରେରଣା ଦେଇଥିଲେ। ଆମେ ସବୁବେଳେ ଏକାଠି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲୁ, ତେଣୁ ଆଜି ଏହି ସଫଳତା ପାଇଛୁ। ରିପୋର୍ଟ ଅନୁସାରେ, ରିବା ଦଶମ ଶ୍ରେଣୀ ପରୀକ୍ଷାରେ ୯୯ ପ୍ରତିଶତ ନମ୍ବର ରଖିଥିବାବେଳେ, ରହିନ ୯୮.୫ ପ୍ରତିଶତ ନମ୍ବର ପାଇଥିଲେ। ଦ୍ୱାଦଶ ଶ୍ରେଣୀରେ ସେ ଯଥାକ୍ରମେ ୯୮.୨ ଏବଂ ୯୭.୩ ପ୍ରତିଶତ ମାର୍କ ପାଇଥିଲେ। ବିନା କୋଚିଂରେ ଦୁହେଁ ନିଟ୍ ୟୁଜିରେ ଚମତ୍କାର ପ୍ରଦର୍ଶନ କରିଥିଲେ। ରିବା ୯୭ ପ୍ରତିଶତ ନମ୍ବର ରଖିଥିବାବେଳେ, ରହିନ ୯୬.୭ ପ୍ରତିଶତ ନମ୍ବର ରଖିଥିଲେ।ଏହି ଯମଜ ଭଉଣୀମାନେ ସେମାନଙ୍କର ସଫଳତାର ଶ୍ରେୟ ସେମାନଙ୍କ ମା' ଏବଂ ଜେଜେମାଆଙ୍କୁ ଦେଇଛନ୍ତି ଏହି ଦୁହେଁ ସେମାନଙ୍କୁ ସବୁବେଳେ ସମର୍ଥନ ଏବଂ ଉତ୍ସାହିତ କରିଥିଲେ। ରହିନ କହିଛନ୍ତି, ଆମେ ଅନେକ ଉତ୍ଥାନ-ପତନ ଦେଖିଛୁ, କିନ୍ତୁ ମା' ଏବଂ ଜେଜେମାଆ ଆମର ଶକ୍ତି ଏବଂ ପ୍ରେରଣାର ନିରନ୍ତର ଉତ୍ସ ହୋଇ ଆସିଛନ୍ତି। ଆମେ ଖୁସି ଯେ ଆମେ ତାଙ୍କର ସ୍ୱପ୍ନ ପୂରଣ କରିପାରିଲୁ।

## ବହିଷ୍କାର ନିର୍ଦ୍ଦେଶ ପରେ ଆମେରିକା ଛାଡ଼ି ନ ଥିଲେ ଦିନକୁ ଦେବାକୁ ପଡ଼ିବ ଜରିମାନା



**ୱାଶିଂଟନ,୯।୪:** ବହିଷ୍କାର ନିର୍ଦ୍ଦେଶ ପରେ ଯେଉଁ ଆପ୍ରବାସୀମାନେ ଆମେରିକା ଛାଡ଼ି ନ ଥିବେ, ସେମାନଙ୍କ ଉପରେ ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଦୈନିକ ୯୯୮ ଡଲାର ଜରିମାନା ଲଗାଇବେ ବୋଲି ଯୋଜନା କରିଛି। ଯଦି ସେମାନେ ଜରିମାନା ପୈଠ ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯିବ ବୋଲି ଏକ ଦସ୍ତାବିଜ୍‌ରୁ ଜଣାପଡ଼ିଛି। ୧୯୯୬ ଆଇନର ଜରିମାନା ବ୍ୟବସ୍ଥା, ଯାହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳି ସରକାର ସମୟରେ ୨୦୧୮ରେ ପ୍ରଥମ ଥର ଲାଗୁ କରିଥିଲେ, ତାହାକୁ ପୁଣିଥରେ ୫ ବର୍ଷ ପର୍ଯ୍ୟନ୍ତ ଲାଗୁ କରିବାକୁ ଯୋଜନା କରିଛନ୍ତି। ଏହା ଦ୍ୱାରା ୧ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇପାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଯେଉଁମାନେ ବେଆଇନ ଭାବେ ଆମେରିକାରେ ରହିଛନ୍ତି, ସେମାନେ ଏବେ ସ୍ୱେଚ୍ଛାକୃତ ଭାବେ ଦେଶ ଛାଡ଼ି ପଳାଇଯାଆନ୍ତୁ, ନଚେତ ପରିଣାମର ସମ୍ମୁଖୀନ ହେବେ ବୋଲି ଆମେରିକା ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ ମୁଖପାତ୍ର ଟ୍ରିସିଆ ମାକ୍‌ଲୁଘଲିନ୍ କହିଛନ୍ତି। ଚୂଡ଼ାନ୍ତ ବହିଷ୍କାର ନିର୍ଦ୍ଦେଶ ପରେ ରହିଥିବା ଲୋକମାନଙ୍କୁ ଦୈନିକ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ। ଏଥିପାଇଁ ଏକ ନୂଆ ଟ୍ୟାବ୍ ଖୋଲିବାକୁ ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ କହିଛି।

# ମ୍ୟାକ୍ସୱେଲ ହରାଇଲେ ୨୫ ପ୍ରତିଶତ ମ୍ୟାଚ୍ ଫି

## ସିଏସକେ ବିପକ୍ଷ ମ୍ୟାଚରେ ଭାଙ୍ଗିଥିଲେ ନିୟମ



**ମୁମ୍ବାଇ, ୯।୪:** ପଞ୍ଜାବ କିଙ୍ଗ୍ସର ଅଲରାଉଣ୍ଡର ଖେଳାଳୀ ଗ୍ଲେନ ମାକ୍ସୱେଲ୍ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଆଇପିଏଲର ନିୟମ ଉଲ୍ଲଘଂନ କରିଛନ୍ତି। ବିସିସିଆଇ ମାକ୍ସୱେଲ୍‌ଙ୍କ ମ୍ୟାଚ୍ ଫିସ୍ ୨୫ପ୍ରତିଶତ ଜରିମାନା ରୂପରେ କାଟିବ। ଏହାସହ ତାଙ୍କୁ ଏକ ଡିମେରିଟ ଅଙ୍କ ବି ଦିଆଯାଇଛି।

ଏହି ମ୍ୟାଚକୁ ପଞ୍ଜାବ ୧୮ରନରେ ଜିତିଥିଲା। ପ୍ରିୟଂଶା ଆର୍ଯ୍ୟ ୪୨ବଲରେ ୧୦୩ରନର ପାଳି ଖେଳିଥିଲେ। ଯେଉଁଥିପାଇଁ ତାଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ଭାବେ ଚୟନ କରାଯାଇଥିଲା।

ଆଇପିଏଲ୍ ଦ୍ୱାରା ଜାରି କରାଯାଇଥିବା ଅଫିସିଆଲ ବୟାନରେ କୁହାଯାଇଛି କି, ପଞ୍ଜାବ କିଙ୍ଗ୍ସର ଅଲରାଉଣ୍ଡର ଗ୍ଲେନ ମାକ୍ସୱେଲ୍‌ଙ୍କ ଉପରେ ମଙ୍ଗଳବାର ନ୍ୟୁ ଚଣ୍ଡିଗଡ଼ର ନ୍ୟୁ ପିସିଏ ଷ୍ଟାଡିୟମରେ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ନିଜ ଟିମର ମ୍ୟାଚ୍ ସମୟରେ ଆଇପିଏଲ୍ ଆଚାର ସଂହିତା ଉଲ୍ଲଂଘନ ଲାଗି ମ୍ୟାଚ୍ ଫିସର ୨୫ପ୍ରତିଶତ ଜରିମାନା ଲଗାଯାଇଛି ଏହାସହ ଏକ ଡିମେରିଟ ଅଙ୍କ ବି ଅର୍ଜନ କରିଛନ୍ତି। ଗ୍ଲେନ ମାକ୍ସୱେଲ୍ ଅନୁଚ୍ଛେଦ ୨.୨ ମାଧମରେ ଲେବଲ ୧ ଅପରାଧକୁ ସ୍ୱୀକାର କରାଯାଇଛି ଏବଂ ମ୍ୟାଚ ରେଫରୀ ସଜାକୁ ସ୍ୱୀକାର କରିଛନ୍ତି। ଆଚାର ସଂହିତାର ଲେବୁଲ ୧ ଉଲ୍ଲଂଘନ ଲାଗି ମ୍ୟାଚ୍ ରେଫରୀର ନିର୍ଣ୍ଣୟ ଅନ୍ତିମ ଏବଂ ବାଧକାରୀ ହେବ। ଗ୍ଲେନ ମାକ୍ସୱେଲ୍‌ଙ୍କ ବ୍ୟାଟ୍ ଏବେ ପର୍ଯ୍ୟନ୍ତ ଆଇପିଏଲ୍ ୨୦୨୫ରେ ଚାଲି ନାହିଁ। ସେ ୩ପାଳିରେ ୩୧ରନ୍ କରିଛନ୍ତି। ସେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୩୦ରନ କରିଥିଲେ। ଯାହାକି ଗୁଜୁରାଟ ଟାଇଟନ୍ସ ବିପକ୍ଷରେ ଖାତା ବି ଖୋଲି ପାରିନଥିଲେ ଏବଂ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ସେ ୧ରନ କରି ଆଉଟ ହୋଇଯାଇଥିଲେ। ମାତ୍ର ସେ ବୋଲିଂରେ ଭଲ ଯୋଗଦାନ କରୁଛନ୍ତି ସେ ଏବେ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୩ଓ୍ୱିକେଟ ନେଇଛନ୍ତି।

ଶ୍ରେୟସ ଅୟରଙ୍କ ଅଧିନାୟକତ୍ୱାଧିନ ପଞ୍ଜାବ କିଙ୍ଗ୍ସର ପ୍ରଦର୍ଶନ ଏହି ସିଜନରେ ଏବେ ପର୍ଯ୍ୟନ୍ତ ବହୁତ ଭଲ ରହିଛି। ଆରମ୍ଭ ୨ମ୍ୟାଚ୍ ଜିତିବା ପରେ ସେ ତୃତୀୟ ମ୍ୟାଚ୍ ହାରିଥିଲେ ଏବଂ ଚତୁର୍ଥରେ ଚେନ୍ନାଇ ସୁପରକିଙ୍ଗ୍ସକୁ ୧୮ରନରେ ହରାଇଥିଲେ। ୪ରେ ୩ବିଜୟ ସହ ପଞ୍ଜାବ କିଙ୍ଗ୍ସର ତାଲିକାରେ ଏବେ ଚତୁର୍ଥ ନମ୍ବରରେ ଅଛି।

# ଆଇସିସି ପୁରସ୍କାର ଦୌଡ଼ରେ ଶ୍ରେୟାସ ଆୟର



**ନୂଆଦିଲ୍ଲୀ, ୯।୪:** ଆଇସିସି ପକ୍ଷରୁ ଗତ ମାର୍ଚ୍ଚ ମାସର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ୩ଜଣିଆ ତାଲିକା ଘୋଷଣା ହୋଇଛି। ଏଥିରେ ଟିମ୍ ଇଣ୍ଡିଆର ଷ୍ଟାର୍ ବ୍ୟାଟର ଶ୍ରେୟାସ ଆୟର, ନ୍ୟୁଜିଲାଣ୍ଡ ପେସ୍ ବୋଲର ଜାକବ ଡଫି ଓ ବ୍ୟାଟର ରଚିନ ରବିନ୍ଦ୍ର ସ୍ଥାନ ପାଇଛନ୍ତି। ଆୟର ଭାରତକୁ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ୍ କରାଇବାରେ ଅନ୍ୟତମ ଭୂମିକା ଗ୍ରହଣ କରିଥିଲେ।

ମାର୍ଚ୍ଚ ମାସରେ ସେ ୩ଟି ଦିନିକିଆ ଖେଳି ୫୭.୩୩ ଆଭରେଜରେ ମୋଟ ୧୭୨ରନ୍ ସଂଗ୍ରହ କରିଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୭୯, ଅଷ୍ଟ୍ରେଲିଆ ବିପକ୍ଷ ସେମି ଫାଇନାଲ୍‌ରେ ୪୫ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ୍‌ରେ ୪୮ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ୍ ଖେଳିଥିଲେ। ସେହିପରି ରବିନ୍ଦ୍ର ମଧ ୩ଟି ଦିନିକିଆ ଖେଳି ୫୦.୩୩ ଆଭରେଜରେ ୧୫୧ ରନ୍ କରିବା ସହ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ଡଫି ପାକିସ୍ତାନ ବିପକ୍ଷ ୫ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜରେ ମୋଟ ୧୩ଟି ଓ୍ୱିକେଟ୍ ନେଇଥିଲେ। ତାଙ୍କ ପ୍ରଦର୍ଶନ ବଳରେ ନ୍ୟୁଜିଲାଣ୍ଡ ୪-୧ରେ ସିରିଜ ବିଜୟୀ ହୋଇଥିଲା। ଏହାପରେ ପାକିସ୍ତାନ ବିପକ୍ଷ ପ୍ରଥମ ଦିନିକିଆରେ ମଧ ସେ ୨ଟି ଓ୍ୱିକେଟ୍ ହାସଲ କରିଥିଲେ।



# ଚିୟରଲିଡରଙ୍କ ହାତରେ ବାଜିଲା ରଚିନଙ୍କ ଚୌକା ଯନ୍ତ୍ରଣାରେ ଚିତ୍କାର କଲେ ସୁନ୍ଦରୀ

**ନୂଆଦିଲ୍ଲୀ, ୯।୪:** ଏବେ ଦେଶରେ ଆଇପିଏଲର ୧୮ତମ ସିଜିନକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧରେ ଅଜବ କ୍ରେଜ ରହିଛି। ପ୍ରତିଦିନ ଖେଳାଯାଉଥିବା ଆଇପିଏଲ ଲିଗ୍ ମ୍ୟାଚ୍‌ଗୁଡ଼ିକରେ ଚୌକା ଏବଂ ଛକାର ବର୍ଷା ହେଉଛି । ଏହି କ୍ରମରେ, ୮ ଏପ୍ରିଲରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧରେ ଖେଳାଯାଇଥିବା ମ୍ୟାଚ୍‌ରେ ଚୌକା ଏବଂ ଛକାର ବର୍ଷା ହୋଇଥିଲା। ପ୍ରତି ଚୌକା ଏବଂ ଛକାରେ ଦର୍ଶକଙ୍କ ସହିତ ଚିୟରଲିଡର୍ସ ମଧ ନାଚୁଥିବାର ଦେଖାଯାଇଥିଲା। କିନ୍ତୁ ତା'ପରେ କିଛି ଏପରି ଘଟିଲା ଯେ ଷ୍ଟାଡିୟମରେ ଥିବା ଜଣେ ଚିୟରଲିଡର ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଲେ। ଯାହାର ଯନ୍ତ୍ରଣାଦାୟକ ଭିଡିଓ ସୋସିଆଲ ମିଡିଆରେ ମଧ ଭାଇରାଲ ହେଉଛି। ଆସନ୍ତୁ ଜାଣିବା ପୂରା ଘଟଣା କ'ଣ। ପ୍ରକୃତରେ, ୮ ଏପ୍ରିଲରେ ଚେନ୍ନାଇ ସୁପର କିଙ୍ଗସ ଏବଂ ପଞ୍ଜାବ କିଙ୍ଗସ ମଧରେ ଖେଳାଯାଇଥିବା ମ୍ୟାଚ୍‌ରେ, ପଞ୍ଜାବ ପ୍ରଥମେ ବ୍ୟାଟିଂ କରିଥିଲା। ଜବାବରେ, ଚେନ୍ନାଇର ଓପନରମାନେ ସ୍ଥିର ଆରମ୍ଭ କରିଥିଲେ। ଏହି କ୍ରମରେ, ରାଚିନ ରବିନ୍ଦ୍ର ଏବଂ ଡେଭନ କନୱେ କ୍ରିଜରେ ଧୀରେ ଧୀରେ ରନ ହାରକୁ ଆଗକୁ ନେଉଥିଲେ। ଏହି ସମୟରେ ରାଚିନ ରବିନ୍ଦ୍ର ଏକ ସଟ୍ ଖେଳିଥିଲେ ଯାହା ସିଧା ବାଉଣ୍ଡରୀରେ ଚାଲିଯାଇଥିଲା ଏବଂ ଚେନ୍ନାଇର ଖାତାରେ ଆଉ ୪ ରନ୍ ଯୋଡି ହୋଇଥିଲା। କିନ୍ତୁ ଏହି ସମାନ ସଟ୍ ସେଠାରେ ଉପସ୍ଥିତ ଜଣେ ଚିୟରଲିଡରଙ୍କ ଅବସ୍ଥାକୁ ଆହୁରି ଖରାପ କରିଦେଇଥିଲା। ପ୍ରକୃତରେ, ଏହି ବଲଟି ଚିୟରଲିଡରଙ୍କୁ ବାଜିଥିଲା, ଯାହା ପରେ ସେ ଯନ୍ତ୍ରଣାରେ ଜୋରରେ ଚିତ୍କାର କରିବାକୁ ଲାଗିଲେ। ସେ ଯନ୍ତ୍ରଣାରେ ଛଟପଟ ହୋଇ କାନ୍ଦୁଥିବାର ମଧ ଦେଖିବାକୁ ମିଳିଛି। ଉଲ୍ଲେଖ ଥାଉ କି ପୂର୍ବରୁ ପଞ୍ଜାବ କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରି ୬ ଓ୍ୱିକେଟ୍ ବିନିମୟରେ ୨୧୯ ରନ୍ କରିଥିଲା, ଯାହାର ଜବାବରେ ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ କେବଳ ୨୦୧ ରନ୍ କରିପାରିଥିଲା। ଏବେ ଚିୟର ଲିଡରଙ୍କ ଭିଡିଓ ଦେଖିବା ପରେ, ଲୋକମାନେ କହୁଛନ୍ତି ଯେ ଚିୟରଲିଡର ଯେଉଁଭଳି ଚିତ୍କାର କରୁଛନ୍ତି ତାହା ଦେଖି ଲାଗୁଛି ଯେ ଆଘାତ ଗୁରୁତର ଅଛି।

## ସର୍ବଭାରତୀୟ ପୁଲିସ ହକି

# କର୍ଣ୍ଣାଟକ ୨୦-୧, ସିଆର୍‌ପିଏଫ୍ ୨୧-୧ରେ ବିଜୟୀ



**ଭୁବନେଶ୍ୱର, ୯।୪(ସଂଚାର ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମ୍ ହକି ଷ୍ଟାଡିୟମ୍‌ରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ପ୍ରତିଯୋଗିତାରେ ମଙ୍ଗଳବାର ମୋଟ ୭ ମ୍ୟାଚ୍ ଖେଳାଯାଇଛି। ସେଥିମଧରେ ରହିଛି ପୁରୁଷ ବର୍ଗର ୬ ଏବଂ ମହିଳା ବର୍ଗର ଗୋଟିଏ ମ୍ୟାଚ୍। ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ପୁଲିସ ୯-୦ ଗୋଲ୍‌ରେ ମହାରାଷ୍ଟ୍ର ପୁଲିସ୍‌କୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ କର୍ଣ୍ଣାଟକ ପୁଲିସ ୨୦-୧ରେ ଗୁଜରାଟ ପୁଲିସକୁ ହରାଇଛି। ତୃତୀୟ ମ୍ୟାଚ୍‌ରେ ତେଲେଙ୍ଗାନା ପୁଲିସ ୯-୧ ଗୋଲ୍‌ରେ କେରଳ ପୁଲିସକୁ ଏବଂ ଚତୁର୍ଥ ମ୍ୟାଚ୍‌ରେ ସିଆର୍‌ପିଏଫ୍ ଦଳ ୨୧-୧ରେ ପୁଡୁଚେରୀ ପୁଲିସକୁ ହରାଇଛି। ପଞ୍ଚମ ମୁକାବିଲାରେ ଉତ୍ତରପ୍ରଦେଶ ମହିଳା ପୁଲିସ ୬-୧ ଗୋଲ୍‌ରେ ତାମିଲନାଡୁ ମହିଳା ପୁଲିସକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିଭଳି ପଞ୍ଜାବ ଓ ମଧପ୍ରଦେଶ ମଧରେ ଖେଳାଯାଇଥିବା ଷଷ୍ଠ ମ୍ୟାଚ୍‌ରେ ପଞ୍ଜାବ ୭-୧ରେ ଏବଂ ଏସ୍ଏସ୍‌ବି ଓ ହରିୟାଣା ପୁଲିସ ମଧରେ ଖେଳଯାଇଥିବା ସପ୍ତମ ମ୍ୟାଚ୍‌କୁ ହରିୟାଣା ଏକତରଫା ଭାବେ ୧୮-୦ ଗୋଲ୍‌ରେ ଜିତି ନେଇଥିଲା। ମଙ୍ଗଳବାର ଦିନରେ ୪ ଏବଂ ସଂଧାରେ ୩ଟି ମ୍ୟାଚ୍ ଖେଳାଯାଇଥିଲା।

ମଙ୍ଗଳବାର କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା ବିଭାଗ) ଅରୁଣ ବୋଥ୍ରା ଏବଂ ଖୋର୍ଦ୍ଧା ଏସପି ସାଗରିକା ନାଥ, ଆୟୋଜନ କମିଟିର ଉପାଧକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## କୋଚ୍‌ଙ୍କ ମୁହଁରେ ପ୍ରିୟାଂଶ ଆର୍ଯ୍ୟଙ୍କ ସଫଳତାର କାହାଣୀ

# ଜଙ୍ଗଲରେ ଟ୍ରେନିଂ, ପାଖରେ ନଥିଲା ଫୋନ୍



**ମୁମ୍ବାଇ ୯।୪:** ଆଇପିଏଲ୍ ୨୦୨୫। ଦୈନିକ ନୂଆ ନୂଆ ରେକର୍ଡ। କିଏ ଇତିହାସ କରୁଛି ତ ଆଉ କିଏ ଭାଙ୍ଗୁଛି। ବିଶେଷ କରି ଚମକୁଛନ୍ତି ଯୁବ ତାରକା। ମଙ୍ଗଳବାର ସିଏସକେ ବିପକ୍ଷ ମ୍ୟାଚ୍‌ରେ ଚମକିଥିଲେ ଜଣେ ଯୁବ ଖେଳାଳି। ରଚିଥିଲେ ନୂଆ କୀର୍ତ୍ତିମାନ। ୩୯ ବଲର ହାସଲ କରିଥିଲେ ସେଞ୍ଚୁରୀ। ପ୍ରତି ବଲ୍‌ରେ ରନ୍ ବର୍ଷା। ଆଉ ମ୍ୟାଚ୍ ପରେ ପାଲଟିଗଲେ ସବୁରି ପ୍ରିୟର ପାତ୍ର। ତେବେ ଆଇପିଏଲ୍‌ର ଚମକୁଥିବା ଏହି ତାରକଙ୍କ ଜୀବନି ଥିଲା ବେଶ୍ କଷ୍ଟସାଧ। ଏକଥା ଆମେ କହୁନୁ ବରଂ ଖୁଲାସା କରିଛନ୍ତି କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ସଞ୍ଜୀବ ଭରଦ୍ୱାଜ। ଦିଲ୍ଲୀ ବାସିନ୍ଦା ୨୪ ବର୍ଷୀୟ ପ୍ରିୟାଂଶ ଆର୍ଯ୍ୟ। ବାପା ପେଶାରେ ଜଣେ ଶିକ୍ଷକ। ପିଲାଟି ବେଳୁ କ୍ରିକେଟ ପ୍ରତି ଥିଲା ଦୁର୍ବଳତା। ସେଥିପାଇଁ ସେ ୧୦ ବର୍ଷ ବୟସରୁ ଆରମ୍ଭ କରିଥିଲେ କ୍ରିକେଟ ଖେଳ। କୋଚ୍ ସଞ୍ଜୟ ଭାରଦ୍ୱାଜଙ୍କଠୁ ତାଲିମ ନେଇଥିଲେ ପ୍ରିୟାଂଶ। ତେବେ ତାଙ୍କର ଟ୍ରେନିଂ ଥିଲା ବେଶ୍ କଷ୍ଟସାଧ। ଭୋପାଳଠୁ ୨୦କିଲୋମିଟର ଦୂର ଜଙ୍ଗଲରେ ଥିବା କ୍ରିକେଟ ଏକାଡେମୀରେ ପ୍ରାକ୍ଟିସ କରୁଥିଲେ ପ୍ରିୟାଂଶ। ଆଉ ତାଙ୍କ ଏହି କଷ୍ଟବସାଧ ବଳରେ ସେ ଆଜି ଉଦୀୟମାନ ପ୍ରତିଭା। ପ୍ରଥମେ ଦିଲ୍ଲୀ ପ୍ରିମିୟର ଲିଗରେ ୬ବଲରେ ମାରିଥିଲେ ୬ ଛକା। ୪୦ ବଲରେ ଶତକ ମାରିଥିଲେ। ହେଲେ କାଲି ସେ ଚେନ୍ନାଇ ବିପକ୍ଷରେ ଦମଦାର ଶତକ ହାସଲ କରିଛନ୍ତି। ଚଳିତ ଆଇପିଏଲରେ ଗୁଜରାଟ ବିପକ୍ଷରେ ଡେବ୍ୟୁ କରିଥିଲେ। ମେଗା ନୀଲାମିରେ ତାଙ୍କୁ ୩ କୋଟି ୮ ଲକ୍ଷ ଟଙ୍କାରେ କିଣିଥିଲା ପଞ୍ଜାବ କିଙ୍ଗସ୍। ମଙ୍ଗଳବାର ଚେନ୍ନାଇ ସୁପରକିଙ୍ଗସ-ପଞ୍ଜାବ କିଙ୍ଗସର ଏକ ମ୍ୟାଚ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ପଞ୍ଜାବ। ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ପଞ୍ଜାବ। ଗୋଟିଏ ପରେ ଗୋଟିଏ ଓ୍ୱିକେଟ ହରାଇଥିଲା ପଞ୍ଜାବ। ୫ମ ଓ୍ୱିକେଟ ପତନ ପରେ ମୈଦାନକୁ ଆସିଥିଲେ ପ୍ରିୟାଂଶ ଆର୍ଯ୍ୟ। ଆଉ ତାହା ପରେ ପଡ଼ିଆରେ ବର୍ଷିଥିଲା ଚୌକା ଚକା। ୩୯ ବଲରେ ବିସ୍ଫୋରକ ଶତକ ହାସଲ କରିଥିଲେ ପ୍ରିୟାଂଶ। ୪୨ ବଲରେ ୧୦୩ରନର ଇନିଂସ ଖେଳିଥିଲେ। ସେଥିରେ ୭ ଚୌକା ଓ ୯ ଛକା ସାମିଲ ଥିଲା। ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପଞ୍ଜାବର ଏହି ଷ୍ଟାର ପ୍ଲେୟାରଙ୍କୁ ନେଇ ଚର୍ଚ୍ଚା। ପ୍ରିୟାଂଶଙ୍କ ଶତକ ବଳରେ ପଞ୍ଜାବ କିଙ୍ଗସ୍ ବିଜୟଧାରାକୁ ଫେରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୯ ଅନ୍ତର୍ଜାତୀୟ...

ଏମାନଙ୍କ ମଧ୍ୟରୁ ପ୍ରଥମେ ୨ ଜଣଙ୍କୁ ଅଟକ ରଖାଯିବା ପରେ ସେମାନଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅନ୍ୟମାନଙ୍କୁ ରାଉରକେଲା ସିଭିଲ୍ ଟାଉନ୍‌ସିଲ୍‌ସ୍ଥିତ ଏକ ଆପାର୍ଟମେଣ୍ଟ୍‌ରୁ ଗିରଫ କରାଯାଇଛି। ଉକ୍ତ ଆପାର୍ଟମେଣ୍ଟ୍ ଏହି ସାଇବର୍ ଲୁଟେରାମାନଙ୍କ ମୁଖ୍ୟ ଆଡ୍ଡାସ୍ଥଳ ଥିଲା। ସେମାନଙ୍କ ଠକେଇର ମୁଖ୍ୟ ଶିକାର ହୋଇଛନ୍ତି ଦକ୍ଷିଣ-ପଶ୍ଚିମ ଏସୀୟ ଦେଶର ନାଗରିକ। ସେମାନଙ୍କ ନିକଟରୁ ୫ଟି ଲ୍ୟାପଟପ, ୩୧ଟି ମୋବାଇଲ, ୬୮ଟି ସିମ କାର୍ଡ, ୨୦ଟି ଆଇଡି ପ୍ରୁଫ, ୪ଟି ପାସବୁକ, ୧୯ଟି ଏଟିଏମ କାର୍ଡ, ଗୋଟିଏ ମାରୁତି କାର ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଦେଶର ୨୭ଟି ରାଜ୍ୟରୁ ଏହି ଗ୍ୟାଙ୍ଗ୍ ତା'ର ଅପରେସନ୍ ଚଳାଇଥିଲା। ଦିନକୁ ଏମାନେ ପାଖାପାଖି ୬୦ ଲକ୍ଷ ଲୁଟୁଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛି।

## ୩ ନୂଆ...

ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୁଲିସ, କାରାଗାର, ଅଦାଲତ, ଦଣ୍ଡବିଧାନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ବର୍ତ୍ତମାନର ସ୍ଥିତି ନେଇ ସମୀକ୍ଷା କରାଯାଇଥିଲା। ବୈଠକରେ କେନ୍ଦ୍ର ଗୃହ ସଚିବ, ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କମିଲା ରେପୋ...

ମାଲହୋତ୍ରା କହିଛନ୍ତି।

ସେହିପରି ରେପୋ ରେଟ୍ ହ୍ରାସ ନେଇ ସେ କହିଛନ୍ତି ଯେ ଏମଏସଏଫ ରେଟ୍ ହ୍ରାସ ପାଇ ୬ ପ୍ରତିଶତରୁ ୫.୭୫ ପ୍ରତିଶତରେ ପହଞ୍ଚିଛି। ସେହିପରି ଚଳିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୈମାସରେ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ତୃତୀୟ ତ୍ରୈମାସରେ ଏହା ୬.୬ ପ୍ରତିଶତ ଓ ଚତୁର୍ଥ ତ୍ରୈମାସରେ ୬.୩ ପ୍ରତିଶତ ହେବ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷର ୪ଟି ତ୍ରୈମାସରେ ଜିଡିପି ବିକାଶ ହାର ଯଥାକ୍ରମେ ୬.୫, ୬.୭, ୬.୬ ଏବଂ ୬.୩% ରହିବା ନେଇ ଆକଳନ କରାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ବାସ୍ତବ ବିକାଶ ହାର ୬.୭ ପ୍ରତିଶତ ରହିବ ଓ ଦେଶର ଅର୍ଥବ୍ୟବସ୍ଥାରେ ସୁଧାର ଆସିବ ବୋଲି ଆକଳନ କରାଯାଇଛି। ଅଶୋଧିତ ତୈଳର ଅନ୍ତର୍ଜାତୀୟ ମୂଲ୍ୟ ହ୍ରାସ ପାଉଥିବାରୁ ଏହାର ଫାଇଦା ଭାରତୀୟ ଅର୍ଥନୀତିକୁ ମିଳିବ। ଏଥିସହ ଭାରତରେ ନିବେଶ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହା ବ୍ୟତୀତ ଉତ୍ପାଦନ କ୍ଷେତ୍ରରେ ମଧ ଉନ୍ନତିର ସଙ୍କେତ ମିଳୁଛି ବୋଲି ଆର୍‌ବିଆଇ ଗଭର୍ଣ୍ଣର କହିଛନ୍ତି।

## ମନୋଜ...

ଆଇଏଏସ୍ ପବିତ୍ର ମଣ୍ଡଳ ମଧ୍ୟ ସଦସ୍ୟ ହୋଇଥିବା ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରୁ ଜଣାପଡ଼ିଛି। ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ କମିଶନ୍ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ଏଥର...

କାରଣ ହେଉଛି ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ (ଆଇଓଡି)। ଆଇଇଡି ପଜିଟିଭ୍ ରହିଲେ ମୌସୁମୀ ବର୍ଷା ଭଲ ହୋଇଥାଏ। ଏଥର ଜୁନ୍ ପର୍ଯ୍ୟନ୍ତ ଆଇଇଡି ପଜିଟିଭ୍ ରହିବ। ଅବଶ୍ୟ ଜୁଲାଇଠାରୁ ନେଗେଟିଭ୍ ହେବାର ସମ୍ଭାବନା ଥିବାରୁ ଏହାର ପ୍ରଭାବ ମୌସୁମୀ ଉପରେ ପ୍ରଭାବ ପଡ଼ିବ। ସେହିପରି ଚଳିତ ମାସରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ମେ' ଓ ଜୁନ୍‌ରେ ସ୍ୱାଭାବିକ ଏବଂ ଜୁଲାଇରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ ପକ୍ଷରୁ ମଧ୍ୟ ପୂର୍ବାନୁମାନ କରାଯାଇଛି। ଏହି ଅନୁସାରେ, ଲଙ୍ଗ ପିରିୟଡ ଆଭେରେଜ ବା ଏଲପିଏରେ ମୌସୁମୀ ବର୍ଷା ୧୦୩ ପ୍ରତିଶତ ରହିପାରେ। ଆସନ୍ତା ଜୁନରୁ ସେପ୍ଟେମ୍ବର ମଧ୍ୟରେ ଏଲପିଏର ୮୬୮.୬ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗରେ ଭଲ ମୌସୁମୀ ବର୍ଷା ହେବ।

## ମୁନ୍ନା ଖାଁଙ୍କୁ...

ଆସିନାହିଁ। ତେବେ ଆମେ ଯେଉଁ ବିଜେଡି କାର୍ପଟଦାରଙ୍କ କଥା କହୁଛୁ ସେ ନବୀନ ନିବାସର ଅତି ଘନିଷ୍ଠ। ଚର୍ଚ୍ଚା ହେଉଛି ଗତ କିଛି ଦିନ ହେଲା ଏହି କାର୍ପଟଦାର ନେତାଙ୍କୁ ପାଣ୍ଡିଆନ ଦୁରେଇବା ଆରମ୍ଭ କରିଦେଇଥିଲେ। କାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ଜିଲ୍ଲାରେ ବିଜେଡିର ସଂଗଠନକୁ ଭାଗ ଭାଗ କରିବା ଏବଂ ବରିଷ୍ଠ ନେତାଙ୍କୁ ହାତଦାର କରି କିଛି ଅବାଞ୍ଛିତ ଓ ଦାଗୀ ଯୁବ ନେତାଙ୍କୁ ସଂଗଠନ ଦାୟିତ୍ୱ ଦେବା କିମ୍ବା ପାର୍ଟି ଟିକେଟ ଦେଇ ନିର୍ବାଚନ ଲଢେଇବାରେ ସେହି କାର୍ପଟଦାର ନେତାଙ୍କ ପ୍ରଚ୍ଛନ୍ନ ହାତ ଥିବା ଜଣାପଡିଥିଲା।

ଏମିତି ବି ମୁନ୍ନା ଖାଁଙ୍କ ରାଲିରେ ଯାଇ ପାଣ୍ଡିଆନ ହଟାଅ ବିଜେଡି ବଞ୍ଚାଅ ନାରା ଦେଉଥିବା ଯୁବ ନେତାମାନେ ଦେବାଶିଷ ସାମନ୍ତରାୟଙ୍କ ଚେଲା ବୋଲି ମଧ୍ୟ ଜଣାପଡିଛି। ଆଉ ଦେବାଶିଷଙ୍କ ସହ ସେହି ପରଦା ପଛର କାର୍ପଟଦାରଙ୍କ ସମ୍ପର୍କ ଭାରି ଘନିଷ୍ଠ। ତେଣୁ ମୁନ୍ନା ଖାଁ ଜରିଆରେ ପାଣ୍ଡିଆନଙ୍କୁ ଓ୍ୱାକଫ ବିବାଦରେ ବଦନାମ କରିବାର ଷଡଯନ୍ତ୍ର ସେ ହିଁ ରଚିଥିବା ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି।

## ମୁଖ୍ୟମନ୍ତ୍ରୀଙ୍କୁ ...

ଚେକିଂ ପାଇଁ ସେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ସେପଟେ ସୁନ୍ଦରଗଡ଼ରେ ବେଆଇନ୍ କୋଇଲା ଖଣି ଉପରେ ଚାଲିଛି ଘନ ଘନ ଚଢ଼ାଉ। ପ୍ରଶାସନର ଘନ ଘନ ଚଢାଉରେ ଛତ୍ର ଭଙ୍ଗ ଦେଲେଣି କଳାହୀରାର କଳା କାରବାର ଚଳାଉଥିବା ମାଫିଆମାନେ। ଏବେ ସୁଦ୍ଧା ୨ଶହ ୫୦ ଟନ୍‌ରୁ ଅଧିକ କୋଇଲା ଜବତ ହେଲାଣି। ଘଟଣାସ୍ଥଳରେ ଖଣି ବିଭାଗର ଡେପୁଟି ଡାଇରେକ୍ଟର ତଦନ୍ତ କରିବା ସହ ଜଙ୍ଗଲରେ ଗଚ୍ଛିତ ଚୋରି କୋଇଲାକୁ ଜବତ କରିଛନ୍ତି । ମଙ୍ଗଳବାର ହେମଗିରି ଅଞ୍ଚଳରେ ବେଆଇନ କୋଇଲା ଖଣି ଉପରେ ଚଢାଉ କରିଥିଲା ଜିଲ୍ଲା ପ୍ରଶାସନର ମିଳିତ ଟିମ୍ । ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ପୋଲିସ ଓ ବନବିଭାଗର ଏକ ମିଳିତ ଟିମ୍ ହେମିଗିରି ଥାନା ରତନସରା, ଭୋଗରାକଛାର ଓ ଲତାପାଣି ଅଞ୍ଚଳରେ ଚଢାଉ କରି ୧୦ରୁ ଅଧିକ ବେଆଇନ ଖଣି ସିଜ୍ କରିବା ସହ କୋଇଲା ଜବତ କରିଥିଲା ।

ଗତ ୪ ତାରିଖରେ ତେଲେଣ୍ଡିହି ଜଙ୍ଗଲରେ ବେଆଇନ କୋଇଲା ଖଣି ଠାବ ସହ ୧୪୪ ଟନ୍ କୋଇଲା ଜବତ ହୋଇଥିଲା । ବୁଧବାର ପୁଣି ଜିଲ୍ଲା ପ୍ରଶାସନ ପକ୍ଷରୁ ଜଙ୍ଗଲରେ ବେଆଇନ୍ କୋଇଲା ଖଣି ଉପରେ ହୋଇଛି ଚଢ଼ାଉ । ଅନେକ ଦିନ ଧରି ଜଙ୍ଗଲ ଭିତରେ ଚାଲିଥିଲା ବେଆଇନ୍ କୋଇଲା ଖଣି । ବର୍ଷ ବର୍ଷ ଧରି ବେଧଡ଼କ କୋଇଲା ଲୁଟୁଥିଲେ ମାଫିଆ । ଆଉ ପଡ଼ୋଶୀ ଛତିଶଗଡ଼ ସହ ଝାଡ଼ଖଣ୍ଡକୁ ଚୋରା ଚାଲାଣ ହେଉଥିଲା ଏହି କୋଇଲା । ଏକଥା କହି ଜାଣିନଥିଲେ ସେକଥା ନୁହେଁ । ସବୁ ଜାଣି ବି ଚୁପ୍ ଥିଲେ ସମସ୍ତେ । କାରଣ ଏହି ବେଆଇନ୍ କୋଇଲା ଖଣିରୁ ସମସ୍ତଙ୍କ ପକେଟ୍ ଗରମ ହେଉଥିଲା । କାରଣ ସଂରକ୍ଷିତ ଜଙ୍ଗଲରେ ବେଆଇନ୍ କୋଇଲା ଖଣି ନେଇ ୨୦୨୪ରେ ବନ ଅଧିକାରୀ ହେମଗିରିର ତତ୍‌କାଳୀନ ତହସିଲଦାରଙ୍କୁ ଚିଠି ଲେଖିଥିଲେ । ଯୋଉ ଚିଠିକୁ ଚାପି ଦେଇଥିଲେ ତତ୍‌କାଳୀନ ତହସିଲଦାର ଲବଲେନ୍ଦୁ ମହାନ୍ତି ।

## ପ୍ରତିଷ୍ଠାତା...

ଆଉ ବିଜେଡି ପାର୍ଟି ଫଣ୍ଡରେ ଥିବା ସବୁ ଅର୍ଥ ମିଳିମିଶି ଚଳୁ କରିବେ। ଓ୍ୱାକଫ ବିଲ୍ ଭୋଟିଂ ନେଇ ବିଜେଡିରେ ଚାଲିଥିବା ମହାଭାରତର ସମାଧାନ ପାଇଁ ନବୀନ ଆଜି ନିଜ ପସନ୍ଦର ଦୁଇଟି ଗଣମାଧ୍ୟମକ ସାମ୍ନାକୁ ଆସିଥିଲେ ମଧ୍ୟ ଓ୍ୱାକଫ୍ ବିଲ୍ ସଂକ୍ରାନ୍ତରେ ପଦୁଟିଏ ହେଲେ କହି ନାହାନ୍ତି । ବରଂ ଆଗଚଲା ନେତାମାନେ ତାଙ୍କ ମୁହଁରେ ଅତି ଚତୁରତାର ସହ ପ୍ରଭାତ ତ୍ରିପାଠୀଙ୍କ ଭଳି ବରିଷ୍ଠନେତାଙ୍କୁ ଅପମାନିତ କରିବା ସହିତ ପାଣ୍ଡିଆନଙ୍କ ପ୍ରଶଂସା କରିବାରେ ସଫଳ ହୋଇଛନ୍ତି । ରାଜ୍ୟବାସୀ ଚାହିଁଥିବା ଓ୍ୱାକଫ୍ ବିଲ୍ ଠାରୁ ଦଳକୁ ଦୂରେଇ ରଖିଛନ୍ତି । ଏହାଦ୍ୱାରା ରାଜ୍ୟବାସୀଙ୍କ ଆଗରେ ନବୀନଙ୍କୁ ଦୁଇ ପଇସିଆ ନେତାଭାବେ ଉପସ୍ଥାପନ କରିଛନ୍ତି ।

ନବୀନ ଓ୍ୱାକଫ୍ ବିଲ୍ ଉପରେ କହିବା ପରିବର୍ତ୍ତେ ହୋଟେଲ ଓ ଅନ୍ୟାନ୍ୟ ସ୍ଥାନରେ ଦଳୀୟ ନେତାମାନେ ଏକାଠି ହେବା ବଦଳରେ ଶଙ୍ଖଭବନରେ ବୈଠକ କରିବାକୁ ପରାମର୍ଶ ଦେଇଛନ୍ତି । ତେବେ ଯେଉଁ ବୈଠକକୁ ନେଇ ଆଗଚଲା ନେତାଙ୍କ କଥାରେ ନବୀନ ପରୋକ୍ଷ ଚେତାବନୀ ଦେଇଥିଲେ ସେହିନେତାମାନେ ଆଜି ଦିନ ତମାମ କବାଟିକୀଳା ବୈଠକ କରିଥିଲେ । ଗୋଟିଏ ପଟେ ଦଳର ପ୍ରତିଷ୍ଠାନତା ସଦସ୍ୟମାନେ ବରିଷ୍ଠ ନେତାମାନଙ୍କୁ ନେଇ ବୈଠକ କରିଥିବାବେଳେ ଏହି ଆଗଚଲା ନେତାମାନେ ସମାନ୍ତରାଳ ବୈଠକ କରି ସେମାନଙ୍କୁ ଟକ୍କର ଦେଇଥିଲେ ।

## ପାଣ୍ଡିଆନଙ୍କୁ...

ସମ୍ପର୍କରେ ସେ କହିଥିଲେ ଯେ ସେ ଚିଟଫଣ୍ଡ ଲିଙ୍କରେ ଜେଲ ଯାଇଥିଲେ। ତେଣୁ କିଛି ବର୍ଷ ତଳେ ତାଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ତେଣୁ ତାଙ୍କର କୌଣସି ମନ୍ତବ୍ୟ ଦଳ ପାଇଁ ଗୁରୁତ୍ୱ ବହନ କରେନାହିଁ।

ଏଭିତରେ କିନ୍ତୁ ପ୍ରଭାତ ତ୍ରିପାଠୀଙ୍କୁ ଦଳର ବହିଷ୍କାର କରାଯାଇଛି ନା ତାଙ୍କୁ ବିଜେଡିରୁ ନିଲମ୍ବନ କରି ଦୁଇ ବର୍ଷ ପରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସୋସିଆଲ ମିଡିଆରେ ୨୦୧୭ରେ ଏକ ବିଜେଡି ପ୍ରେସ ରିଲଜ ବୁଲୁଛି ଯେଉଁଥିରେ ସଭାପତିଙ୍କ ନିର୍ଦ୍ଦେଶରେ ପ୍ରଭାତ ତ୍ରିପାଠୀଙ୍କ ନଲମ୍ବନ ପ୍ରତ୍ୟାହାର କରାଯାଇଥିବା କହୁଯାଇଛି। ତେବେ ଏ ସମ୍ପର୍କରେ ନା ପ୍ରଭାତ ତ୍ରିପାଠୀ ନା ବିଜେଡିର ଅନ୍ୟ କେଉଁ ବରିଷ୍ଠ ନେତାଙ୍କ ସ୍ପଷ୍ଟୀକରଣ ମିଳିପାରିନାହିଁ। ଏଥିସହିତ ବିଭିନ୍ନ ହୋଟଲରେ ବିଜେଡି ନେତାଙ୍କ ମେଳିକୁ ନେଇ ସେ କଡା ଟିପଣୀ ଦେଇଛନ୍ତି। ହୋଟେଲରେ ବିଜେଡ଼ି ନେତାଙ୍କ ବୈଠକକୁ ନାପସନ୍ଦ କରି ସେ କହିଥିଲେ ଦଳର ମୁଖ୍ୟାଳୟ ଶଙ୍ଖ ଭବନ ବହୁତ ବଡ଼ ଓ ଅନେକ ସୁବିଧା ମଧ୍ୟ ରହିଛି। ତେଣୁ ଶଙ୍ଖ ଭବନରେ ବୈଠକ ନକରି ହୋଟେଲରେ ବୈଠକ ନକରିବାକୁ ସେ ସବୁ ନେତାଙ୍କୁ ପରାମର୍ଶ ଦେଇଛନ୍ତି।

# ଓଡିଶାକୁ ଆସିବ ବ୍ୟାପକ ପୁଂଜି



**ଭୁବନେଶ୍ୱର, ୯।୩(ସଂଚାର ବ୍ୟୁରୋ):** ଦିଲ୍ଲୀରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶିଳ୍ପ ବିକାଶ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ କହିଛନ୍ତି। ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ଉତ୍କର୍ଷ ଓଡିଶା ପରେ ନୂଆ ଦିଲ୍ଲୀରେ ଆଇଓସିଏଲ ସହିତ ଚୁକ୍ତି ଦ୍ୱିତୀୟ ଐତିହାସିକ ପଦକ୍ଷେପ ବୋଲି ସେ କହିଛନ୍ତି। ଏପ୍ରିଲ ୭ ଓ ୮ ଏହି ଦୁଇ ଦିନ ଧରି, ସେ ଏଚସିଏଲର ନୋଇଡା ସ୍ଥିତ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ଦିଲ୍ଲୀରେ ଅନେକ ଶିଳ୍ପପତିଙ୍କ ସହିତ ଆଲୋଚନା କରିଛନ୍ତି। ଏଚସିଏଲକୁ ଓଡ଼ିଶାରେ କ୍ୟାମ୍ପସ୍ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ସକରାତ୍ମକ ମତାମତ ମିଳିଛି ବୋଲି ସେ କହିଛନ୍ତି। ସେ କହିଛନ୍ତି, ଖୁସିର କଥା ହେଉଛି ଶିଳ୍ପପତି ଓ ପୁଞ୍ଜିନିବେଶକାରୀଙ୍କ ମଧ୍ୟରେ ଓଡିଶାକୁ ନେଇ ଖୁବ୍ ଆଗ୍ରହୀ ଅଛନ୍ତି । ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ, ତାହା ସଫଳ ହେଉଛି ଏବଂ ଓଡ଼ିଶାକୁ ବ୍ୟାପକ ପୁଞ୍ଜି ଆସିବାର ସୁଯୋଗ ସୃଷ୍ଟି ହୋଇଛି। ଏହି ଗସ୍ତ ସମୟରେ ସମୁଦାୟ ୧୩ଟି ଚୁକ୍ତି ସ୍ୱାକ୍ଷର ହୋଇଛି । ଏହା ସହିତ ୧୫ଟି ପୁଂଜିନିବେଶ ପ୍ରସ୍ତାବ ମଧ୍ୟ ଆସିଛି । ଏହା ଦ୍ୱାରା ୧ଲକ୍ଷ ୩ହଜାର ୯୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ୯୫ହଜାର ୧୯୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ଆଜି ସେ ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ଓଡିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହଯୋଗ ସଂପର୍କରେ ଆଲୋଚନା କରିଛନ୍ତି। ରାଜ୍ୟରେ ନୂଆ ଅପରାଧୀକ ଆଇନ କାର୍ଯ୍ୟକାରୀ କରିବା, ନକ୍ସଲ ଦମନ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିବା ସେ କହିଛନ୍ତି। ରାଜ୍ୟରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପୋଲିସ୍ ବାହିନୀକୁ ସଶକ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି ଏବଂ ଏଥିପାଇଁ ପୋଲିସ୍ ବାହିନୀରେ ୧୨ ହଜାରରୁ ଅଧିକ ନିଯୁକ୍ତି କରାଯିବ ବୋଲି ସେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଅବଗତ କରିଥିବା କହିଛନ୍ତି। ନୂଆ ଅପରାଧୀକ ଆଇନର କାର୍ଯ୍ୟକାରୀତା ପାଇଁ ଅନେକ ପଦକ୍ଷେପ ମଧ୍ୟରେ ୨୦ଟି ନୂଆ ସାଇବର ପୋଲିସ ଷ୍ଟେସନ ସ୍ଥାପନ, ସବୁ ସବ୍‌ଡିଭିଜନରେ ଫରେନ୍‌ସିକ ଭେଇକିଲ୍ ମୁତୟନ ଆଦି ପଦକ୍ଷେପ ରହିଛି । ଏହାସହିତ ସାଇବର କ୍ରାଇମ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ମଧ୍ୟ ଓଡିଶା ସାଇବର କ୍ରାଇମ କମାଣ୍ଡ ସେଣ୍ଟର ଗଠନ କରିବା ପାଇଁ ଚିନ୍ତା କରୁଛନ୍ତି । ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୨୦୦୦ ନୂଆ ଟ୍ରାଫିକ ପୋଲିସ ପଦବୀ ମଧ୍ୟ ସୃଷ୍ଟି କରାଯିବ।

## ମା' ବୁଢ଼ୀ ଠାକୁରାଣୀଙ୍କ କଳସ ଯାତ୍ରା



**ବୋରିଗୁମ୍ମା, ୯।୪ (ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସଦର ମହକୁମାରେ ଚୈତ୍ରମାସ ତୃତୀୟ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ମା' ବୁଢ଼ୀ ଠାକୁରାଣୀଙ୍କ ଘୋଟଯାତ୍ରା। ଏହି ଯାତ୍ରା ଗ୍ରାମରେ ୭ ଦିନ ଧରି ଚାଲିଥିଲା। ଗ୍ରାମର ପୂଜାରୀଙ୍କ ଦ୍ୱାରା ମା' ଠାକୁରାଣୀଙ୍କ ଘଟକୁ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ପୂଜା ପାଇଥିବା ଦେଖିବାକୁ ମିଳିଛି। ଶେଷ ମଙ୍ଗଳବାର ମା' ବୁଢ଼ୀ ଠାକୁରାଣୀ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ।ସକାଳୁ ଗ୍ରାମର ଶତାଧିକ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହ ମା'ଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପର୍ବ ଶେଷ ହୋଇଥିଲା। ମା' ଠାକୁରାଣୀଙ୍କ କଳସ ଯାତ୍ରା ଅବସରରେ ବୋରିଗୁମ୍ମା ସହର ଉତ୍ସବ ମୁଖର ହେବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର କମିଟି ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମହାତ୍ମାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ମେଗା ରକ୍ତଦାନ ଶିବିର



**ବୈଶିଙ୍ଗା,୯।୪ (ସଂଚାର ବ୍ୟୁର):** ସାରା ରାଜ୍ୟରେ ଓଡିଆ ପକ୍ଷ ପାଳନ ହେଉଥିବା ଅବସରରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧି ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡଃ ମମତା ସାହୁ ଙ୍କ ପରିଚାଳନାରେ ଆଜି ୯ ଏପ୍ରିଲ ବୁଧବାର ଦିନ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ର ରକ୍ତ ଭଣ୍ଡାର ପରିଚାଳକ ଡ. ସୌମ୍ୟରଞ୍ଜନ ନାୟକ ଏବଂ ସହଯୋଗୀ ଭାବେ ରୁଚିକା ଖୁରାନା, କରୁଣାକର ଜେନା, ସୁକୁଲ ହେମ୍ବ୍ରମ୍ ଏବଂ ଧିରେନ ମୁଖି ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ତଥା ମାଣିଦା କଲେଜ ଅଧାପକ ଡଃ ଦିଲ୍ଲୀପ ଭୋଇ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ରକ୍ତ ଦାନ ସମ୍ପର୍କରେ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟୟନ ରତ ଛାତ୍ର/ଛାତ୍ରୀ ଙ୍କ ସମେତ ପୂର୍ବତନ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧାପକ/ଅଧାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ବେତନଟୀ ବ୍ଲକ ପ୍ରେସ କ୍ଲବ ସଭାପତି ପ୍ରକାଶ ବେହେରା, ତଥା ବରିଷ୍ଠ ସାମ୍ବାଦିକ ସୀତାନାଥ ବେହେରା, ବିମଳେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ରକ୍ତ ସଂଗ୍ରହ ରେ ସହଯୋଗ କରିଥିବା ପି.ଆର.ଏମ ମେଡିକାଲ୍ କଲେଜ ଏବଂ ହସପିଟାଲ ରକ୍ତ ଭଣ୍ଡାର ର ଡାକ୍ତର ଓ କର୍ମଚାରୀଙ୍କୁ ମହାବିଦ୍ୟାଳୟ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ସ୍ୱର୍ଣ୍ଣଚୂଡ଼ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦଯାପିତ



**ନୀଳଗିରି,୯।୪(ସଂଚାର ବ୍ୟୁର):** ନୀଳଗିରି ବ୍ଲକ ମିତ୍ରପୁର ସ୍ୱର୍ଣ୍ଣଚୂଡ଼ କଲେଜରେ ଯୁକ୍ତତିନି ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦଯାପିତ ହୋଇଯାଇଛି। ଗତ ମାର୍ଚ୍ଚ ୨୮ ତାରିଖରେ ଶିବିରକୁ କଲେଜ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶକ୍ତି ପ୍ରସନ୍ନ ଚାନ୍ଦ ଉଦଘାଟନ କରିଥିଲେ। ଉକ୍ତ କଲେଜର ଅଧ୍ୟାପିକା ଶ୍ରୀମତୀ ରଶ୍ମିତା ପଣ୍ଡା, ସ୍ମରଣିକା ଧଳ, ମାନସୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ୮ ଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ରଞ୍ଜିତା ସ୍ୱାଇଁ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କଳାକୌଶଳର ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ଦିବସରେ ତାଲିମପ୍ରାପ୍ତ ୧୧୦ ଜଣ ଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଚାନ୍ଦ ପୁରସ୍କାରପତ୍ର ପ୍ରଦାନ କରିଥିଲେ। 'ନାରୀ ସଶକ୍ତିକରଣରେ ଆତ୍ମସୁରକ୍ଷାର ତାଲିମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ' ଅଧ୍ୟକ୍ଷଙ୍କ ଦ୍ୱାରା ଏକ ସାରଗର୍ଭକ ଭାଷଣ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ଉଦଯାପନୀସଭା ଆୟୋଜିତ ହୋଇଥିଲା ବେଳେ ଏଥିରେ ଆତ୍ମସୁରକ୍ଷା ବିଭାଗର ଅନ୍ୟତମ ସଦସ୍ୟା ଅଧ୍ୟାପିକା ଉତ୍କର୍ଷା ଦାସ ଏବଂ ଡ. ନବନୀତା ଦାସଙ୍କ ସକ୍ରିୟ ସହଯୋଗରେ ସଭାକାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା।

# ରାସ୍ତା ପାର୍ଶ୍ୱ ପାଲଟିଛି ଡମ୍ପିଂୟାର୍ଡ

**କେଉଁଠି ଝୁଲୁଛି ତାଲା, ଆଉ କେଉଁଠି ଭାଙ୍ଗି ଗଲାଣି**

**ସ୍ୱଚ୍ଛ ଭାରତ ମିଶନ ଫେଲ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ**

**କିନ୍ତୁ ପ୍ରତିମାସରେ ଉଠୁଛି ସରକାରୀ ତହବିଲରୁ ଟଙ୍କା**




**କାକଟପୁର /ଅସ୍ତରଙ୍ଗ, ୯।୪ (ସଂଚାର ବ୍ୟୁର):** ଗାଁ ଗୁଡ଼ିକୁ ସରସ ସୁନ୍ଦର କରିବାକୁ ସରକାରଙ୍କ ତରଫରୁ ପ୍ରତି ପଂଚାୟତରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି ଶତ କିନ୍ତୁ ତାହା କାର୍ଯ୍ୟକ୍ଷମ ହେଉନାହିଁ, ଗାଁ ଠାରୁ ବଜାର ରାସ୍ତା ପାର୍ଶ୍ୱରେ ପଡ଼ି ରହିଛି କୁଢ଼ କୁଢ଼ ଅଳିଆ ଆବର୍ଜନା। ଯାହା ଫଳରେ ଏକ ପୂର୍ତ୍ତିମୟ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେବା ସହ ଅପ୍ରାକୃତିକ ଡମ୍ପିୟାର୍ଡ଼ ସୃଷ୍ଟି ହୋଇଛି। ଏହା ପ୍ରତି ସ୍ଥାନିୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟ ଦୃଷ୍ଟି ପଡୁନାହିଁ। ଯାହାକି ଲକ୍ଷାଧିକ ଟଙ୍କାରେ ନିର୍ମିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ଝୁଲୁଛି ତାଲା। ସରକାର କା ମାଲ ଦରିଆ ମେ ଡାଲ। ପରିମଳ ବ୍ୟବସ୍ଥା ଫେଲ, ରାସ୍ତା ପାର୍ଶ୍ୱ ପାଲଟିଛି ଡମ୍ପିୟାର୍ଡ। କେଉଁଠି ଝୁଲୁଛି ତାଲା ତ କେଉଁଠି ଖାଲି ରଙ୍ଗ ପରିବର୍ତ୍ତନ ହେଉଛି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର। ରାସ୍ତା ପାର୍ଶ୍ୱରେ ଗଦା ଗଦା ହୋଇଛି କୁଢ଼ କୁଢ଼ ଅଳିଆ। ରାସ୍ତା କଡ଼ ହେଉ କି ବଜାର ଘାଟ ରେ ଅଳିଆ ଭର୍ତ୍ତୀ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇ ଦୁର୍ଗନ୍ଧରେ ଫାଟି ପଡୁଛି ପୂରା ପରିବେଶ। ସତେ ଯେପରି ଡମ୍ପିୟାର୍ଡ଼ ପାଲଟିଛି। ଦୈନନ୍ଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ରାସ୍ତା ପାର୍ଶ୍ୱ ଅଳିଆ ଆବର୍ଜନା ଦୁର୍ଗନ୍ଧ ଲୋକଙ୍କୁ ଯିବା ଆସିବା କରିବାରେ ସମସ୍ୟା ହେଉଛି। ଏ ନେଇ ନୂଆଗଡ଼ ପଂଚାୟତ ସମିତି ସଭ୍ୟ ରାମଚନ୍ଦ୍ର ନାୟକ କହିଛନ୍ତି ହାତଗଣତି ଅଳ୍ପ କେତୋଟି ପଂଚାୟତକୁ ବର୍ଜ୍ୟବସ୍ତୁ ଗାଡି ପ୍ରଦାନ କରାଯାଇଥିବା ବେଳେ ପଂଚାୟତକୁ ଆସୁଥିବା ଟଙ୍କା ପରିମଳ ବ୍ୟବସ୍ଥା ନ ହୋଇ ବିଭିନ୍ନ ପଂଚାୟତରେ କୁଜି ନେତା ହଡପ କରୁଛନ୍ତି ବୋଲି ଚର୍ଚ୍ଚା। ଏହାର ଉପଯୁକ୍ତ ତଦନ୍ତ ଆବଶ୍ୟକ। ସରକାରଙ୍କ ପାଣ୍ଠିରୁ ପ୍ରତି ପଂଚାୟତ କୁ ପରିମଳ ବ୍ୟବସ୍ଥା ଶହ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଛି ବର୍ଜ୍ୟ ବସ୍ତୁ ପରିଚାଳନା କେନ୍ଦ୍ର। କିନ୍ତୁ କେଉଁଠି ଭାଙ୍ଗି ରୁଜି ଗଲାଣି ତ କେଉଁଠି ନୂଆ ତିଆରି ହୋଇ ଝୁଲୁଛି ତାଲା, ଆଉ କେଉଁଠି କେବଳ ରଙ୍ଗ ପରିବର୍ତ୍ତନ ହେବାରେ ଲାଗିଛି। ସମ୍ପୂର୍ଣ୍ଣ ଭାବରେ ପରିମଳ ବ୍ୟବସ୍ଥା ଫେଲ ମାରିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରତି ପଂଚାୟତରେ ସରକାର ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ ହୋଇଛି ଶତ କିନ୍ତୁ କେଉଁଠି ଭାଙ୍ଗି ରୁଜି ଗଲାଣି ଆଉ କେଉଁଠି ତାଲା ଝୁଲୁଛି। ଏହା ଶହ ବିଭିନ୍ନ ପଂଚାୟତ ରେ ଅଳିଆ ସଂଗ୍ରହ କରିବାକୁ ଗାଡି ଯୋଗାଇ ଦିଆଯାଇଛି ଶତ କିନ୍ତୁ କେଉଁଠି ଅଳିଆ ବୁହା ଗାଡି ଗଡୁନି, କେଉଁଠି ଅଳ୍ପ କିଛି ଦିନ ଗଡ଼ି ପ୍ରଶାସନିକ ଅଧିକାରୀ ଓ କିଛି କୁଜି ନେତା ଅଳିଆ ସଫା ବିଲ କରି ଟଙ୍କା ଉଠାଉଛନ୍ତି ମାତ୍ର ଅଳିଆ ବର୍ଜ୍ୟ ବସ୍ତୁ କେନ୍ଦ୍ର ପରିବର୍ତ୍ତେ ରାସ୍ତା ପାର୍ଶ୍ୱରେ ଢଳା ହୋଇ ଏକ ଅପ୍ରାକୃତିକ ଡମ୍ପିୟାର୍ଡ଼ ପାଲଟିଛି। ଯାହା ଫଳରେ ଯାତାୟାତ ସମୟରେ ଦୁର୍ଗନ୍ଧ ପୂର୍ତ୍ତି ମୟପରିବେଶ ସୃଷ୍ଟି ହେବା ଶହ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପୂର୍ଣ୍ଣ ଫେଲ ମାରିଚି।ସ୍ୱଚ୍ଛତା ପ୍ରତି କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି, କାହିଁକି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। କାହିଁକି ଏହା କାର୍ଯ୍ୟକାରୀ ହେଉନି ତାହାର କୌଣସି ଉତ୍ତର କାହା ପାଖରେ ନାହିଁ। ଯାହାକୁ ନେଇ ସ୍ଥାନୀୟ ପରିବେଶବିତ ଶୋଭାକର ବେହେରା କହିଛନ୍ତି ବିଭିନ୍ନ ଅଞ୍ଚଳରେ ବର୍ଜ୍ୟବସ୍ତୁ ପଡ଼ିରହୁଛି ଏହା ପୂର୍ତ୍ତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଯାହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସଚେତନତା ଅଭାବ ସହ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ରହୁଛି। ଯାହାକି ପରିବେଶ ପ୍ରଦୂଷିତ ହେବା ସଙ୍ଗେ ସଙ୍ଗେ ଜନସାଧାରଣ ଅସୁବିଧା ପଡୁଛନ୍ତି।ସାଧାରଣ ଲୋକ କହିବା ମୁତାବକ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମନୋଭାବ ଯୋଗୁଁ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ଜିଲ୍ଲାପ୍ରଶାସନ ଏହାକୁ ଗୁରୁତ୍ୱସହ ନେଇ ଅନୁଧ୍ୟାନ କଲେ ସଠିକ ସଦୁପଯୋଗ ହୋଇ ପାରିବ।

## 'ପଖାଳ' ଓଡ଼ିଶା ସଂସ୍କୃତି ଓ ପରମ୍ପରାକୁ ବାନ୍ଧି ରଖିବାର ମାଧ୍ୟମ



**ଭୁବନେଶ୍ୱର,୯।୪ (ସଂଚାର ବ୍ୟୁର):** ପଖାଳ ସବୁ ଓଡ଼ିଆଙ୍କର ପ୍ରିୟ ଖାଦ୍ୟ। ଓଡ଼ିଶାର ଘରେ ଘରେ ଏହି ପାରମ୍ପରିକ ଖାଦ୍ୟ ବେଶ ଆଦୃତ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ପଖାଳର ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ସୋଆ ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ବୁଧବାର ଆରମ୍ଭ ହୋଇଥିବା ପଖାଳ ଉତ୍ସବକୁ ଉଦ୍‌ଘାଟନ କରି ଏହା କହିଛନ୍ତି ଶ୍ରୀମତି ଦାସ। ଓଡ଼ିଶାର ଜନଜାତି ସମ୍ପ୍ରଦାୟର ଇତିହାସ, ଜୀବନଶୈଳୀ, ପରମ୍ପରା ଓ ସଂସ୍କୃତିକୁ ବାନ୍ଧି ରଖିବାର ପ୍ରୟାସ ଏହି ପଖାଳ ଉତ୍ସବର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏପ୍ରିଲ୍ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ 'ପଖାଳ ଉତ୍ସବ'ର ଆୟୋଜନ କରାଯାଇଛି। ୫ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଉତ୍ସବରେ ପଖାଳ ସାଙ୍ଗକୁ ବିଭିନ୍ନ କିସମର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ପାରମ୍ପରିକ ବ୍ୟଞ୍ଜନ ପରିବେଷଣ ସହିତ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପ୍ରତ୍ୟେକ ଓଡିଆଙ୍କ ଖାଦ୍ୟରୁଚି ତଥା ଭାବଧାରାକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି କହିଛନ୍ତି। ଖରାଦିନେ ପ୍ରତ୍ୟେକ ଓଡ଼ିଆ ଖରା ତାତିକୁ ଏଡ଼ାଇବା ପାଇଁ ପଖାଳ ଖାଇବାକୁ ହିଁ ପସନ୍ଦ କରିଥାନ୍ତି ବୋଲି ସେ କହିଛନ୍ତି। ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଗ୍ରାମୀଣ ପରିବେଶର ଏକ ଝଲକ ଏହି ପଖାଳ ଉତ୍ସବର ଆୟୋଜନରେ ଦେଖିବାକୁ ମିଳିଛି। ଅତିଥିମାନଙ୍କୁ ୫ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେକ ଦିନ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ ପଖାଳ ପରଷା ଯିବ। ଏହି ଉତ୍ସବକୁ ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀମାନେ ହିଁ ସଞ୍ଚାଳନ କରୁଥିବା ବେଳେ ସେମାନଙ୍କୁ ଫ୍ୟାକଲ୍ଟି ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରୁଛନ୍ତି ଏହି ୫ ଦିନିଆ ପଖାଳ ଉତ୍ସବରେ ଅତିଥି ମାନଙ୍କୁ ଉଷୁନା ପଖାଳ, ଅରୁଆ ପଖାଳ, ଦହି ପଖାଳ, ଅଦା ପଖାଳ, ଛୁଙ୍କ ପଖାଳ ଏବଂ ଲେମ୍ବୁ ପଖାଳ ପ୍ରଭୃତି ପରଷା ଯିବାର ବ୍ୟବସ୍ଥା ହେବ।

● ଅବକାରୀ ବିଭାଗର ଚଢଉ

## ବ୍ୟାପକ ମଦ ଜବତ, ୨ ଗିରଫ



**ବୈଶିଙ୍ଗା,୯।୪ (ସଂଚାର ବ୍ୟୁର):** ବୈଶିଙ୍ଗା ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଚଢଉ କରି ଦେଶୀ ଏବଂ ବିଦେଶୀ ମଦ ଜବତ ସହ ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ବେତନଟୀ ଅବକାରୀ ବିଭାଗ। ପ୍ରାପ୍ତ ସୂଚନା ମୁତାବକ ବୁଧବାର ପୂର୍ବାହ୍ନ ସମୟରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନା ଅଧୀନ ପ୍ରତିମା ଦେଇପୁର ରାମର ସୁରଥ ବେହେରା ଏବଂ ଦେଓପଡ଼ା ଗ୍ରାମର ବିକାଶ ପରିଡ଼ାଙ୍କ ନିକଟରୁ ୩୩ ଲି ଦେଶୀ ମଦ, ୫ଲି ୪୦୦ ମିଲି ର ବିଦେଶୀ ମଦ ଏବଂ ୧୩ ଲି ବିୟର ମଦକୁ ଜବତ କରି ଏହି ଦୁଇ ଜଣଙ୍କୁ ଗିରଫ କରିଥିଲେ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜ୍ଜୁ କରାଯିବା ସହ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଦୁଇ ଜଣଙ୍କୁ ବେତନଟୀ ଜେଏମଏଫସି କୋର୍ଟ କୁ ଚାଲାଣ କରାଯାଇଥିଲା

## ମହିଳା ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ସାମ୍ବାଦିକଙ୍କ ପକ୍ଷରୁ ସୁରକ୍ଷାପାଇଁ ଦାବି

**ବେତନଟୀ,୯।୪ (ସଂଚାର ବ୍ୟୁର):** ଗତ ସପ୍ତାହରେ ପୁରୀ ବଡଦାଣ୍ଡରେ ଜଣେ ମହିଳା ସାମ୍ବାଦିକଙ୍କ ସହିତ ତାଙ୍କ ସହିତ ଥିବା କ୍ୟାମେରା ମ୍ୟାନଙ୍କୁ ମନ୍ଦିର ସେବାୟତ ମାନଙ୍କ ଦୁର୍ବ୍ୟବହାର ଓ ଅଶାଳୀନ କାର୍ଯ୍ୟକଳାପ ଯାହା ଘଟି ଯାଇଛି ସେ ନେଇ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏହାର ପ୍ରତିବାଦ କରାଯିବା ସହିତ ସମସ୍ତ ସାମ୍ବାଦିକମାନଙ୍କୁ ଖବର ସଂଗ୍ରହ ବେଳେ ସୁରକ୍ଷା ଯୋଗାଇଦେବାକୁ ସରକାରଙ୍କ ଠାରେ ଦାବି କରାଯାଇଛି। ଆଜି ଏହି ଉପଲକ୍ଷେ ବେତନଟୀ ବିଡିଓଙ୍କ ମାଧମରେ ସାମ୍ବାଦିକମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ କରୁଥିବାବେଳେ ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ମାଧମରେ ବରିଷ୍ଠ ସାମ୍ବାଦିକମାନେ ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ବେତନଟୀ ପ୍ରେସ କ୍ଲବ ସଭାପତି ପ୍ରକାଶ ବେହେରା, ପ୍ରେସ କ୍ଲବ ଉପଦେଷ୍ଟା ତଥା ଆଇନ ପରାମର୍ଶଦାତା ଆଡଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ଏବଂ ପ୍ରେସ କ୍ଲବ ୨୪୦୭ ବେତନଟୀ ଜୋନର ସଭାପତି ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରମୁଖଙ୍କ ସ୍ୱାକ୍ଷର ରେ ଏହା ଦିଆଯାଇଥିବା କୁହାଯାଇଛି। ଅନ୍ୟ କ୍ଷେତ୍ରରେ ମଧ କେତେକ ପୋଲିସ ଅଧିକାରୀ ସାମ୍ବାଦିକମାନଙ୍କ ପ୍ରତି ସୌଜନ୍ୟତା ପ୍ରଦର୍ଶନ କରୁନଥିବାର ଅଭିଯୋଗ ଆସିଥିବା ହେତୁ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଘରୋଇ ବିଭାଗ ଥିବା ହେତୁ ନିଜେ ଦୃଷ୍ଟି ଦେବାକୁ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି।

## ବାଲି ଚୋରା ଚାଲାଣ କରୁଥିବା ହାଇୱା ଜବତ, ଡ୍ରାଇଭର ଗିରଫ



**କୋଣାର୍କ,୯।୪ (ସଂଚାର ବ୍ୟୁର):** ବୁଧବାର ସକାଳ ସମୟରେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ରାମଚଣ୍ଡୀ ଥାନା ଅଧିନସ୍ଥ ଗୋପ - ବାଲିଘାଇ ରାସ୍ତାରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ହାଇୱା ଟିପର ଗାଡି ନଂ - ଓଡି୦୫ ବିଆର ୧୩୭୯ ଗାଡିକୁ ରାମଚଣ୍ଡୀ ଥାନା ପୋଲିସ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ ବିଭିନ୍ନ ସମୟରେ କୋଣାର୍କ- ପୁରୀ ମେରାଇନ ଡ୍ରାଇଭ ରାସ୍ତାର ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା ବେଳେ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଥିଲା। ମାତ୍ର ବୁଧବାର ସକାଳ ସମୟରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର କୌଣସି ସୂତ୍ରରୁ ରାମଚଣ୍ଡୀ ଥାନାର ହସ୍ତଗତ ହୋଇଥିଲା। ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଗୋପ - ବାଲିଘାଇ ରାସ୍ତାରେ ଚଢାଉ କରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଏକ ହାଇୱା ଟିପ୍ପର ଗାଡି ନଂ - ଓଡି୦୫ବିଆର୧୩୭୯କୁ ଜବତ କରିବା ସହିତ ନିଆଳି ଥାନା ମାଧବ ଗ୍ରାମର ଗାଡିର ଡ୍ରାଇଭର ମୀର ମମତାଜ ଅଲ୍ଲୀ (୪୧) ବର୍ଷ ଙ୍କୁ ରାମଚଣ୍ଡୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ କେସନଂ-୨୬/୨୫ ଅନୁଯାୟୀ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବେଆଇନ ବାଲି ଚୋରା ଚାଲାଣ ଉପରେ ରୋକ ଲଗାଇବା ପାଇଁ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ପ୍ରେଟୋଲିଂଗ କଡାକଡି କରାଯିବା ସହ ଚଢାଉ ଅବ୍ୟାହତ ରହିବ ବୋଲି ଥାନା ଅଧିକାରୀ ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି।

### ଆରମ୍ଭରୁ ଝୁଣ୍ଟିଲାଣି ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା

## ମାଣ୍ଡିଆ ଲଡ଼ୁ ପରିବର୍ତ୍ତେ ୫ଟଙ୍କିଆ ବିସ୍କୁଟ୍

**କାକଟପୁର /ଅସ୍ତରଙ୍ଗ,୯।୪ (ସଂଚାର ବ୍ୟୁର):** ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିଲା ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା। ଯୋଜନା ଅନୁଯାୟୀ ବିଦ୍ୟାଳୟ ଗୁଡିକରେ ସରକାରଙ୍କ ପକ୍ଷରୁ ପୋଷଣଯୁକ୍ତ ମାଣ୍ଡିଆ ଲଡ଼ୁ ବାଣ୍ଟି ଏହାର ଶୁଭାରମ୍ଭ କରାଯାଇଥିଲା। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଥିବା ଏକାଧିକ ବିଦ୍ୟାଳୟରେ ଏହି ପୋଷଣ ଯୁକ୍ତ ମାଣ୍ଡିଆ ଲଡ଼ୁ ପରିବର୍ତ୍ତେ ୫ଟଙ୍କିଆ ବିସ୍କୁଟ ଦିଆଯାଉଥିବା ଦେଖିବାକୁ ମିଳୁଛି, ଅନେକ ସ୍ଥାନରେ ମଧ୍ୟ କିଛି ମିଳୁନାହିଁ। ଫଳରେ ଯୋଜନା ଆରମ୍ଭ ହେଉ ହେଉ ଝୁଣ୍ଟିଥିବା ଭଳି ଅଭିଯୋଗ କଲେଣି ଅଭିଭାବକ ଓ ଜନପ୍ରତିନିଧି। ମିଳିଥିବା ସୂଚନା ମୁତାବକ, ପ୍ରଥମରୁ ଦଶମ ଛାତ୍ର ଛାତ୍ରୀମାନଙ୍କୁ ସୋମବାର, ବୁଧବାର, ଶୁକ୍ରବାର ଅଣ୍ଡା ଦିଆଯିବା ସହିତ ମଙ୍ଗଳବାର, ଗୁରୁବାର, ଶନିବାର ପୋଷଣଯୁକ୍ତ ମାଣ୍ଡିଆ ଲଡ଼ୁ ମଧ୍ୟାହ୍ନଭୋଜନରେ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ପିଏମ୍ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅନୁସାରେ ଏହା ମିଳିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏବେ ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟରେ ପୋଷଣ ଲଡ଼ୁ ବାଟ ହୁଡୁଛି। ବିଭିନ୍ନ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଯୋଗାଣ ଦାୟିତ୍ୱ ନେଇ ଥିବା ବ୍ୟକ୍ତି କାହିଁକି ଲଡ଼ୁ ବଣ୍ଟନ କରି ନାହାନ୍ତି ତାହା ପ୍ରଶ୍ନବାଚୀ। ସରକାର ସିଧାସଳଖ ବିଦ୍ୟାଳୟରେ ମାଣ୍ଡିଆ ଲଡ଼ୁ ପ୍ରସ୍ତୁତ କରି ଛାତ୍ର, ଛାତ୍ରୀଙ୍କୁ ଦେବା ନିମନ୍ତେ ଗାଇଡ଼ଲାଇନି ଜାରୀ କରିଥିଲେ। ସ୍ଥାନୀୟ ବଜାର ରୁ ମାଣ୍ଡିଆ କିଣି ଖାଦ୍ୟ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକା ମାଧ୍ୟମରେ ଏହାକୁ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷେ, ଉକ୍ତ ଲଡ଼ୁ ନିମନ୍ତେ ସରକାରୀ ସ୍ତରରେ ତିଆରି ସହିତ ୩ଟଙ୍କା ୫୦ପଇସା ହିସାବରେ ଖର୍ଚ୍ଚ ଦିଆଯାଉଥିବା ବେଳେ ଏହା କିଭଳି ଉଚ୍ଚ ମାନର ହେବ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଯୋଗାଣ ଦାୟିତ୍ୱ ଥିବା ବ୍ୟକ୍ତି କାହିଁକି ଦାୟିତ୍ୱ ନେଉ ନାହାନ୍ତି। ଜିଲ୍ଲାପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

## ୫ ଚୋରି ମୋବାଇଲ ଜବତ,ଲୁଟେରା ଗିରଫ

**ବାଲିଅନ୍ତା,୯।୪ (ସଂଚାର ବ୍ୟୁର):** ବାଲିଅନ୍ତା ଥାନା ପୁଲିସ ଆଜି ମୋବାଇଲ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଗଞ୍ଜାମ ଜିଲ୍ଲା ଆସ୍କା ଥାନା ଅଧୀନ ଗଣ୍ଡା ପଲ୍ଲୀ ଗ୍ରାମର ଏ ନରେଶ (୩୭ ) । ତେବେ କୋର୍ଟରେ ଏ ନରେଶ ଜାମିନ ଖାରଜ ହୋଇଯିବାରୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଯୋଗ୍ୟ ଯେ, ଆଜି ବାଲିଅନ୍ତା ଥାନାଧିକାରୀ ଅନିଲ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ନିଜ ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଏ ନରେଶ ବାଲିଅନ୍ତା ବଜାରରେ କେତେଗୁଡ଼ିଏ ଚୋରା ମୋବାଇଲ ଫୋନ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକଙ୍କ ଯୋଗାଯୋଗ କରୁଥିବା ନେଇ ପୁଲିସକୁ ସୂଚନା ପାଇଥିଲା । ମିଳିଥିବା ସୂଚନା ଆଧାରରେ ପେଟ୍ରୋଲିଙ୍ଗ ଟିମ ଘଟଣା ସ୍ଥଳରେ ଅତର୍କିତ ଚଢଉ କରିବା ସହିତ ଅଭିଯୁକ୍ତ ଏ ନରେଶକୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ପୁଲିସ ତା ହେପାଜତରୁ ୫ ଟି ଦାମୀ ଚୋରା ମୋବାଇଲ ଫୋନ ଜବତ କରିଥିଲେ। ପଚରାଉଚରା ବେଳେ ଏହି ମୋବାଇଲ ଗୁଡିକୁ ଚୋରି କରି ଆଣିଥିବା ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ ବିଭିନ୍ନ ଥାନାରେ ୪ ଗୋଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ଅଟୋକୁ ବାଇକ୍ ଧକ୍କା ଦେଲା ଚାଳକ ମୃତ

● ଅଟୋ ପରିବହନ ୧୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

**ବାରିପଦା,୯।୪ (ସଂଚାର ବ୍ୟୁର):** ଆଜି ଅପରାହ୍ନରେ ଜନୈକ ଯୁବକ ଏକ ପଲସର ବାଇକ ରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା କୁ ଯାଉଥିବା ସମୟରେ ବିଜାତଳା ବଜାର ରାସ୍ତା ଉପରେ ଅଟୋ ସହିତ ଧକ୍କା ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ବୁଧବାର ଦିନ ବିଜାତଳାରେ ସାପ୍ତାହିକ ହାଟ ଥିବାରୁ ଅଟୋ ରେ କିଛି ହାଟୁଆ ବ୍ୟବସାୟୀ ବିଜାତଳା ହାଟକୁ ଆସୁଥିବାବେଳେ ରାସ୍ତାରେ ବାଇକ ସହ ଅଟୋ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଫଳରେ ଅଟୋରେ ଆସିଥିବା ୧୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୁର୍ଘଟଣା ରେ ଆହତ ହୋଇଥିଲେ । ସେମାନେ ସମସ୍ତେ ବିଜାତଳା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସିତ ପରେ ସୁସ୍ଥ ଥିବାର ଜଣାପଡିଅଛି ।ପୋଲିସ ମୃତକ ଯୁବକଙ୍କୁ ଙ୍କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲ କୁ ପଠାଇଛି । ଆସନ୍ତାକାଲି ଗୁରୁବାର ଦିନ ସକାଳେ ଶବ ବ୍ୟବଚ୍ଛେଦ କରାଯିବ । ମୃତ ଯୁବକଙ୍କ ଘର ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣାପାଣି ପଞ୍ଚାୟତର ମୁରୁଗାଘୁଟୁ ଗ୍ରାମର ମାନ ମୁର୍ମୁ (୨୨) ବୋଲି ପୋଲିସ ସୂତ୍ରରୁ ଜଣାପଡିଅଛି ।





## ପାଲା ଗାୟକ ସମ୍ବର୍ଦ୍ଧିତ

**କଣାସ,୯।୪(ସଂଚାର ବ୍ୟୁରୋ):** କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତ ଡିମିରି ଗ୍ରାମର ମା ହରଚଣ୍ଡୀଙ୍କ ପୀଠରେ ଚାଲିଥିବା ୫ ଦିନିଆ ବାଦୀ ପାଲାରେ ଗାୟକ ସମ୍ରାଟ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କୁ ପଣ୍ଡିତ ଗଦାଧର ସ୍ମୃତି ସମ୍ମାନ ଗତକାଲି ପ୍ରଦାନ କରାଯାଇଛି। ଡିମିରି ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ମିଶ୍ର ଉପଢୌକନ, ମାନପତ୍ର ପୁଷ୍ପଗୁଚ୍ଛ ଦେଇ ଗାୟକ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ସମୟରେ ବରିଷ୍ଠ ସାମ୍ବାଦିକ ବିଭୂତିଭୂଷଣ ତ୍ରୀପାଠୀ, ଶ୍ରୀକାନ୍ତ ପଟ୍ଟଯୋଶୀ,ପ୍ରଭାକର ବଳିୟାରସିଂହ, ସ୍ୱର୍ଗତ ଗଦାଧର ପୁରୋହିତଙ୍କ କନ୍ୟା ଅର୍ଚ୍ଚନା ପୁରୋହିତ ଉପସ୍ଥିତ ଥିଲେ।

## ପ୍ରମୁଖ ଶାସନ ସଚିବ ବୋଲଗଡ଼ ବ୍ଲକ ପରିଦର୍ଶନ



**ଖୋର୍ଦ୍ଧା,୯।୪(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଉନ୍ନୟନ ତଦାରଖରେ ଥିବା ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରିବୀମା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଗତକାଲି ଠାରୁ ତିନିଦିନିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଆଜି ବେଗୁନିଆ ଓ ବୋଲଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ନୂତନ ଭାବେ ଚାଲୁରହିଥିବା ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ବୁଲିଦେଖିବା ସହ ଉପୁଜୁଥିବା ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରି ପ୍ରକଳ୍ପ କାର୍ଯ୍ୟ ଆଗେଇନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଗୁନିଆ ବ୍ଲକ କୁଶପଲ୍ଲା ଠାରେ ୧୮ କୋଟି ୧୫ ଲକ୍ଷ ବ୍ୟୟ ଅଟକଳରେ ନବ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗଣ ଓ ପରିମଳ ରଶ୍ମିତା ଦାସଙ୍କୁ ପଚାରି ବୁଝି ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ମହାନଦୀରୁ ପାଣି ଉଠାଇବା, ପାଇପ ଲାଇନ ସଂଯୋଗ, ଜମି ଜମା ସମସ୍ୟା, ଶ୍ରମିକ ନିଯୁକ୍ତି, ଶ୍ରମିକ ମାନଙ୍କୁ ତାଲିମ ଦେଇ କାର୍ଯ୍ୟ କରାଇବା, କାର୍ଯ୍ୟର ମାନ ଉତ୍ତମ ମାନର ହେବା, ଶ୍ରମିକ ମାନଙ୍କ ରେଜିଷ୍ଟର ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା, ଅଞ୍ଚଳରେ ଥିବା ଶ୍ରମିକ କାର୍ଡ ଧାରୀଙ୍କୁ ଶ୍ରମ ପ୍ରଦାନ କରିବା ଓ ଶ୍ରମିକ କାର୍ଡ ଯାଞ୍ଚ କରିବାକୁ ଶ୍ରମ ଅଧିକାରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ଆସନ୍ତା ୯ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ଅଧିକ୍ଷଣ ଯନ୍ତ୍ରୀ ଓ ମେସେର୍ଷ ଲାର୍ଜେନ ଆଣ୍ଡ ଟାଉବ୍ରୋ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପାନୀୟ ଜଳ ପ୍ରକଳ୍ପରେ ବେଗୁନିଆ ବ୍ଲକର ୫ ଗୋଟି ପଂଚାୟତ ସମେତ, ଖୋର୍ଦ୍ଧା ଓ ଜଟଣୀ ବ୍ଲକର ସମସ୍ତ ପଞ୍ଚାୟତବାସୀ ଉପକୃତ ହୋଇପାରିବେ।

# 'ଆସ ବହିଟିଏ କିଣିବା' ଅଭିଯାନରେ ଅଭୂତପୂର୍ବ ଉତ୍ସାହ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ଓଡ଼ିଶାରେ ପ୍ରଥମ ଥର ପାଇଁ ଗତ ୧ରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଥିବା ବେଳେ ଆଜି ନବମ ଦିନରେ ସାରା ରାଜ୍ୟରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଛି। ବର୍ତ୍ତମାନର ଟେକ୍ନୋଲୋଜି ଯୁଗରେ ମଣିଷ

**ଓଡ଼ିଆ ପକ୍ଷର ନବମ ଦିନ**

କ୍ରମଶଃ ବହିଠାରୁ ଦୂରେଇ ଯାଉଥିବାରୁ ପୁଣିଥରେ ବହି ପ୍ରତି ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସକାଶେ ଏହି ଅଭିଯାନ ମାଧ୍ୟମରେ ଉଦ୍ୟମ କରାଯାଇଛି। ଏହି ଦିନଟି ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାଙ୍କ ପାଇଁ ସମର୍ପିତ ଥିଲା। ସାହିତ୍ୟ ଜଗତର ସାଧକଙ୍କ ଦ୍ୱାରା ଲିଖିତ ପୁସ୍ତକ କିଣିବା, ପଢ଼ିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ସାରା ରାଜ୍ୟରେ ଏହି ଅଭିଯାନ ପାଳିତ ହୋଇଛି।



ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ପୁସ୍ତକ ବିକ୍ରୟ କେନ୍ଦ୍ର ପରିଦର୍ଶନ କରିବା ସହ ବହି କିଣିଛନ୍ତି। ଏଥିସହିତ ମହାବିଦ୍ୟାଳୟମାନଙ୍କରେ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନ ସମ୍ପର୍କୀୟ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଏଥିସହ ବହି କିଣିବା ଓ ପୁସ୍ତକ ପଠନକୁ ନିୟମିତ ଭାବେ ଦିନଚର୍ଯ୍ୟାରେ ସାମିଲ୍ କରିବା ସକାଶେ ଆହ୍ୱାନ ଦିଆଯାଇଛି। ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ବହି ଦୋକାନରେ ମଧ୍ୟ 'ଆସ ବହିଟିଏ କିଣିବା' ଅଭିଯାନ ପାଳିତ ହୋଇଛି। ବହି ଦୋକାନଗୁଡ଼ିକରେ ପାଠକ ଓ ବିଦ୍ୟାର୍ଥୀମାନଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ସମସ୍ତେ ଆନନ୍ଦର ସହ ନିଜ ପାଇଁ ବହି କିଣିବା ସହିତ ବନ୍ଧୁପରିଜନଙ୍କୁ ବହିଟିଏ ଉପହାର ଦେଉଛନ୍ତି। ଏଥିସହିତ ବହି କିଣିବା ଓ ପଢ଼ିବାର ସେଲ୍ଫି ଉଠାଇ ଏହାକୁ ଅତି ଉତ୍ସାହର ସହିତ ଓଡ଼ିଆ ପକ୍ଷ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରିଛନ୍ତି।

ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନ ସମ୍ପର୍କରେ ଯୁବପିଢ଼ି ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ସାହିତ୍ୟ ସର୍ଜନାକୁ ପ୍ରୋତ୍ସାହନ ଦେବା ଦିଗରେ ସାରା ରାଜ୍ୟରେ ଏହି ଅଭିଯାନକୁ ସଫଳତାର ସହ ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଅଭିଯାନରେ ସମସ୍ତ ଓଡ଼ିଶାବାସୀଙ୍କୁ ସାମିଲ ହେବା ପାଇଁ ନିବେଦନ କରିବା ସହ ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିବାକୁ ପ୍ରେରଣା ଦେଇଥିଲେ।

● ରାଜଧାନୀରେ ସିରିଜ୍ ଦୁର୍ଘଟଣା

## ପଛକୁ ପଛ ପିଟିହେଲା ୩ ଟ୍ରକ୍: ଜଣେ ଗୁରୁତର

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ଆଜି ରାଜଧାନୀ ଭୁବନେଶ୍ୱରରେ ସିରିଜ୍ ଦୁର୍ଘଟଣା ଘଟି ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପଛକୁ ପଛ ୩ଟି ଟ୍ରକ୍ ପିଟିହୋଇଥିବା ବେଳେ ଏହି



ସିରିଜ୍ ଦୁର୍ଘଟଣା ଭୁବନେଶ୍ୱର ପଲାଶୁଣି ଛକରେ ଘଟିଛି। ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ପୁଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ମିଳିଥିବା ସୂଚନାନୁସାରେ, କଟକ ଆଡକୁ ଯାଉଥିବା ଏକ ଟ୍ରକ୍ ପ୍ରଥମେ ନିୟନ୍ତ୍ରଣ ହରାଇ ଡିଭାଇଡର ସହ ପିଟି ହୋଇଥିଲା। ତେଣୁ ଏହା ପଛରେ ଆସୁଥିବା ଅନ୍ୟ ଦୁଇଟି ଟ୍ରକ୍ ପଛପଟରୁ ଧକ୍କା ଦେଇଥିଲେ। ଫଳରେ କିଛି ସମୟ ପାଇଁ ପଲାଶୁଣି ଛକରେ ଗାଡ଼ିମୋଟର ଯାତାୟାତ ଏକରକମ ଠପ୍ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବାହିନୀ ସହଯୋଗରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଗୁଡ଼ିକୁ ରାସ୍ତାରୁ ହଟାଇବା ପରେ ଯାନବାହନ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟ ପକ୍ଷରେ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଯାତ୍ରୀଙ୍କ ପରିଚୟ ମିଳିପାରିନାହିଁ। ପୁଲିସ୍ ପକ୍ଷରୁ ଅନୁସନ୍ଧାନ ଜାରି ରଖିଛି।

■ ଦୁଇ ପଞ୍ଚାୟତବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର

## ଆର୍‌ଆଇ କାର୍ଯ୍ୟାଳୟ ଲୋକାର୍ପଣ କଲେ ସାଂସଦ ଅପରାଜିତା



**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ସ୍ଥାନୀୟ କଲ୍ୟାଣପୁର ପଞ୍ଚାୟତ ଅର୍ନ୍ତଗତ ନୂଆବନ୍ତରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ନୂତନ ଭାବେ ନିର୍ମିତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟାଳୟ ଦ୍ୱାରା ୨ ପଞ୍ଚାୟତର ୧୧ ରାଜସ୍ୱ ଗ୍ରାମରେ ବସବାସ କରୁଥିବା ପ୍ରାୟ ୨୦ ହଜାର ଲୋକ ଉପକୃତ ହେବେ। ଗ୍ରାମ୍ୟ ଉନ୍ନୟନ (ଆରଡ଼ି) ବିଭାଗ ପକ୍ଷରୁ ପ୍ରାୟ ୧.୪୦ କୋଟି ଟଙ୍କା ବ୍ୟୟରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଏଥିସହ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଥିବାରୁ ପଞ୍ଚାୟତବାସୀ ଏଥିସକାଶେ ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୂର୍ବରୁ ୧୦ କିମି ଦୂରରେ ଥିବା ଆରଆଇ କାର୍ଯ୍ୟାଳୟ ଉପରେ ସ୍ଥାନୀୟ ଲୋକେ ସେମାନଙ୍କ ଜମିବାଡ଼ି ମାପଚୁପ, ବାର୍ଦ୍ଧକ୍ୟ ଭତ୍ତା, ଆୟ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଦାଖଲ ଖାରଜ ଭଳି ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଭର କରିବାକୁ ବାଧ୍ୟ ହେଉଥିଲେ। ଏଥିସକାଶେ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମମାନଙ୍କୁ ବହୁ ପରିଶ୍ରମ ସ୍ୱୀକାର କରିବାକୁ ପଡୁଥିଲା। ଏପରି ସମସ୍ୟାର ଅନ୍ତ ପାଇଁ ନୂଆବନ୍ତରେ ଆର୍‌ଆଇ ଅଫିସ୍ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକେ ଗତ ୨୦ ବର୍ଷ ହେଲା ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ ଭେଟି ସ୍ଥାନୀୟ ଲୋକେ ସେମାନଙ୍କର ଏହି ଦୀର୍ଘସ୍ଥାୟୀ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଶ୍ରୀମତୀ ଷଡ଼ଙ୍ଗୀ ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଆରଡ଼ି ବିଭାଗର ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରିବା ପରେ ଏ ବାବଦରେ ଅର୍ଥ ମଞ୍ଜୁର ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ସହ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ସାହୁ, ଜିଲ୍ଲା ପରିଷଦ (୩୦ ନଂ ଜୋନ୍) ସଭ୍ୟା ବବିତା ରାଉତ, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହନ ଦାସ ଯୋଗଦେଇଥିଲେ।

## ଋଣଭାର ଅସହ୍ୟ, ଜୀବନ ହାରିଲେ ଦମ୍ପତି

● ଅଣନିଃଶ୍ୱାସୀ କରିଥିଲା ଫାଇନାନ୍ସ କମ୍ପାନୀ ଚାପ

**ପୁରୁଷୋତ୍ତମପୁର,୯।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ତଥା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବେଢ଼ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଋଣ ଭାରରେ ଅତିଷ୍ଠ ହୋଇ ଜନୈକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଦମ୍ପତି ହେଲେ ଲଡୁକିଶୋର ମହାରଣା (୬୦) ଓ ସଜନି ମହାରଣା (୫୭)। ଏହି ଦମ୍ପତିଙ୍କ ତିନି ଝିଅ ବିବାହ କରିସାରିଥିବା ବେଳେ ଏକମାତ୍ର ପୁଅ ସନ୍ତୋଷ ତାଙ୍କ ପରିବାର ସହ ବିଦେଶରେ ରହୁଛନ୍ତି। ତେବେ ଘରେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଏକାକୀ ରହୁଥିବା ବେଳେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ତେବେ ସେମାନଙ୍କ ଆତ୍ମହତ୍ୟା ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଲଡୁକିଶୋର ଓ ସଜନି ବିଭିନ୍ନ ଘରୋଇ ଫାଇନାନ୍ସ କମ୍ପାନୀ ଓ ବାହାର ଲୋକଙ୍କଠାରୁ ପ୍ରାୟ ୩ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲେ। ମାତ୍ର ଏହି ଧାନ ଫସଲ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗତ କିଛିଦିନ ହେଲା ଲଡୁକିଶୋରଙ୍କ ସ୍ୱାସ୍ଥ୍ୟ ମଧ୍ୟ ଖରାପ ରହିଥିଲା। ତେଣୁ ସେ କୌଣସି କାମଦାମ ମଧ୍ୟ କରିପାରୁନଥିଲେ। ସେପଟେ ଋଣ ଟଙ୍କା ଆଦାୟ ପାଇଁ ଫାଇନାନ୍ସ କମ୍ପାନୀଗୁଡ଼ିକ ତାଙ୍କ ଘରକୁ ବାରମ୍ବାର ଆସି ଟଙ୍କା ମାଗିବା ସହ ଟଙ୍କାର ଧାର୍ ଦେଇଥିବା ଲୋକେ ମଧ୍ୟ ଟଙ୍କା ପଇଠ ପାଇଁ ଚାପ ପକାଉଥିଲେ। ତେଣୁ ସ୍ୱାମୀ-ସ୍ତ୍ରୀ କୌଣସି ଉପାୟ ନ ପାଇ ଚିନ୍ତାଗ୍ରସ୍ତ ହୋଇ ଫସଲରେ ପକାଇବା ସକାଶେଘରେ ରଖିଥିବା କୀଟନାଶକ ଔଷଧ ପିଇ ଜୀବନ ହାରିଛନ୍ତି। ଆଜି ମଧ୍ୟାହ୍ନରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଟଙ୍କା ମାଗିବାକୁ ଘରକୁ ଆସିଥିବା ସମୟରେ ଉଭୟଙ୍କ ମୃତଦେହ ଦେଖି ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାକୁ ନେଇ ଗ୍ରାମବାସୀ ତୁରନ୍ତ ନିକଟସ୍ଥ ପୁରୁଷୋତ୍ତମପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ସହ ୭/୨୫ ଓ ୮/୨୫ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଥିସହ ପୁଲିସ୍ ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ମାମଲାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଆରମ୍ଭ

### ମେ' ୩ ତାରିଖ ସୁଦ୍ଧା ଅନଲାଇନ୍ ଆବେଦନ

**ଭୁବନେଶ୍ୱର,୯।୩(ସଂଚାର ବ୍ୟୁରୋ):** ଦେଶବିଦେଶରେ ବିଭିନ୍ନ ଶିଳ୍ପ ସଂସ୍ଥା ଓ ସେବା କ୍ଷେତ୍ର ଲାଗି ଦକ୍ଷ ଯୁବପିଢ଼ିଙ୍କର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ଦକ୍ଷତା ବିକାଶ ତାଲିମ ପାଠ୍ୟକ୍ରମ ଦିଆଯାଉଛି। ଫଳରେ ଓଡ଼ିଶାର ଯୁବପିଢ଼ି ଏଠାରେ ତାଲିମ ନେଇ ଆଜି ଦେଶବିଦେଶର ପ୍ରମୁଖ କମ୍ପାନୀରେ ନିଯୁକ୍ତି ପାଇପାରୁଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରର ୨୦୨୫-୨୬ ବ୍ୟାଚରେ ନାମଲେଖା ଲାଗି ଅନଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୩ ତାରିଖ ସୁଦ୍ଧା ଆବେଦନ କରିପାରିବେ।

'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ (ଲିଫ୍ଟ ଟେକ୍ନୋଲୋଜି) ଓ ପ୍ରିସିସନ ଇଞ୍ଜିନିୟରିଂ ଆଦି ବିଷୟ ଉପଲବ୍ଧ ରହିଛି। ଏଥିରେ ନାମଲେଖା ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଛି। ଏହି ଅତ୍ୟାଧୁନିକ ବିଷୟରେ ତାଲିମ ନେବା ସକାଶେ କୌଣସି ପ୍ରାର୍ଥୀଙ୍କ ପାଖରେ ଓଡ଼ିଶାର କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ଦୁଇବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କୋର୍ସର ପ୍ରମାଣପତ୍ର ଥିବା ଜରୁରୀ। ସେହିପରି 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଅତ୍ୟାଧୁନିକ ବିଉଟି ଆଣ୍ଡ ୱେଲନେସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏଥିପାଇଁ ସମ୍ପୃକ୍ତ ପ୍ରାର୍ଥୀ ଯୁକ୍ତ ଦୁଇ, ନିର୍ଦ୍ଦିଷ୍ଟ ବିଷୟରେ ଆଇଟିଆଇ କିମ୍ବା କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟ (www.worldskillcenter.org)ରେ ପ୍ରଥମେ ପଞ୍ଜୀକରଣ କରି ପରେ ନାମଲେଖା ପାଇଁ ଆବେଦନ କରିପାରିବେ।

ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତ ବ୍ୟାଚରୁ ଓଡ଼ିଶା ସହିତ ରାଜ୍ୟ ବାହାରର ପ୍ରାର୍ଥୀମାନେ ଆବେଦନ କରିପାରିବେ। ଅନ୍ୟ ରାଜ୍ୟର ପ୍ରାର୍ଥୀମାନଙ୍କ ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସିଟ୍ ସଂରକ୍ଷିତ ରହିଥିବା ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଅନ୍ତର୍ଜାତୀୟ ଢାଞ୍ଚାର ପାଠ୍ୟକ୍ରମ ସହ ଆବଶ୍ୟକ ଭିତ୍ତିଭୂମି, ଅତ୍ୟାଧୁନିକ ଲାବୋରେଟୋରି ଓ ବିଶ୍ୱସ୍ତରୀୟ ବିଭିନ୍ନ ଯନ୍ତ୍ରପାତି ରହିଛି। ଏହି କେନ୍ଦ୍ରରେ ଫିନିସିଂ ସ୍କୁଲ ଢାଞ୍ଚାରେ ଯୁବକଯୁବତୀମାନଙ୍କୁ ଆବଶ୍ୟକ ଶିକ୍ଷା ଓ ତାଲିମ ଦିଆଯାଇ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପ ଓ ସେବା କ୍ଷେତ୍ର ଲାଗି ପ୍ରସ୍ତୁତ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଓ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ମାଗଣାରେ ଯୋଗାଇ ଦିଆଯାଉଛି।

ବିଶ୍ୱ ଦକ୍ଷତା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ବିଦେଶରେ ଯାଇ ବିଶେଷ ଅନୁଭୂତି ହାସଲ ପାଇଁ ମଧ୍ୟ ସୁଯୋଗ ଦିଆଯାଉଛି। ଏହି ପାଠ୍ୟକ୍ରମ ଅଧୀନରେ କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ଦୁଇ ସପ୍ତାହ ଲାଗି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମରେ ସିଙ୍ଗାପୁର ପଠାଯାଉଛି। ସେହିପରି ପ୍ରତିବର୍ଷ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସିଙ୍ଗାପୁରର ବିଭିନ୍ନ କମ୍ପାନୀରେ ପେଡ୍ ଇନ୍‌ଟର୍ଣ୍ଣସିପ୍ କରିବାର ମଧ୍ୟ ସୁଯୋଗ ଦିଆଯାଉଛି। ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ, ସେଥିପାଇଁ 'ପ୍ଲେସମେଣ୍ଟ' ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି।

## ମହୁଲ ମାଫିଆଙ୍କ ଦାଦାଗିରି: ଛଡ଼ାଇନେଲେ ଜବତ ଗାଡ଼ି

**ଉଦଳା,୯।୪(ସଂଚାର ବ୍ୟୁରୋ):** ମହୁଲ ମାଫିଆଙ୍କ ଦାଦାଗିରି । ଫିଲ୍ମ ଷ୍ଟାଇଲରେ ଅଧିକାରୀଙ୍କ ସାମ୍ନାରେ ଜବତ ଗାଡିକୁ ଛଡାଇ ନେଲେ । ପ୍ରଥମେ ରାସ୍ତାରେ ଜବତ ଗାଡିକୁ ଅଟକାଇଲେ, ଡ୍ରାଇଭରଙ୍କୁ ମାଡ଼ ମାରି ଓହ୍ଲାଇ ଦେଲେ । ପରେ ଗାଡିରେ ବସିଥିବା ମହିଳା ଅଧିକାରୀଙ୍କୁ ସାଙ୍ଗରେ ନେଇ ଘର ପାଖରେ ଗାଡ଼ିରୁ ଜବତ ମହୁଲ ଅନଲୋଡ କଲେ। ଏହା ପରେ ଅଧିକାରୀଙ୍କ ସାମ୍ନାରେ ଗାଡିକୁ ଖସାଇ ଦେଲେ ମାଫିଆ। ଏଭଳି ଘଟଣା ଘଟିଛି ଉଦଳା କପ୍ତିପଦା ଥାନା ଜାରଡା ଗାଁରେ। ବେଆଇନ ଭାବେ ବିପୁଳ ପରିମାଣର ମହୁଲ ଚାଲାଣ ହେଉଥିବା ଖବର ପାଇ ଉଦଳା ଅବକାରୀ ବିଭାଗ କପ୍ତିପଦାରେ ଚଢ଼ାଉ କରିଥିଲା । କପ୍ତିପଦା ଛକ ନିକଟରେ ମହୁଲ ବୋଝେଇ ପିକଅପକୁ ଜବତ କରିଥିବା ବେଳେ ଗାଡ଼ିରେ ଥିବା ୪ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ଅବକାରୀ ସବଇନ୍ସପେକ୍ଟର ଶୁଭଦର୍ଶିନୀ ସାହୁ ମହୁଲ ବୋଝେଇ ପିକଅପ ଜବତ କରିବା ପରେ ଉକ୍ତ ଗାଡିକୁ ଉଦଳା କାର୍ଯ୍ୟାଳୟ ଆଣୁଥିଲେ । ହେଲେ ଉଦଳା - ବାରିପଦା ରାଜ୍ୟ ରାଜପଥ ଜାରଡା ଛକ ନିକଟରେ ଅଭିଯୁକ୍ତ ବାବୁଲି ପ୍ରଧାନ ସହଯୋଗୀଙ୍କ ସହ ପହଞ୍ଚି ବିଚ ରାସ୍ତାରେ ଜବତ ଗାଡିକୁ ଅଟକାଇବା ସହିତ ଗାଡିର ଡ୍ରାଇଭରକୁ ମାଡ଼ ମାରି ଗାଡିରୁ ବାହାର କରି ଦେଇଥିଲେ । ପରେ ନିଜେ ଜବତ ଗାଡିକୁ ନିଜ ଘରକୁ ନେଇ ଯାଇଥିଲେ। ଏପରିକି ଉକ୍ତ ଗାଡ଼ିରେ ମହିଳା ସବଇନ୍ସପେକ୍ଟର ମଧ୍ୟ ରହିଥିଲେ । ପରେ ମହିଳା ଅଧିକାରୀଙ୍କ ସାମ୍ନାରେ ଜବତ ୧୬ କୁଇଣ୍ଟାଲ ମହୁଲକୁ ଅନଲୋଡ଼ କରି ପିକଅପ ଭ୍ୟାନକୁ ଖସାଇ ଦେଇଥିଲେ । ପରେ ଖବର ପାଇ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେପଟେ ଫେରାର ଅଛି ମୁଖ୍ୟ ଅଭିଯୁକ୍ତ ବାବୁଲି ପ୍ରଧାନ । ଜବତ ମହୁଲର ମୂଲ୍ୟ ୫୦ ହଜାର ଟଙ୍କା ହେବ।

ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

## ଟେକ ହୋମ୍ ରାସନର ଗୁଣବତ୍ତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଜି ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଟେକ ହୋମ୍ ରାସନ ଯୋଜନା ଅନ୍ତର୍ଗତ ଗତ ନଭେମ୍ବରରେ ଅନୁଷ୍ଠିତ ଟେକ ହୋମ୍ ରାସନ କନକ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ବିଶଦ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ, ତେଲେଙ୍ଗାନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଟେକ ହୋମ୍ ରାସନ ଉତ୍ପାଦନ ମଡେଲ ଉପରେ ଚର୍ଚ୍ଚା କରିଥିଲେ। ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟାଯାଉଥିବା ଟେକ ହୋମ୍ ରାସନର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପର ସମୀକ୍ଷା କରିବା ସହ ଉପମୁଖ୍ୟମନ୍ତ୍ରୀ ରାଜ୍ୟର ଟେକ ହୋମ୍ ରାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନବାଡ଼ି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ସକ୍ଷମ



**୩ ବର୍ଷରେ ସମସ୍ତ ଅଙ୍ଗନବାଡ଼ି ସକ୍ଷମ ଅଙ୍ଗନବାଡ଼ି**

ଅଙ୍ଗନବାଡ଼ି କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିଣତ କରିବା ନିମନ୍ତେ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ପାଇଁ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ଚଳିତ ବର୍ଷ ପୋଷ୍ୟ ସନ୍ତାନ ଗ୍ରହଣରେ ଓଡ଼ିଶା ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ କରିଥିବାରୁ ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହ ମିଶନ ବାତ୍ସଲ ଅଧୀନରେ ଥିବା ଶିଶୁ ସୁରକ୍ଷା ସେବା ଯଥା ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଅନ୍ୟ ସେବାଗୁଡିକ ସମ୍ବନ୍ଧରେ ଅଧିକ ଜନସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଜାତୀୟ ରାଜପଥ ନିର୍ମାଣ ଓ ଯାଜପୁର ରୋଡ-ଧାମରା ରେଳପଥ ମଞ୍ଜୁରୀ ବିଳମ୍ବିତ

**ଭୁବନେଶ୍ୱର,୮।୪(ସଂଚାର ବ୍ୟୁରୋ):** ୫୩ ନଂ ଜାତୀୟ ରାଜପଥର ୩୯.୪ କିମି ଦୀର୍ଘ ଡୁବୁରୀଠାରୁ ଚଣ୍ଡୀଖୋଲ ରାସ୍ତାର ୮୨ ପ୍ରତିଶତ କାର୍ଯ୍ୟ ସରିଛି ଓ ଗତ ବର୍ଷ ଫେବୃଆରୀ ସୁଦ୍ଧା ୪ ଚାରିଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ଓ ବ୍ରାହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟ ୧୬ ପ୍ରତିଶତ ସରିଛି। ଆସନ୍ତା ଜୁନ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ସକାଶେ କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ସଂସଦରେ ଉତ୍ତର ରଖିବା ସମୟରେ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରସଙ୍ଗରେ ଯାଜପୁର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ୭ ଦଫା ଦାବି ନେଇ ଗତ ବର୍ଷ ଡିସେମ୍ବର ୯ରେ ଏକ ପ୍ରତିବାଦ ଗଣଧାରଣା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଶାଳା ଓ ସୁକିନ୍ଦାର ଜନସାଧାରଣଙ୍କ ସହ ଛାତ୍ରଛାତ୍ରୀ, ଗାଡିଚାଳକ, ଗାଡ଼ି ମାଲିକ, କୃଷକ, ଶ୍ରମିକ, ଏହି ରାସ୍ତାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ପରିବାର ସଦସ୍ୟ ଓ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଯୋଗଦେଇଥିଲେ। ଧର୍ମଶାଳା ବିଧାୟକ ମଧ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ସେତେବେଳେ ଆନ୍ଦୋଳନରତ ଜନସାଧାରଣଙ୍କୁ ଜିଲ୍ଲା ପ୍ରଶାସନ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ରାଜ୍ୟ ମୁଖ୍ୟ ନିର୍ଦ୍ଧାରିତ ସମୟରେ ରାସ୍ତା, ସେତୁ ଓ ଅନ୍ୟାନ୍ୟ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆନ୍ଦୋଳନକାରୀମାନେ ଧାରଣା ପ୍ରତ୍ୟାହାର କରିଥିଲେ। କିନ୍ତୁ ଇତିମଧ୍ୟରେ ନିର୍ଦ୍ଧାରିତ ସମୟ ଅତିକ୍ରମ ହୋଇସାରିଥିଲେ ମଧ୍ୟ ରାସ୍ତା ଓ ସେତୁ କାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ହୋଇନାହିଁ। ତେଣୁ ଏ ଦିଗରେ

**କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଫୁଲ୍ଲ**



ବିହିତ ପଦକ୍ଷେପ ନେବା ସକାଶେ ଆଜି ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ଏବଂ ସଚେତନ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଏକ ପତ୍ର ଲେଖି କାର୍ଯ୍ୟ ସାରିବା ଦିଗରେ ଅବହେଳା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମଧ୍ୟ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ନିକଟରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ ଏକଦା ଯଯାତି କେଶରୀଙ୍କ ସମୟରେ ଉତ୍କଳର ରାଜଧାନୀ ଥିବା ଯାଜପୁର ସହ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରିବାକୁ ଥିବା ଯାଜପୁର ରୋଡ-ଧାମରା ରେଳପଥ ପାଇଁ କୌଣସି ଅନୁଦାନ ଘୋଷଣା ହୋଇନଥିବାରୁ ଏନେଇ ଡ. ଘଡାଇ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ପ୍ରସ୍ତାବିତ ଯାଜପୁର ରୋଡ-ଧାମରା ରେଳଲାଇନ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବା ଓ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଯାଜପୁର ରୋଡଠାରେ ରେଳ ଡିଭିଜନ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ସେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ନିବେଦନ କରିଛନ୍ତି।

● ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ

**ଫୁଲବାଣୀ,୯।୪(ସଂଚାର ବ୍ୟୁରୋ):** ଜନୈକା ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପକ୍‌ସୋ ଅଦାଲତ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତ ଉପରେ ୨୦ ହଜାର ଟଙ୍କା ଜରିମାନା ମଧ୍ୟ କଷାଯାଇଛି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ତାଙ୍କୁ ଅଧିକ ଦୁଇ ବର୍ଷ ଜେଲ ଭୋଗିବାକୁ ଅଦାଲତ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୧୬ ଜୁଲାଇ ୧୮ ତାରିଖରେ ଦାରିଙ୍ଗବାଡି ଥାନା ସେପାରିପାଙ୍ଗା ଗ୍ରାମର ସନତ କୁମାର ପ୍ରଧାନ ପୀଡ଼ିତା ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ଏହି ମାମଲାରେ ଗ୍ରାମସଭାର ନିଷ୍ପତ୍ତି ଅନୁସାରେ ସନତ ପୀଡ଼ିତାଙ୍କୁ ବିବାହ କରିଥିଲା। ତେବେ ବିବାହର କିଛି ଦିନ ପରେ ସେ ଫେରାର ହୋଇଯାଇଥିଲା। ପରିବାର ପକ୍ଷରୁ ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦିଆଯିବା ପରେ

# ସଂଶୋଧନ ହେଉନି ଆଇନ୍, କ୍ୟାଡରରେ ବିଭ୍ରାଟ

**ଭୁବନେଶ୍ୱର,୯।୪:** ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଆଇନ୍‌ର ଠିକଣା ସଂଶୋଧନ କରାଯାଉନଥିବାରୁ ବିଭିନ୍ନ କ୍ୟାଡରରେ ପଦୋନ୍ନତିବେଳେ ବିଭ୍ରାଟ ଉପୁଜୁଛି। ଏମିତିକି ସରକାରୀକଳ ଆଗରେ ସ୍ୱଷ୍ଟଚିତ୍ର ରହୁନଥିବାରୁ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶକୁ ବାତିଲ କରି ସରକାର ନୂଆ କମିଟି ବସାଉଛନ୍ତି । ବସ୍ତୁତଃ ଓଡିଶାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଆଇନ୍ ପରିବର୍ତ୍ତେ ସରକାରୀ ନିର୍ଦ୍ଦେଶନାମା ଓ ସ୍ପଷ୍ଟିକରଣକୁ ଆଧାରକରି ଚାଲୁଛି ।

ଏଭଳି ସ୍ଥିତିରେ ଏବେ ବିଭିନ୍ନ କ୍ୟାଡରର ପଦୋନ୍ନତି ପ୍ରସଙ୍ଗକୁ କେନ୍ଦ୍ରକରି ହାଇକୋର୍ଟରେ ମାଳ ମାଳ ମାମଲା ରୁଜୁ ହେଉଛି । ଅଣସଂରକ୍ଷିତ ଆସନରେ ସଂରକ୍ଷିତବର୍ଗର ଯୋଗ୍ୟ, ବରିଷ୍ଠ ଓ ଦକ୍ଷ ପ୍ରାର୍ଥୀମାନେ ପଦୋନ୍ନତି ପାଇପାରିବେ କି ନାହିଁ ସେ ସଂକ୍ରାନ୍ତରେ ଖୋଦ ରାଜ୍ୟ ସରକାର ସ୍ପଷ୍ଟ ନଥିବାରୁ ଏ ସଂକ୍ରାନ୍ତରେ ବି ହାଇକୋର୍ଟଙ୍କ ଦ୍ୱାରା ସମାଧାନ ଆଶାକରି କର୍ମଚାରୀମାନେ ଖର୍ଚ୍ଚାନ୍ତ ହୋଇ ଦଉଡୁଛନ୍ତି। ଏହି ପ୍ରସଙ୍ଗକୁ କେନ୍ଦ୍ରକରି ପଦୋନ୍ନତି ଆଶାୟୀ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତବର୍ଗର ଅଧିକାରୀଙ୍କ ମଧ୍ୟରେ ଆଇନ୍‌ଯୁଦ୍ଧ ଚାଲୁଛି । ଏହାର ପ୍ରଭାବ ପ୍ରଶାସନକଳ ଉପରେ ପଡୁଛି ବୋଲି ଉଭୟ ବର୍ଗର ଅଧିକାରୀମାନେ ସ୍ୱୀକାର କରୁଛନ୍ତି। ସ୍ଥାନ ସଂରକ୍ଷଣ ପାଇଁ ଓଡିଶା ସରକାରଙ୍କର ୧୯୭୫-୭୬ ବର୍ଷରୁ ଓଆରଭି ଆଇନ୍ ରହିଛି ।

ତେବେ ପରବର୍ତ୍ତୀ ସମୟରେ ସମ୍ବିଧାନ ସଂଶୋଧନ ଓ ସୁପ୍ରିମକୋର୍ଟଙ୍କ ବହୁ ମାମଲାରେ ରାୟ ପରିପ୍ରେକ୍ଷୀରେ ଏଥିରେ ସଂଶୋଧନ ଲୋଡା ହେଉଥିଲେ ମଧ୍ୟ ବିରୁଡି ବସାରେ କେହି ହାତ ମାରିବାକୁ ସାହସ କରୁନାହାନ୍ତି। ୧୯୯୨ରେ ଇନ୍ଦ୍ରା ସ୍ୱାୱାନୀ ମାମଲାରେ ସୁପ୍ରିମକୋର୍ଟ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ଟପିବନାହିଁ ବୋଲି ସ୍ପଷ୍ଟ କରିଦେବା ସହ ସଂରକ୍ଷିତବର୍ଗର ପ୍ରାର୍ଥୀ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ଅଣସଂରକ୍ଷିତ ଆସନରେ ମଧ୍ୟ ନିଯୁକ୍ତି ପାଇପାରିବେ ବୋଲି ସ୍ପଷ୍ଟ କରିଦେଇଥିଲେ। ୧୯୯୫ ରେ ଆର କେ ସଭରୱାଲ ମାମଲରେ ପୋଷ୍ଟ ବେସ୍‌ଡ ରୋଷ୍ଟର କଥା କୁହାଯାଇଥିଲା ଏବଂ ସଂରକ୍ଷିତବର୍ଗର ପ୍ରାର୍ଥୀ ବି ଅଣସଂରକ୍ଷିତ ଆସନ ପାଇଁ ପ୍ରତିଦ୍ୱନ୍ଦିତା କରିପାରିବେ ବୋଲି ଉଲ୍ଲେଖ ଥିଲା।

ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ସରକାର ଜାତି ଭିତ୍ତିକ 'କ୍ୱାଣ୍ଟିଫିଏବୁଲ ଡାଟା' ସଂଗ୍ରହ କରିବାକୁ ୨୦୦୬ ମସିହାରେ ଏମ ନାଗରାଜ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ମଧ୍ୟ ୧୯ବର୍ଷ ଧରି ଏହି ତଥ୍ୟ ସଂଗ୍ରହ ହୋଇପାରିନାହିଁ। ଏଥିଯୋଗୁଁ ରାଜ୍ୟ ସରକାର ଏସଇବିସିଙ୍କ ପାଇଁ କରିଥିବା ୨୭ ପ୍ରତିଶତ ସଂରକ୍ଷଣ ଆଇନ୍ ଅମର ଛାଟୋଇ ମାମଲାରେ କାଟ୍ ଖାଇଯାଇଛି। ଏହି ପରିପ୍ରେକ୍ଷୀରେ ୧୯୯୭ରୁ ଏଯାବତ୍ ରାଜ୍ୟ ସରକାର ମାଳ ମାଳ ସ୍ପଷ୍ଟିକରଣ ଓ ନିର୍ଦ୍ଦେଶନାମା ଜାରି କରି ଚାଲିଛନ୍ତି। ଏମିତିକି କେତେକ କ୍ଷେତ୍ରରେ ନିଜ ନିର୍ଦ୍ଦେଶନାମାକୁ ନିଜେ ପ୍ରତ୍ୟାହାର କରିନେଇ ପୁଣି ପ୍ରତ୍ୟାହୃତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ଘଟଣାରୁ ଏ ପ୍ରସଙ୍ଗରେ ସ୍ପଷ୍ଟତା ଓ ସ୍ୱଚ୍ଛତା ଘେନି ପ୍ରଶ୍ନବାଚୀ ଉଠୁଛି। ରାଜ୍ୟ ସରକାରଙ୍କର ଆଇନ୍ ବିଭାଗ ୨୦୨୪ ଫେବୃୟାରୀ ୨୭ତାରିଖରେ ଅଣସଂରକ୍ଷିତ ଆସନରେ ସଂରକ୍ଷିତବର୍ଗର ପ୍ରାର୍ଥୀଙ୍କ କଥା ବିଚାରପାଇଁ ଯେଉଁ ମତ ଦେଇଥିଲେ ତାହାରି ଆଧାରରେ ସେହିବର୍ଷ ମଇ ୬ତାରିଖରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଶାସନ ସଚିବ ରୂପାରୋଶନ ସାହୁ ଏକ ସ୍ପଷ୍ଟିକରଣ ଜାରି କରିଥିଲେ । ଏହାର ମାସେ ନପୁରୁଣୁ ୨୦୨୪ ଜୁନ୍ ୧୩ରେ ନିଜେ ଶ୍ରୀମତୀ ସାହୁ ଏହି ସ୍ପଷ୍ଟିକରଣକୁ ପ୍ରତ୍ୟାହାର କରିନିଆଯାଇଥିବା ଘେନି ଏକ ବିଜ୍ଞପ୍ତି ଜାରି କରିଥିଲେ । ଏଭଳି ସ୍ଥିତିରେ ଚଳିତବର୍ଷ ଫେବୃୟାରୀ ୨୭ତାରିଖରେ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଦସ୍ତଖତରେ ଜାରି କରାଯାଇଥିବା ଅନ୍ୟଏକ ସ୍ପଷ୍ଟିକରଣରେ ୬/୫/୨୦୨୪ର ମାର୍ଗଦର୍ଶିକା ବଜାୟ ରହିବ ବୋଲି କୁହାଯାଇଥିଲା । ଏଭଳି ଗୋଳମାଳିଆ ସ୍ଥିତିରେ ବିଭିନ୍ନ ବିଭାଗର ପଦୋନ୍ନତିରେ ତାଳମେଳ ରହୁନଥିବାରୁ ମାମଲା ବୃଦ୍ଧି ପାଇବା ସହିତ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ବଢୁଛି । (ତଥ୍ୟ)

## ରାତିକେ ୫ ଘରୁ ଚୋରି

● ୧୦୦ ଗ୍ରାମ୍ ସୁନା ଓ ଆସବାବପତ୍ର ଲୁଟିନେଲେ




**ବ୍ରହ୍ମପୁର,୯।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ନୂଆଁ ବ୍ରହ୍ମପୁର ଗାଁରେ ସିରିଜ୍ ଚୋରି ହୋଇଛି। ଗାଁରେ ଥିବା ୫ଟି ଘରୁ ଚୋର ମାନେ ସୁନା ଅଳଙ୍କାର ଓ ଆସବାବପତ୍ର ଚୋରି କରି ନେଇଛନ୍ତି। ଗାଁର ମୁନା ପାଣ୍ଡି ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୧୦୦ ଗ୍ରାମ ସୁନା ଅଳଙ୍କାର ସହ ଆସବାବପତ୍ର ଚୋରି ହୋଇଥିଲା। ଅନ୍ୟ ଘରମାନଙ୍କରୁ ମଧ୍ୟ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏପରିକି ସିସି କ୍ୟାମେରାର ହାର୍ଡ ଡିସ୍କ ମଧ୍ୟ ସେମାନେ ଚୋରାଇ ନେଇଛନ୍ତି। ଖଲ୍ଲିକୋଟ ଥାନା ପୁଲିସ ଏନେଇ ତଦନ୍ତ ଜାରି ରଖିଛି। ସେହିପରି କିଛି ଦିନ ପୂର୍ବରୁ ଜାଗର ଯାତ୍ରା ଚାଲିଥିବା ସମୟରେ କଳା କନା ବୁଲାଇଦେଇଥିଲେ ଦୁର୍ବୃତ୍ତ। ସେହିପରି ବାଙ୍କୀ ବୈଦ୍ୟେଶ୍ୱର ଥାନା ପୁଇଁଚା ଗାଁର ୫ଟି ଘରୁ ଚୋରି ହୋଇଥିବା ବେଳେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟିନେଇଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଏଣିକି ଇପିଏଫଓ ୟୁଏଏନ୍ କାର୍ଯ୍ୟକାରୀ ବେଶ୍ ସହଜ

## 'ଉମଙ୍ଗ' ଆପ୍‌ରେ କିଛି ବି ତଥ୍ୟ ଅପ୍‌ଡେଟ୍ ହୋଇପାରିବ

**ନୂଆଦିଲ୍ଲୀ,୯।୪:** ଆଧାର-ଆଧାରିତ ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି (ଏଫଏଟି) ଏହାର ଅତିରିକ୍ତ ସୁରକ୍ଷା ପାଇଁ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଲୋକପ୍ରିୟ ହେବାରେ ଲାଗିଛି। ବର୍ତ୍ତମାନ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) କର୍ମଚାରୀମାନଙ୍କ ପାଇଁ କାର୍ଯ୍ୟକୁ ସହଜ କରିବା ପାଇଁ ଏହି ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିଛି।

ଇପିଏଫ୍‌ଓ ଏକ ଡିଜିଟାଲ୍ ବୈଶିଷ୍ଟ୍ୟ ଆରମ୍ଭ କରିଛି ଯାହା କର୍ମଚାରୀମାନଙ୍କୁ ଫେସ୍ ଅଥେଣ୍ଟିକେସନ୍ ବ୍ୟବହାର କରି ସେମାନଙ୍କର ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର (ୟୁଏଏନ୍) ଜେନେରେଟ୍ ଏବଂ ସକ୍ରିୟ କରିବାକୁ ଅନୁମତି ଦିଏ। ଏହା ତ୍ରୁଟି ହ୍ରାସ କରିବ ଏବଂ ସାମଗ୍ରିକ ଅଭିଜ୍ଞତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି।

ପୂର୍ବରୁ ୟୁଏଏନ୍‌ଗୁଡ଼ିକ ଅଧିକାଂଶ ସମୟରେ ନିଯୁକ୍ତିଦାତାଙ୍କ ଦ୍ୱାରା ସୃଷ୍ଟି କରାଯାଉଥିଲା। କିନ୍ତୁ ଏହା ପ୍ରାୟତଃ ପିତାଙ୍କ ନାମ କିମ୍ବା ମୋବାଇଲ୍ ନମ୍ବର ଭଳି ବ୍ୟକ୍ତିଗତ ବିବରଣୀରେ ଭୁଲ ସୃଷ୍ଟି କରୁଥିଲା। କେତେକ ସମୟରେ ନିଯୁକ୍ତିଦାତାମାନେ କର୍ମଚାରୀମାନଙ୍କ ସହିତ ୟୁଏଏନ୍ ମଧ୍ୟ ସେୟାର କରୁନଥିଲେ, ଯାହା ଫଳରେ ଏହାକୁ ସକ୍ରିୟ କରିବାରେ ବିଳମ୍ବ ହେଉଥିଲା ଏବଂ ଲୋକଙ୍କ ପାଇଁ ଇପିଏଫ୍‌ଓ ସେବାଗୁଡ଼ିକୁ ଆକ୍ସେସ୍ କରିବା କଷ୍ଟକର ହୋଇଯାଉଥିଲା।

ଆର୍ଥିକ ବର୍ଷ ୨୦୨୪-୨୫ରେ ଇପିଏଫ୍‌ଓ ୧.୨୬ କୋଟିରୁ ଅଧିକ ୟୁଏଏନ୍ ଜାରି କରିଥିଲା, କିନ୍ତୁ କେବଳ ୩୫ ପ୍ରତିଶତ ସକ୍ରିୟ ହୋଇଥିଲା। ସକ୍ରିୟକରଣ ପାଇଁ ଆଧାର ଓଟିପି ବ୍ୟବହାର କରିବାର ଅତିରିକ୍ତ ପଦକ୍ଷେପ ପ୍ରାୟତଃ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା।

ଏବେ କର୍ମଚାରୀମାନେ ଉମଙ୍ଗ ଆପ୍ ଓ ଆଧାର୍‌ଫେସ୍‌ଆର୍‌ଡି ଆପ୍ ବ୍ୟବହାର କରି ସିଧାସଳଖ ସେମାନଙ୍କର ୟୁଏଏସ୍ ଜେନେରେଟ୍ ଏବଂ ସକ୍ରିୟ କରିପାରିବେ। ଏଥିସକାଶେ ପ୍ରଥମେ ପ୍ଲେଷ୍ଟୋରରୁ ଉମଙ୍ଗ ଏବଂ ଆଧାର୍‌ଫେସ୍‌ଆର୍‌ଡି ଆପ୍ ଡାଉନଲୋଡ୍ କରିବାକୁ ପଡ଼ିବ। ଏହାପରେ




ଉମଙ୍ଗ ଆପ୍ ଖୋଲି ସେଥିରେ ୟୁଏଏନ୍ ସେବା ଅଧୀନରେ 'ୟୁଏଏନ୍ ଆଲଟମେଣ୍ଟ ଏବଂ ସକ୍ରିୟକରଣ'ରେ ପହଞ୍ଚି ଆଧାର ନମ୍ବର ଓ ଆଧାର ସହିତ ଲିଙ୍କ୍ ହୋଇଥିବା ମୋବାଇଲ୍ ନମ୍ବର ପୂରଣ କରିବାକୁ ପଡ଼ିବ। ପରେ ସମ୍ମତି ବକ୍ସରେ କ୍ଲିକ୍ କରି ଓଟିପି ଆଗମନକୁ ଅନୁମତି ପ୍ରଦାନ କରାଯିବ। ଫୋନର କ୍ୟାମେରା ବ୍ୟବହାର କରି ଏକ ଲାଇଭ୍ ଫଟୋ କ୍ୟାପଚର କରିବାକୁ ପଡ଼ିବ। ଆଧାର ରେକର୍ଡ ସହିତ ଆପଣଙ୍କ ମୁହଁ (ଫେସ) ଯାଞ୍ଚ ହେବା ପରେ ଆପଣଙ୍କ ୟୁଏଏନ୍ ଜେନେରେଟ୍ ହୋଇ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଆସିଯିବ। ୟୁଏଏନ୍ ସ୍ୱୟଂଚାଳିତ ଭାବରେ ସକ୍ରିୟ ହୁଏ ଏବଂ ଆପଣ ତୁରନ୍ତ ଇ-ୟୁଏଏନ୍ କାର୍ଡ ଡାଉନଲୋଡ୍ କରିପାରିବେ।

# ୩୮୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

## ଗୋଟିଏ ଦିନରେ ବୁଡ଼ିଲା ନିବେଶକଙ୍କ ୨.୬୧ ଲକ୍ଷ କୋଟି ଟଙ୍କା

**ନୂଆଦିଲ୍ଲୀ, ୯।୪:** ଭାରତୀୟ ସେୟାର ବଜାର ବୁଧବାର ପୁଣି ଥରେ ଲାଲ୍ ସଂକେତରେ ବନ୍ଦ ହୋଇଛି। ସେନ୍‌ସେକ୍ସ ପ୍ରାୟ ୪୦୦ ଅଙ୍କ ଖସି ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ହ୍ରାସ ପାଇ ୨୨,୪୦୦ ତଳେ ବନ୍ଦ ହୋଇଛି।



ଆଇଟି, ମେଟାଲ୍, ଫାର୍ମା ଓ ପିଏସୟୁ ବ୍ୟାଙ୍କର ସେୟାର ମୂଲ୍ୟରେ ବଡ଼ ଧରଣ ହ୍ରାସ ଦେଖିବାକୁ ମିଳିଛି। ଏହି କାରଣରୁ ନିବେଶକଙ୍କୁ ଆଜି ପ୍ରାୟ ଅଢେଇ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସଇ ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଇଣ୍ଡେକ୍ସ ବି ୧ ପ୍ରତିଶତରୁ ଅଧିକ ଖସି ବନ୍ଦ ହୋଇଛି। ଆଜିର କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୩୭୯.୯୩ ଅଙ୍କ ବା ୦.୫୧ ପ୍ରତିଶତ ହ୍ରାସ ପାଇ ୭୩,୮୪୭.୧୫ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୧୩୬.୭୦ ଅଙ୍କ ବା ୦.୬୧ ପ୍ରତିଶତ ହ୍ରାସ ପାଇ ୨୨,୩୯୯.୧୫ ସ୍ତରରେ ବନ୍ଦ ହୋଇଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ହ୍ରାସ ପାଇ ୩୯୩.୯୬ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ଏପ୍ରିଲ୍ ୮ରେ ୩୯୬.୫୭ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିର ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୨.୬୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ଆଜି ପ୍ରାୟ ୨.୬୧ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୧୩ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି। ଏଥିରେ ନେସଲେ ଇଣ୍ଡିଆର ସେୟାରରେ ସବୁଠୁ ଅଧିକ ୩.୨୪ ପ୍ରତିଶତ ବୃଦ୍ଧି ଘଟିଛି। ଏସ୍‌ବିଆଇ ସେୟାରରେ ସବୁଠୁ ଅଧିକ ୩.୪୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି।

# ୧୫ ଲକ୍ଷ ଟଙ୍କାର କାର୍ ଋଣରେ ୧୬ ହଜାର ଟଙ୍କା ସଞ୍ଚୟ

## ଆରବିଆଇର ନିଷ୍ପତ୍ତି ଯୋଗୁ ଇଏମଆଇ ହ୍ରାସ

**ମୁମ୍ବାଇ, ୯।୪:** ଆରବିଆଇ ଲଗାତାର ଦ୍ୱିତୀୟ ଥର ପାଇଁ ରେପୋ ହାର ହ୍ରାସ କରିଛି। ଏବେ ରେପୋ ହାର ୬.୨୫ ପ୍ରତିଶତରୁ ହ୍ରାସ ପାଇ ୬ ପ୍ରତିଶତ ହୋଇଛି। ଏହାର ଅର୍ଥ ହେଉଛି ପଲିସି ହାର ୦.୨୫ ପ୍ରତିଶତ ହ୍ରାସ କରାଯାଇଛି। ଏହାର ଲାଭ ଗୃହ ଋଣ ସହିତ କାର୍ ଋଣ ଉପରେ ଦେଖାଯିବ। ଏହି ଲାଭ ହଜାର ହଜାର ଟଙ୍କା ହୋଇପାରେ। କାର୍ ଋଣ ୭ ବର୍ଷ ପାଇଁ ଉପଲବ୍ଧ। ଯଦି ଜଣେ ବ୍ୟାଙ୍କରୁ ୧୫ ଲକ୍ଷ ଟଙ୍କାର କାର୍ ଋଣ ନିଅନ୍ତି, ତେବେ ୭ ବର୍ଷ ପାଇଁ ସୁଧ ହାର ଏବେ ୯.୨୦ ପ୍ରତିଶତରୁ ହ୍ରାସ ପାଇ ୮.୮୫ ପ୍ରତିଶତ ହୋଇଯିବ। ଏହିପରି, ଋଣଗ୍ରହୀତାଙ୍କ ୭ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ଋଣ ଉପରେ ୧୬,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ସେହିପରି ୧୦ ଲକ୍ଷ, ୧୫ ଲକ୍ଷ ଏବଂ ୨୦ ଲକ୍ଷ ଟଙ୍କାର ୭ ବର୍ଷର ଋଣ ଉପରେ ଲୋନ୍ ଇଏମଆଇ ହ୍ରାସ ପାଇବ। ୧୦ ଲକ୍ଷ ଟଙ୍କାର କାର୍ ଋଣ ନେଇଛନ୍ତି। ବର୍ତ୍ତମାନ, ୭ ବର୍ଷର ଋଣ ଉପରେ ୯.୨୦ ପ୍ରତିଶତ ସୁଧ ହାରରେ ଋଣ ଇଏମଆଇ ୧୬,୧୯୧ ଟଙ୍କା ହେବ। ଏବେ ସୁଧ ହାର ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇଥିବାରୁ, ସୁଧ ହାର ୮.୯୫ ପ୍ରତିଶତକୁ ହ୍ରାସ ପାଇବା ଫଳରେ ଋଣ ଇଏମଆଇ ୧୬,୦୬୪ ଟଙ୍କାକୁ ହ୍ରାସ ପାଇବ। ଏହାର ଅର୍ଥ ହେଉଛି ଗାଡ଼ି ଋଣ ଉପରେ ପ୍ରତି ମାସରେ ୧୨୭ଟଙ୍କାର ରିହାତି ମିଳିବ। ଏହାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ଋଣ ଉପରେ ୧୦,୬୬୮ଟଙ୍କା ସଞ୍ଚୟ ହେବ।



ଯଦି ଋଣ ମୂଲ୍ୟକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଏ ତେବେ ୭ ବର୍ଷର ଋଣ ଉପରେ ବର୍ତ୍ତମାନର ୯.୨୦ ପ୍ରତିଶତ ସୁଧ ହାରରେ ଋଣ ଇଏମଆଇ ୨୪,୨୮୬ ଟଙ୍କା ହେବ। ୨୫ ବେସିସ୍ ପଏଣ୍ଟ ହ୍ରାସ ପରେ ସୁଧ ହାର ୮.୯୫ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଏପରି ପରିସ୍ଥିତିରେ, କାର୍ ଋଣ ଇଏମଆଇ ୨୪,୦୯୬ ଟଙ୍କା ହେବ। ଏହାର ଅର୍ଥ ହେଉଛି ସାଧାରଣ ଲୋକଙ୍କୁ ଏହି ପରିମାଣର ଇଏମଆଇ ଉପରେ ୧୯୦ ଟଙ୍କାର ରିହାତି ମିଳିବ। ଏହାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ଋଣ ଉପରେ ୧୫,୯୬୦ ଟଙ୍କା ସଞ୍ଚୟ ହେବ। ଯଦି କାର୍ ଋଣ ମୂଲ୍ୟ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଏ, ଅର୍ଥାତ୍, ଯଦି କେହି ଏକ ବିଳାସପୂର୍ଣ୍ଣ କାର୍ କିଣିବା ମନୋଭାବରେ ଅଛନ୍ତି, ତେବେ ୭ ବର୍ଷର ଋଣ ଉପରେ ବର୍ତ୍ତମାନର ୯.୨୦ ପ୍ରତିଶତ ସୁଧ ହାରରେ ଋଣ ଇଏମଆଇ ୩୨,୩୮୨ ଟଙ୍କା ହେବ। ଏବେ ୨୫ ବେସିସ୍ ପଏଣ୍ଟ ହ୍ରାସ ହୋଇଥିବାରୁ, ସୁଧ ହାର ୮.୯୫ପ୍ରତିଶତକୁ ହ୍ରାସ ପାଇବ ଏବଂ ଋଣ ଇଏମଆଇ ୩୨,୧୨୭ ଟଙ୍କାକୁ ହ୍ରାସ ପାଇବ। ଏହାର ଅର୍ଥ ହେଉଛି, ପ୍ରତି ମାସରେ କାର୍ ଲୋନ୍ ଇଏମଆଇ ଉପରେ ୨୫୫ଟଙ୍କାର ଲାଭ ମିଳିବ। ଏହାର ଅର୍ଥ ହେଉଛି ଯେଉଁମାନେ ୭ ବର୍ଷ ପାଇଁ ଋଣରେ କାର୍ କିଣିବେ ସେମାନଙ୍କୁ ୨୧,୪୨୦ ଟଙ୍କାର ଲାଭ ମିଳିବ।



# ଆଜିର ସୁନା ଦର

ଆଜି ସୁନା ଦର କମୁଛି ତ, କାଲି ବଢୁଛି। ସୁନା ଦରରେ ରହୁନି ସ୍ଥିରତା। ପ୍ରତ୍ୟେକ ଦିନ ଦେଖିବାକୁ ମିଳୁଛି ସୁନାର ନୂଆ ଦର। ଉଭୟ ୨୨ ଓ ୨୪ କ୍ୟାରେଟ୍ ସୁନା ଦରରେ ପ୍ରତି ଦିନ ଭିନ୍ନତା ଦେଖିବାକୁ ମିଳୁଛି। ତେବେ ସୁନା କିମ୍ବା ରୂପା କିଣିବା ପୂର୍ବରୁ ଜାଣି ରଖନ୍ତୁ କେଉଁଠି କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୪୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୪୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୯୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୨ ,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୦, ୫୯୦ ଟଙ୍କା ଓ ୨୨ କ୍ୟାରେଟ୍ ୮୩,୦୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୦, ୪୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୨,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୦, ୪୪୦ ଓ ୮୨ ,୯୦୦ ଟଙ୍କା ରହିଛି। ଏହାସହ ରୂପା ମୂଲ୍ୟ କିଲୋ ପିଛା ୧, ୦୨,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ଯଦି ଆପଣ ଗାଡ଼ିରେ ତେଲ ପକାଇବାକୁ ଯାଉଛନ୍ତି, ତେବେ ଟାଙ୍କି ଭରିବା ପୂର୍ବରୁ ଜାଣନ୍ତୁ ଆଜିର ନୂଆ ଦର। କାରଣ ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଦେଶରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ରୋଚକ ହେଉଛି ଟାରିଫ୍ ଲଢ଼େଇ, ଟ୍ରମ୍ପଙ୍କୁ କଡ଼ା ଜବାବ

# ଚୀନ୍ ଲଗାଇଲା ୫୪ ପ୍ରତିଶତ ଅତିରିକ୍ତ ଶୁଳ୍କ

**ବେଜିଂ,୯।୪:** ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା ସହ ବ୍ୟବସାୟ କରୁଥିବା ପ୍ରତିଟି ଦେଶକୁ ଟାରିଫ୍ ବୃଦ୍ଧି



ମାଧ୍ୟମରେ ଝଟ୍କା ଦେଇଥିବା ବେଳେ ଏହାକୁ କୌଣସି ଦେଶ ଯଦିଓ ଖୋଲାଖୋଲି ବିରୋଧ କରିପାରିନାହାନ୍ତି କିନ୍ତୁ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଅର୍ଥନୀତି ଚାଇନ୍ ଏହାକୁ ନେଇ ଟ୍ରମ୍ପଙ୍କ ଉପରେ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଇନାହାଁନ୍ତି। ଏହି ଦେଶ ଆମେରିକା ବିରୋଧରେ ଯେପାଖ ସେପା ନୀତି ଆପଣାଇ ଟ୍ରମ୍ପଙ୍କ ଟାରିଫ୍ ଝଟ୍କାର ପ୍ରତିଜବାବ ଦେବାକୁ ଉଦ୍ୟମ କରିଆସିଛି। ଏହି କ୍ରମରେ ଆଜି ଚୀନ ଦେଶକୁ ଆସୁଥିବା ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କକୁ ଅତି ବ୍ୟାପକ କରିଛି। ଚୀନ୍ ଏଣିକି ଆମେରିକାରୁ ଆସୁଥିବା କୌଣସି ସାମଗ୍ରୀ ଉପରେ ୮୪ ପ୍ରତିଶତ କରିଛି ଶୁଳ୍କ ଆଦାୟ କରିବ। ଚୀନ ଅର୍ଥ ମନ୍ତ୍ରଣାଳୟ ଗୁରୁବାର ସମସ୍ତ ଆମେରିକୀୟ ସାମଗ୍ରୀ ଉପରେ ଏହି ଟାରିଫ୍ ବୃଦ୍ଧି କେଉ ଘୋଷଣା କରିଛି। ପୂର୍ବରୁ ଘୋଷିତ ୩୪ ପ୍ରତିଶତ ଟାରିଫ୍‌ଠାରୁ ଏହା ୫୦ ପ୍ରତିଶତ ଅଧିକ। ଏକେଇ ମନ୍ତ୍ରାଳୟ କହିଛି ଯେ ନୂଆ ଶୁଳ୍କ ଆସନ୍ତାକାଲିଠାରୁ ଲାଗୁ ହେବ। ତେବେ ଚୀନର ଏପରି ନିଷ୍ପତ୍ତି ଦୁଇ ଦେଶ ମଧ୍ୟରେ ରହିଥିବା ବ୍ୟବସାୟିକ ସମ୍ପର୍କକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ସୂଚନାଯୋଗ୍ୟ ଯେ ଗତ ମଙ୍ଗଳବାର ଟ୍ରମ୍ପ ଚୀନ ରପ୍ତାନି କରୁଥିବା ସାମଗ୍ରୀ ଉପରେ ୧୦୪ ପ୍ରତିଶତ ଟାରିଫ୍ ଲଗାଇଥିଲେ। ଟ୍ରମ୍ପଙ୍କ ଏପରି ନିଷ୍ପତ୍ତିକୁ ଚୀନ 'ଅହଂକାରୀ ଓ ଧମକପୂର୍ଣ୍ଣ ବ୍ୟବହାର' ବୋଲି କହିଥିଲା। ଏପରିକି ଚୀନ ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଲଢ଼ିବ ବୋଲି ମଧ ସଂକଳ୍ପ ନେଇଥିଲା। ଟାରିଫ୍ ପ୍ରସଙ୍ଗରେ ହ୍ୱାଇଟ୍ ହାଉସ ସହ କୌଣସି ପ୍ରକାର ଆଲୋଚନା କରିବ ନାହିଁ ବୋଲି ଚୀନ୍ ସ୍ପଷ୍ଟ କରିଥିଲା।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ-ଉତ୍କଳ ଗ୍ରାମୀଣ ବ୍ୟାଙ୍କର ମିଶ୍ରଣ

**ଭୁବନେଶ୍ୱର, ୯।୪:** ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ମିଶ୍ରଣ ପ୍ରକ୍ରିୟାର ଚତୁର୍ଥ ପର୍ଯ୍ୟାୟରେ ୨୬ଟି ବ୍ୟାଙ୍କର ମିଶ୍ରଣ ହେବାକୁ ଯାଉଛି। 'ଗୋଟିଏ ରାଜ୍ୟ, ଗୋଟିଏ ଆର୍‌ଆର୍‌ବି' ନୀତି ଅନୁସାରେ ହେଉଥିବା ଏହି ମିଶ୍ରଣରେ ଓଡ଼ିଶାର ଦୁଇଟି ବ୍ୟାଙ୍କର ନାମ ରହିଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ମିଶ୍ରଣ ହେବାକୁ ଯାଉଛି। ଏହି ଦୁଇ ବ୍ୟାଙ୍କର ମିଶ୍ରଣରେ ଗଠିତ ହେବାକୁ ଥିବା ନୂଆ ବ୍ୟାଙ୍କର ନାମ ରହିବ 'ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ'। ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ), ଦୁଇ ଗ୍ରାମୀଣ ବ୍ୟାଙ୍କର ପ୍ରାୟୋଜକ ବ୍ୟାଙ୍କ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ଆଲୋଚନା ପରେ ମିଶ୍ରଣ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମିଶ୍ରଣ ମେ ପହିଲାରୁ ଲାଗୁ ହେବ। ମିଶ୍ରଣରୁ ଗଠନ ହେବାକୁ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ। ଏହାର ପ୍ରାୟୋଜକ ବ୍ୟାଙ୍କ ହେବ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ। ଦୁଇ ବ୍ୟାଙ୍କର କର୍ମଚାରୀଙ୍କ ଚାକିରି ସମାନ ଦରମା ଓ କାର୍ଯ୍ୟ ସର୍ତ୍ତାବଳୀ ସହ ବଳବତ୍ତର ରହିବ। ବର୍ତ୍ତମାନ ୨୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ୪୩ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ରହିଛି। ଚତୁର୍ଥ ପର୍ଯ୍ୟାୟ ମିଶ୍ରଣ ପରେ ବ୍ୟାଙ୍କ ସଂଖ୍ୟା ୨୮କୁ ହ୍ରାସ ପାଇବ। ଏହି ବ୍ୟାଙ୍କଗୁଡ଼ିକର ୭୦୦ ଜିଲ୍ଲାରେ ୨୨ ହଜାରରୁ ଅଧିକ ଶାଖା ରହିଛି। ଯେଉଁରୁ ୯୨ ପ୍ରତିଶତରୁ ଅଧିକ ଶାଖା ଗ୍ରାମାଞ୍ଚଳରେ ରହିଛି। ଏହା ପୂର୍ବରୁ ୨୦୦୬-୨୦୧୦ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସଂଖ୍ୟା ୧୯୬ରୁ ହ୍ରାସ ପାଇ ୮୨ ହୋଇଥିଲା। ୨୦୧୩-୨୦୧୫ରେ ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣରେ ବ୍ୟାଙ୍କ ସଂଖ୍ୟା ୫୬କୁ ଏବଂ ୨୦୧୯ରୁ ୨୦୨୧ ମଧ୍ୟରେ ତୃତୀୟ ପର୍ଯ୍ୟାୟ ମିଶ୍ରଣ ପରେ ବ୍ୟାଙ୍କ ସଂଖ୍ୟା ୪୩କୁ ହ୍ରାସ ପାଇଥିଲା।

- ମେ' ପହିଲାରୁ ଲାଗୁ ହେବ
- ନୂଆ ନାମ 'ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ'

# ଡିସେମ୍ବରରେ ଜିଓ ଯୋଡ଼ିଛି ୧.୫ ଲକ୍ଷରୁ ଅଧିକ ଗ୍ରାହକ: ଟ୍ରାଇ

**ଭୁବନେଶ୍ୱର,୯।୪:** ରାଜ୍ୟରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ଡିସେମ୍ବର ୨୦୨୪ରେ ଓଡ଼ିଶାରେ ଦେଢ଼ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ୱାୟାରଲାଇନ୍ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଡିସେମ୍ବର ମାସରେ ରିଲାଏନ୍ସ ଜିଓ ଓଡ଼ିଶାରେ ୧.୩୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୧୬୭୦୦ ରୁ ଅଧିକ ନୂତନ ଜିଓଫାଇବର / ଜିଓ ଏୟାରଫାଇବର ଗ୍ରାହକ ଯୋଡିଛି। ଏଥିସହ, ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧.୫୬କୋଟି ଅତିକ୍ରମ କରିଛି। ଜିଓ ବ୍ୟତୀତ, ଡିସେମ୍ବରରେ ଏୟାରଟେଲ୍ ଓଡ଼ିଶାରେ କେବଳ ୧୮୦୦୦ମୋବାଇଲ୍ ଗ୍ରାହକ ଯୋଡ଼ିଥିବାବେଳେ ବିଏସଏନଏଲ ଏହି ମାସରେ ୯୦୦୦ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି। ଭୋଡାଫୋନ ଆଇଡ଼ିଆ ଏହି ମାସରେ ହଜାର ହଜାର ମୋବାଇଲ୍ ଗ୍ରାହକ ହରାଇଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଡିସେମ୍ବରରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧.୫୮ ଲକ୍ଷ ବୃଦ୍ଧି ପାଇ ୩.୪୩ କୋଟିରେ ପହଞ୍ଚିଛି। ଜାତୀୟ ସ୍ତରରେ ମଧ, ଜିଓ ଡିସେମ୍ବରରେ ସର୍ବାଧିକ ସଂଖ୍ୟକ ମୋବାଇଲ୍ ଗ୍ରାହକ ଯୋଡ଼ିଛି ଏବଂ ଏହି ମାସରେ ୩୯ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଜିଓ ନେଟୱାର୍କରେ ଯୋଗ ଦେଇଛନ୍ତି। ରିଲାଏନ୍ସ ଜିଓ ରାଜ୍ୟରେ ୪ ଲକ୍ଷ ୱାୟାରଲାଇନ୍ ବା ହୋମ୍




ବ୍ରଡବ୍ୟାଣ୍ଡ ଗ୍ରାହକ ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହାର ଗ୍ରାହକ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ତିନି ଗୁଣ ଅଧିକ ରହିଛି। ଏହା ସହିତ, ଜିଓ ଏବେ ଓଡ଼ିଶାରେ ୬୫% ୱାୟାରଲାଇନ୍ ଗ୍ରାହକ ବଜାର ଅଂଶ ହାସଲ କରିଛି ଏବଂ ୪ ଲକ୍ଷରୁ ଅଧିକ ଜିଓଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ସର୍ବାଧୁନିକ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ (ହୋମ ଏଣ୍ଟରଟେନମେଣ୍ଟ), ଅସୀମିତ ୱାଇଫାଇ ଏବଂ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ଉପଭୋଗ କରୁଛନ୍ତି। ଏହାର ବିସ୍ତୃତ ୪ଜି ଏବଂ ୫ଜି ନେଟୱାର୍କ ଉପସ୍ଥିତି ବଳରେ ଜିଓ ଓଡ଼ିଶାର ସବୁଠାରୁ ପସନ୍ଦର ଡିଜିଟାଲ୍ ସେବା ପ୍ରଦାନକାରୀ ହୋଇଛି ଏବଂ ୪୫%ରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ଏବଂ ୫୨% ରାଜସ୍ୱ ବଜାର ଅଂଶ ହାସଲ କରିଛି।

ଉଲ୍ଲେଖଯୋଗ୍ୟ ଯେ, ଓକଲା ସ୍ପିଡଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ଜିଓ ଭାରତରେ ସବୁଠାରୁ ଦ୍ରୁତତମ ୫ଜି ସେବା ପ୍ରଦାନକାରୀ ରହିଛି ଏବଂ ଜୁଲାଇ-ଡିସେମ୍ବର ୨୦୨୪ ମଧ୍ୟରେ ଛଅ ମାସରେ ରିଲାଏନ୍ସ ଜିଓର ମେଡିଆନ ୫ଜି ଡାଉନଲୋଡ୍ ସ୍ପିଡ୍ ୨୫୮.୫୪ ଏମବିପିଏସ ରେକର୍ଡ କରାଯାଇଛି। ସ୍ପିଡଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଛି। ଜିଓରେ ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟୱାର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ ଅଧିକ। କ୍ରିକେଟ ସିଜିନ୍ ପାଇଁ ନିକଟରେ ଆରମ୍ଭ ହୋଇଥିବା ଅସୀମିତ ଅଫର ସହିତ, ଜିଓ ନୂତନ ଏବଂ ବର୍ତ୍ତମାନର ଜିଓ ସିମ୍ ବ୍ୟବହାରକାରୀଙ୍କ ପାଇଁ ଏକ ଅତୁଳନୀୟ ଅନୁଭୂତି ପ୍ରଦାନ କରୁଛି, ଯାହା ଦ୍ୱାରା ୪କେ ଗୁଣବତ୍ତାରେ ଟିଭି / ମୋବାଇଲରେ ୯୦ ଦିନର ମାଗଣା ଜିଓ ହଟଷ୍ଟାର ଉପଭୋଗ କରାଯାଇପାରିବ। ଏହି ଅଫରର ଅଂଶ ଭାବରେ ଜିଓ ଘରେ ୫୦ ଦିନର ମାଗଣା ଜିଓଫାଇବର / ଏୟାର ଫାଇବର ଟ୍ରାଏଲ୍ ସଂଯୋଗ ମଧ ପ୍ରଦାନ କରୁଛି, ଯେଉଁଥିରେ ଗ୍ରାହକମାନେ ୮୦୦+ ଟିଭି ଚ୍ୟାନେଲ୍, ୧୧+ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ କିଛି ଅନାୟାସରେ ଉପଭୋଗ କରିପାରିବେ। କେବଳ ଏକ ଜିଓ ସିମ ଏବଂ ୧୫ ଏପ୍ରିଲ ୨୦୨୫ ପୂର୍ବରୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ରିଚାର୍ଜ ସହିତ ଗ୍ରାହକମାନେ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ପ୍ରତ୍ୟେକ ମ୍ୟାଚର ନିରନ୍ତର ଉଚ୍ଚ-ଗୁଣବତ୍ତା ଷ୍ଟ୍ରିମିଂର ମଜା ନେଇପାରିବେ।

## ତମାଖୁ ଜାତୀୟ ଦ୍ରବ୍ୟ ଉପରେ ଚଢ଼ାଉ



**ସୁବର୍ଣ୍ଣପୁର,୯।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସହରରେ ତମାଖୁ ଜାତୀୟ ଦ୍ରବ୍ୟ ବ୍ୟବହାର ଓ ବିକ୍ରୟ ନିଷେଧ ପାଇଁ ଏକ ଟିମ ଗଠନ ହୋଇ ବିଭିନ୍ନ ପାନ ମସଲା ଦୋକାନ ମାନଙ୍କରେ ଚଢ଼ାଉ କରିଥିଲେ। ବୁଧବାର ସକାଳ ୧୦ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ସୋନପୁର ସହରର ସମସ୍ତ ପାନ ମସଲା ଦୋକାନ ମାନଙ୍କରେ ତମାଖୁ ଜାତୀୟ ଦ୍ରବ୍ୟ ର ବିକ୍ରୟ ଓ ବ୍ୟବହାର ଉପରେ ନିଷେଧ ପାଇଁ ଏକ ଟିମ ର ଚଢ଼ାଉ ଓ ଜୋରିମାନା ଆଦାୟ କରିଥିଲେ ମୋଟ ୨୨ ଗୋଟି ଦୋକାନ ଉପରେ ଚଢ଼ାଉ କରି ୩୮୦୦ ଟାଙ୍କ ଆଦାୟ କରିଥିଲେ।ଏହି ଟିମରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ଡ୍ରଗ୍ସ ଇନିସ୍ପେକଟର ସମତେ ସୋନପୁର ପୋଲିସ ସହାୟତାରେ ବିଭିନ୍ନ ଦୋକାନ ମାନଙ୍କୁ ଚଢ଼ାଉ ସହ ସଚେତନତା କରାଇଥିଲା।

## ଓଡ଼ିଆ ପକ୍ଷର ନବମ ଦିବସରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ



**ଜଗତସିଂହପୁର,୯।୪(ସଂଚାର ବ୍ୟୁର):** ଓଡ଼ିଶାର ସମୃଦ୍ଧ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସଂରକ୍ଷଣ ଏବଂ ପ୍ରଚାର କରିବା ଲକ୍ଷ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ଓଡ଼ିଆ ପକ୍ଷ ପାଳନ ଅବସରର ନବମ ଦିବସରେ ଜିଲ୍ଲା ର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ରେ ଥିବା ବିଦ୍ୟାଳୟ ଓ ମହା ବିଦ୍ୟାଳୟ ରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ନୂତନ ଓଡ଼ିଆ ଉପାଦେୟ ପୁସ୍ତକ କିଣି ବିଦ୍ୟାଳୟ ରେ ପ୍ରଦର୍ଶିତ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ମାନେ ମଧ୍ୟ ନୂତନ ପୁସ୍ତକ କ୍ରୟ କରିବା ସହ ଯୁବପିଢ଼ୀ ଙ୍କୁ ଏହାର ଉପାଦେୟତା ସମ୍ପର୍କ ରେ ବୁଝାଇଥିଲେ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା କବିତା, ଉପନ୍ୟାସ, ପ୍ରବନ୍ଧ, ନାଟକ ଓ ଶିଶୁ ସାହିତ୍ୟ ଆଦିରେ ଲିଖିତ ବହି ଥିଲା। ଆଗାମୀ ପିଢ଼ୀ ପାଇଁ ଓଡିଆ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ।

## ତହସିଲରୁ ହାଇକୋର୍ଟ ରେକର୍ଡ ଗାଏବ

● ତହସିଲଦାରଙ୍କ ବିରୋଧରେ ଥାନାରେ ଏତଲା




**କାକଟପୁର/ଅସ୍ତରଙ୍ଗ,୯।୪(ସଂଚାର ବ୍ୟୁର):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ମାମଲା (ଡବ୍ଲ୍ୟୁ.ପି (ସି) ନମ୍ବର . ୨୫୭୩୯/୨୦୨୦) ସମ୍ପୃକ୍ତ ଫାଇଲ ହଠାତ୍ ଗାଏବ ହୋଇଯିବା ଘଟଣା ଏବେ ଆଶ୍ଚର୍ଯ୍ୟ ଓ ଚିନ୍ତାର ବିଷୟ ହୋଇପଡ଼ିଛି। ଏହି ଫାଇଲରେ ଗୋଚର ଜମି ବିବାଦ ଏବଂ ମାନ୍ୟବର ହାଇକୋର୍ଟଙ୍କ ଅନୁଦେଶ ଭିତ୍ତିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ସମ୍ମିଳିତ ଥିଲା। ଗତ, ତା.୦୭-୦୪-୨୦୨୫ ଓ ୦୮-୦୪-୨୦୨୫ ରେ ତହସିଲଦାରଙ୍କୁ ଡ଼. ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ଇମେଲ ମାଧ୍ୟମରେ ଫାଇଲ ଗାଏବ ହେବା ବିଷୟରେ ଅବଗତ କରିଛନ୍ତି। ଚିନ୍ତାଜନକ ହେଉଛି ଯେ, ଏହି ଫାଇଲ ପୂର୍ବରୁ ଡ଼. ବିଶ୍ୱାଳ ତହସିଲ ରେ ଅର୍ଡର ର ସାର୍ଟିଫିଏଡ଼ କପି ଦାଖଲ କରିଥିଲେ, ଏବଂ ତତ୍କାଳୀନ ତହସିଲଦାର ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ ଏହି ଅନୁସାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଥିଲେ। ହେଲେ, ବର୍ତ୍ତମାନ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଙ୍କ ସମୟରେ ଏହି ଫାଇଲ କେମିତି ଗାୟବ ହେଲା ? କାହିଁକି ଏହି ମାମଲା ଆପତ୍ତିକାଳୀନ କାର୍ଯ୍ୟରେ ଆସିଲା ? ଏହା ତହସିଲ କାର୍ଯ୍ୟାଳୟର ଅଭ୍ୟନ୍ତରୀଣ ପ୍ରବୃତ୍ତି ଉପରେ ଗଭୀର ପ୍ରଶ୍ନ ଉଠାଇଛି। ଫାଇଲି ଗାଏବ ହେବାରେ ଅନୁମାନ କରାଯାଉଛି ଯେ ଅଭିନନ୍ଦନୀୟ ନ୍ୟାୟ ବ୍ୟବସ୍ଥା ର ନୀତି ଓ ଗତି ଉପରେ ଏକ ଅନ୍ୟାୟ ଅଧ୍ୟାୟ ଲେଖାଯାଉଛି। ଏହି ଅଭୁତପୂର୍ବ ଘଟଣା ଉପରେ ଆକ୍ରୋଶ ପ୍ରକାଶ କରି, ଆଜି ତା.୦୯-୦୪-୨୦୨୫ ରେ ଡ଼. ବିଶ୍ୱାଳ ଅସ୍ତାରଙ୍ଗ ଥାନା ରେ ତହସିଲଦାର ବିରୋଧରେ ଏକ ଏତଲା ଦାଖଲ କରିଛନ୍ତି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଫାଇଲ ର ଶୀଘ୍ର ଉଦ୍ଧାର ପାଇଁ ଥାନାଧିକାରୀଙ୍କ ନିକଟରେ ଲିଖିତ ଅନୁରୋଧ କରିଛନ୍ତି। ଏହା କେବଳ ଏକ ଫାଇଲ ଗାଏବ ଘଟଣା ନୁହେଁ, ଏହା ଜନତାର ବିଶ୍ୱାସ ଓ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଗଭୀର ଆଘାତ।ଏ ନେଇ ପ୍ରତିକ୍ରିୟା ଜାଣିବା ପାଇଁ ଅସ୍ତରଙ୍ଗ ତହସିଲଦର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ।

## ନିମ୍ନମାନର ନିର୍ମାଣ ହୋଇଥିବା ଅଭିଯୋଗ

# ୫ ବର୍ଷ ହେଲା ସରୁନି ଚେକଡ୍ୟାମ ନିର୍ମାଣ

**ଜରିଗୁମା,୯।୪(ସଂଚାର ବ୍ୟୁରୋ):** କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କରାଯାଉଛି । ହେଲେ ବିଭାଗୀୟ ବାବୁ ମାନଙ୍କ ଆନ୍ତରିକତାର ଅଭାବ ଯୋଗୁଁ ତାହା କାର୍ଯ୍ୟରେ ଲାଗୁନାହିଁ । ଚାଷୀ ପାଣିକୁ ଚାତକ ପରି ଅନାଇ ବସିଛି ହେଲେ ଦୀର୍ଘ ୫ବର୍ଷ ହେଲା ଚେକଡ୍ୟାମ ନିର୍ମାଣ ସରୁନି । କ୍ଷୁଦ୍ର ଜଳସେଚନ ବିଭାଗର ଠିକାଦାର ପ୍ରୀତି ପାଇଁ କାମ ଅଧାରେ ଅଟକିଥିବା ଅଭିଯୋଗ କରିଛନ୍ତି ଚାଷୀ। ଜୟପାଟଣା ବ୍ଲକ ଅଣ ଜଳସେଚିତ ଅଞ୍ଚଳ ଅଲାଭଟା ପଞ୍ଚାୟତର ଜରିଗୁମାରେ ଗାଈଧାର ନଦୀ ଉପରେ ନିର୍ମାଣ ହୋଇଛି ଚେକ୍ ଡ୍ୟାମ୍ । ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ୨୦୧୯ ରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଆରମ୍ଭ ଚେକ୍‌ଡ୍ୟାମ୍ କାମ ଆଜି ଯାଏଁ ସଂପୂର୍ଣ୍ଣ ହୋଇପାରିନାହିଁ । ୫ ବର୍ଷ ପରେ ବି ଅଧପନ୍ତରିଆ ହୋଇ ପଡ଼ିରହିଛି। ଠିକାଦାର ମନମାନୀ ଚଳାଇଥିବା ବେଳେ ଚେଇଁ ଶୋଇଛି କ୍ଷୁଦ୍ର ଜଳସେଚନ ବିଭାଗ । ଖାଲି ଠିକାଦାରଙ୍କୁ ଜରିମାନା କରି ଚୁପ ବସିଛନ୍ତି ବିଭାଗୀୟ ଅଧିକାରୀ। ଚେକଡ୍ୟାମ କାର୍ଯ୍ୟକ୍ଷମ ନହେଉଣୁ ମେକାନିକାଲ ସରଞ୍ଜାମରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି । ପଥର ବ୍ୟାଚିଂ ଠାରୁ ଆରମ୍ଭ କରି କଂକ୍ରିଟ ସବୁ କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ସେପଟେ ପାଇପ୍ ଲାଇନ ବିଛାଇବା ପାଇଁ ଠିକାଦାର ଜମିକୁ ଖୋଳି ନଷ୍ଟ କରୁଥିବାରୁ ଚାଷୀକୁଳ ଚିନ୍ତାରେ ପଡ଼ିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଏବଂ କ୍ୟାମେରା ପଛରେ କହିଛନ୍ତି ତାଙ୍କ ପାଖରେ ତଥ୍ୟ ନାହିଁ ।



## ବିଜେଡି ଗୋହି ଖୋଲିଲା ବିଜେପି

**ଯାଜପୁର ରୋଡ଼,୯।୪(ସଂଚାର ବ୍ୟୁରୋ):** ବ୍ୟାସନଗର ଏବଂ ପୌରାଞ୍ଚଳ ସହରର ବିଜେପି ନେତା ମାନେ ସ୍ଥାନୀୟ ରୟାଲ କଳିଙ୍ଗ ହୋଟେଲ ସଭାଗୃହରେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ନେତାଙ୍କ ଅପାରଗତାର ଖୋଲିଲେ ଗୋହି ପୁରାଣ। ବ୍ୟାସନଗରର ବିକାଶ ଓ ନଗରବାସୀଙ୍କ ମୌଳିକ ସମସ୍ୟା ସମାଧାନରେ ବିଜେଡି ବିଫଳ ହୋଇଛି। ବିଜୁଜନତା ଦଳ ବ୍ୟାସନଗର ବାସୀଙ୍କୁ ବାରମ୍ବାର ଠକି ଚାଲିଛି। ବିଜେଡି ଦ୍ୱାରା ହୋଇଥିବା ଅନାସ୍ଥା ଖେଳ ବ୍ୟାସନଗର ସହର ପାଇଁ କାଳ ହୋଇଛି। ବିକାଶର ବାଟ ହୁଡିଥିବା ବେଳେ ବିଜେଡି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ହରାଇଛି। ସମଗ୍ର ଦେଶ ବିଜେପି ପାଇଁ ବିକଶିତ ହୋଉଥିବା ବେଳ ବ୍ୟାସନଗରର ଶାସନ ଭାର ବିଜେଡି ହାତମୁଠାରେ ରଖି ସହରକୁ ବହୁ ପଛକୁ ନେଇ ଯାଇଛି। ଐତିହ୍ୟ ସମ୍ପନ୍ନ ବ୍ୟାସ ସରୋବର ମହୋତ୍ସବକୁ ଭଣ୍ଡୁର କରିବା ପାଇଁ ବିଜେଡି ନେତା ଷଡ଼ଯନ୍ତ୍ର ରଚିଥିବା ଖୋଦ୍



ବିଜେଡିର ବିଦାୟୀ ପୌରାଧ୍ୟକ୍ଷା ନିଜର ଏକ ଭିଡିଓ ବାର୍ତାରେ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷା ଦେଇଥିବା ବୟାନ ବିଜେଡିର ଗୁମରକୁ ପଦାରେ ପକାଇ ଦେଇଛି। ବ୍ୟାସନଗର ସହରର ଅନେକ ସମସ୍ୟା ରହିଥିଲେ ମଧ୍ୟ ଏହାକୁ ସମାଧାନ କରାନଯାଇ ଅନାସ୍ଥା ନାଟକ କରାଯାଇଛି। ବ୍ୟାସନଗରକୁ ଏକ ନମ୍ବର ସହର ଭାବେ ଗଢି ତୋଳିବା ନିମନ୍ତେ ବିଜେପି ସରକାର ପାଣ୍ଠି ଯୋଗାଇ ଦେବାପାଇଁ ଦୃଢ ସଂକଳ୍ପବଦ୍ଧ ବୋଲି କୁହାଯାଇଛି। ବିକାଶକୁ ରୋକିବା ପାଇଁ ବ୍ୟାସନଗରରେ ବିଜେଡି ପୌର ଶାସନକୁ ଅଚଳ କରି ଦେଇଛି।

## ଓଡ଼ିଆ ପକ୍ଷରେ 'ଆସ ବହିଟିଏ କିଣିବା' ଅଭିଯାନ



**ସୁନ୍ଦରଗଡ଼,୯।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନର ନବମ ଦିବସରେ ବୁଧବାର ସୁନ୍ଦରଗଡ଼ ଜିଲ୍ଲାରେ' ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିକାଶ ଭବନ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତହୋଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇ ବହି ଷ୍ଟଲ ଗୁଡ଼ିକ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବିଜେପି ଜିଲ୍ଲା ସଭାପତି ଗିରିଶ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥି ମାନେ, ଅଧିକାରୀ, ଛାତ୍ର ଛାତ୍ରୀ ଏବଂ ଜନସାଧାରଣ ନିଜ ନିଜ ପସନ୍ଦର ପୁସ୍ତକ କ୍ରୟ କରିଥିଲେ। ଏହି ଅବସରରେ ବିକାଶ ଭବନ ଠାରେ 'ପୁସ୍ତକର ଉପାଦେୟତା' ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବହି ପଢାକୁ ସମସ୍ତେ ଏକ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ ଏବଂ ବହିପଢାର ଲାଭ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପୁସ୍ତକ ର ବିକଳ୍ପ ନାହିଁ। ଆମେ ଯେତେ ବହି ପଢ଼ିବା ଆମ ମସ୍ତିଷ୍କ ସେତେ ଉର୍ବର ହେବ। ମାତ୍ର ଆଜିକାଲି ବହି କମ ଆଉ ଇଲେକଟ୍ରୋନିକ୍ସ ସାମଗ୍ରୀକୁ ବେଶୀ ବ୍ୟବହାର କରୁଛନ୍ତି। ମୋବାଇଲକୁ ଆମେ କମ ବ୍ୟବହାର କରିବା ଦ୍ୱାରା ଆମେ ଆମ ମାନସିକ ଅବସାଦକୁ ମଧ୍ୟ ଦୂରେଇ ପାରିବା। ସେହିଭଳି ପୁସ୍ତକ ପଢ଼ିବା ଦ୍ୱାରା ଆମର ଭାଷା, ସାହିତ୍ୟ ମଧ୍ୟ ସୁଦୂର ପ୍ରସାରିତ ହେବ ବୋଲି ଅତିଥି ମାନେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ନେହା ମିଞ୍ଜ ମଧ୍ୟ ବହି ପଢ଼ିବାର ଲାଭ ସମ୍ପର୍କରେ ନିଜ ବକ୍ତୃତା ରଖିଥିଲେ। ବହିରୁ ଆମେ ନୀତି ଶିକ୍ଷା ପାଇ ଥାଉ, ବହି ପଢ଼ିବା ଦ୍ୱାରା ଆମ ଏକାଗ୍ରତା ବଢ଼ିଥାଏ ଆଦି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ପେନ୍‌ସନ୍‌ଭୋଗୀ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁର):** ରାଜ୍ୟ ସରକାର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚ୍ଚରୀଙ୍କର ସ୍ୱାସ୍ଥ୍ୟ ଓ ମାନସିକ ଶକ୍ତି ବୃଦ୍ଧି କରିବା ନିମନ୍ତେ କୌଣସି ପଦକ୍ଷେପ ନେଉନାହାଁନ୍ତି। ପରିତାପର ବିଷୟ ସମଗ୍ର ଦେଶରେ ୨୩ଟି ରାଜ୍ୟ କେନ୍ଦ୍ର ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳରେ ଚିକିତ୍ସା ଭତ୍ତା, ଚିକିତ୍ସା ବୀମା ପାଇଁ ଯେଉଁ ନିୟମ ପ୍ରଚଳନ ହୋଇଛି ସେହି ନିୟମ ଆମ ରାଜ୍ୟରେ




ପ୍ରଚଳନ କରାଯାଉ ନାହିଁ। ସାମାଜିକ ସୁରକ୍ଷା ଓ ପେନସନଭୋଗୀମାନେ ସୁଖ ଓ ଶାନ୍ତିରେ ରହିବା ନିମନ୍ତେ ରାଜ୍ୟ ସରକାର କୌଣସି ନିୟମ ଜାରି କରିନାହାଁନ୍ତି। ଅପର ପକ୍ଷରେ ଆନ୍ଧ୍ର ସରକାର ମୃତ୍ୟୁକାଳୀନ ସହାୟତା ୧୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଆମ ରାଜ୍ୟରେ ମାନ୍ୟବର ବିଧାୟକ, ବିଦ୍ଧରାଳୟ କର୍ମଚ୍ଚରୀମାନଙ୍କ ମାସିକ ୨ ହଜାର ଟଙ୍କା ଚିକିତ୍ସା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଶିକ୍ଷକ କର୍ମଚ୍ଚରୀମାନଙ୍କୁ ଉପେକ୍ଷା କରାଯାଉଛି। ଅନ୍ୟ କେତେକ ରାଜ୍ୟରେ ୫ ଲକ୍ଷ ଟଙ୍କା ଚିକିତ୍ସା ବୀମା ପ୍ରଦାନ କରାଯାଉଛି। ଆମ ରାଜ୍ୟର ପେନସନର୍ସ ମାନଙ୍କ ସମୂହ ଦାବି ଯଥା: କେନ୍ଦ୍ର ଅନୁରୂପ ଚିକତ୍ସା ଭତ୍ତା ଓ ସ୍ୱାସ୍ଥ୍ୟ ସେବା ସୁବିଧା ଯୋଗାଇଦେବା, ଅତିରିକ୍ତ ପେନସନ ପ୍ରତି ୫ ବର୍ଷରେ ଅର୍ଥାତ୍ ୬୫ ବର୍ଷରୁ ୫ % ହାରରେ ଲାଗୁ କରିବା, କମ୍ୟୁଟେସନ ଅବଧି ୧୫ ବର୍ଷରୁ ୧୦ ବର୍ଷ ୮ ମାସକୁ ହ୍ରାସ କରିବା, କରୋନା ସମୟରେ ୨୦୨୦ ମସିହା ଜାନୁଆରୀ ଠାରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିବା, ରେଳ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ପୂର୍ବଭଳି ରିହାତି ଯୋଗାଇ ଦେବା, ନୂଆ ପେନସନ ଯୋଜନା (ଏନ୍‌ପିଏସ୍/ ୟୁପିଏସ୍)କୁ ବାତିଲ୍ କରି ପୁରୁଣା ପେନସନ ପ୍ରଚଳନ କରିବା ଇତ୍ୟାଦି। ଏଣୁ ଆଗାମୀ ଦିନରେ ରାଜ୍ୟ ଓ ଜିଲ୍ଲା ପେନସନର ମାନଙ୍କୁ ନେଇ ଆଲୋଚନା କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଜନ ସ୍ୱାସ୍ଥ୍ୟ ଅଭିଯାନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ବାଲେଶ୍ୱର,୯।୪(ସଂଚାର ବ୍ୟୁର):** ଜନସ୍ୱାସ୍ଥ୍ୟ ଅଭିଯାନ ଭାରତ, ବାଲେଶ୍ୱର ଶାଖା ତରଫରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଦାବିପତ୍ର ପ୍ରଦାନ କରାଗଲା। ଜନ ସ୍ୱାସ୍ଥ୍ୟ ଅଭିଯାନ ବାଲେଶ୍ୱର ଶାଖାର ଜିଲ୍ଲା ଆବାହକ ମହମ୍ମଦ ଇସଲାମ୍‌ଙ୍କ ନେତୃତ୍ୱରେ ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରର ମୁଖ୍ୟଉଦ୍ଦେଶ୍ୟ ସମସ୍ତଙ୍କୁ ସ୍ୱାସ୍ଥ୍ୟଗତ ଅଧିକାର, ଅତି ଜର୍ଜରିତ ଅବସ୍ଥାରେ ଥିବା ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଧାରିବା ଓ ଏହାର ଭିତ୍ତିଭୂମିକୁ ମଜଭୁତ କରିବା ଓ ସ୍ୱାସ୍ଥ୍ୟର ଘରୋଇକରଣକୁ ବିରୋଧ କରିବା, ପ୍ରତ୍ୟେକ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ଅଧିକାର ସହିତ ମାଗଣା ଚିକିତ୍ସା ଏବଂ ବିଶ୍ୱ ପରିବେଶ ସୁରକ୍ଷା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ତଥା ପଦକ୍ଷେପ ନେବା ଇତ୍ୟାଦି। ପ୍ରତିମା ପଣ୍ଡା, ବବିତା ରାଣି ଦାସ, ଅର୍ଚ୍ଚନା ନନ୍ଦୀ, ସକିଲା ବାନୋ, ମାନଗୋବିନ୍ଦ ସେଠୀ ଓ ସେକ୍ ନାଜିର୍ ପ୍ରମୁଖ ସମାଜସେବୀଗଣ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସିଲ୍ ହେଲା ଘରୋଇ ହସ୍ପିଟାଲ୍, ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ ପରେ ଆକ୍ସନ୍

**ଚଣ୍ଡିଖୋଲ,୯।୪ (ସଂଚାର ବ୍ୟୁରୋ):** ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଘଟଣାରେ ସିଲ ହେଲା ଘରୋଇ ହସ୍ପିଟାଲ। ଯାଜପୁର ଜିଲ୍ଲା ବଇରୀ ଥାନା ଅଧୀନ ଛତିଆ ସ୍ଥିତ ଗୋପପୁର ଛକ ନିକଟରେ ଥିବା ରୋହିଣୀ ହସ୍ପିଟାଲରେ କିଛି ଦିନ ପୂର୍ବରୁ ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ମହିଳାଙ୍କ ପରିବାର ଲୋକେ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଦନ୍ତ କରିଥିଲେ ଯାହାକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ସଂପୃକ୍ତ ଘରୋଇ ହସ୍ପିଟାଲକୁ ସିଲ କରାଯାଇଛି।

## ଜିଲ୍ଲା ପ୍ରଶାସନ ମାନବ ଚାଲାଣ ରୋକିବାରେ ବିଫଳ

# ଯୋଜନା ବାଟମାରଣା, ଦାଦନ ଯାଉଛନ୍ତି ଲୋକେ

**କଳାହାଣ୍ଡି,୯।୪(ସଂଚାର ବ୍ୟୁରୋ):** ରାଜ୍ୟରେ କଳାହାଣ୍ଡି ଜିଲ୍ଲା ଦାଦନ ସମସ୍ୟା ପାଇଁ ସ୍ୱତନ୍ତ୍ର ପରିଚୟ ପାଇଥିବା ବେଳେ ବିଗତ ୪ ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳର ବିକାଶ ପାଇଁ ଶତାଧିକ ଯୋଜନା କାର୍ଯ୍ୟକାରୀ ହୋଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଆସୁଛି । ସେ ସବୁର ବାସ୍ତବ ରୂପାୟନ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ ।ଫଳ ସରୂପ ସାମାଜିକ, ଅର୍ଥ ନୈତିକ ଦୃଷ୍ଟି କୋଣରୁ ଏହି ଜିଲ୍ଲା ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ବେଶ ଢେର ପଛରେ ରହି ଯାଇଛି ।ସମସ୍ୟାର ସମାଧାନ ହୋଇ ପାରୁନାହିଁ ।ଲୋକେ କାମ ଧନ୍ଦା ଅଭାବରୁ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳିଛି ।ଦାଦନ ଶ୍ରମିକ ମାନେ ଅନେକ ସମୟରେ ଠିକାଦାର,ଦଲାଲ ହାବୁଡ଼ରେ ପଡି ଶୋଷିତ ଓ ଅତ୍ୟାଚାର ହେଉଛନ୍ତି ।ବର୍ଷ ବର୍ଷ ବିତି ଯାଉଥିଲେ ହେଁ,ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରୁନାହିଁ ।ଅନ୍ୟ ପକ୍ଷରେ ମଣିଷ ବେପାର କରୁଥିବା ଦଲାଲ, ଠିକାଦାର ମାଲେମାଲ ଜିଲ୍ଲା ର ବିଭିନ୍ନ ବ୍ଲକରେ ଦାଦନ ସମସ୍ୟା ଦେଖାଦେଇଥିବା ବେଳେ ଏହି ବ୍ଲକ ମାନଙ୍କରେ କୋଣ ଅନୁକୋଣ ରୁ ହଜାର ହଜାର ଶ୍ରମିକ ମାନେ କେରଳ, ଆନ୍ଧ୍ରାପ୍ରଦେଶ,ବାଙ୍ଗାଲୋର, ତାମିଲନାଡୁ,ସୁରତ, ତେଲେଙ୍ଗନା,ଓ ଛତିଶଗଡ ଭଳି ରାଜ୍ୟର ଅନେକ ସ୍ଥାନରେ ଇଟାଭାଟି ମାନଙ୍କ ରେ କାମ କରିବାକୁ ଯାଉଥିବା ଦେଖିବାକୁ ମିଳିଛି । ଦାଦନ ସମସ୍ୟା ହେବାର ମୁଖ୍ୟ କାରଣ ହେଲା ଜିଲ୍ଲାରେ ଶତଧିକ ଯୋଜନା କାର୍ଯ୍ୟକାରି ହୋଇ ତାର ବ୍ୟାପକ ବାଟ ମାରଣା ହେବା ଯୋଗୁଁ ଶ୍ରମିକ ବାହାର ରାଜ୍ୟ ଦାଦନ ଖଟିବା ପାଇଁ ଯାଉଛନ୍ତି ।ଏହି ଶ୍ରମିକ ବେପାର ରେ ନେତା, ଅସାଧୁ କର୍ମଚାରି,ଓ କୁଜି ନେତା ମାନଙ୍କ ଜାଣତରେ ହେଉଥିବା ସ୍ପଷ୍ଟ ହୋଇ ଆସୁଛି ।ଦାଦନ ରୋକିବାରେ ଏହି ଯୋଜନା ଜିଲ୍ଲା ଫେଲ ମାରୁଥିବା ଅଭିଯୋଗ ହେଉଛି ।ଜିଲ୍ଲା ର ମହାନ ଗଣପର୍ବ ନୂଆଖାଇ ପରେ ପରେ ଶ୍ରମିକ ଶ୍ରେଣୀର ଲୋକେ ଦାଦନ ଖଟିଯିବା ପାଇଁ ଦଲାଲ ମାନଙ୍କ ଠାରୁ ଅଗ୍ରିମ ଟଙ୍କା ନେଇଥାନ୍ତି । ଯାହା ଫଳରେ ଜିଲ୍ଲାର ପ୍ରତେକ ବ୍ଲକ ରୁ ଯଥା ଗୋଲାମୁଣ୍ଡା, କୋକସରା, ଜୟପାଟଣା ଏମିତି କି ଧର୍ମଗଡ ବ୍ଲକ ରୁ ହଜାର ହଜାର ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଲୋକେ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳୁଛି ।ଜିଲ୍ଲା ରୁ ବାହାର ରାଜ୍ୟକୁ ଶ୍ରମିକ କୁ ଦାଦନ ଖଟିବା ପାଇଁ ଯାଉଛନ୍ତି ତାହା ଜିଲ୍ଲା ଶ୍ରମବିଭାଗ ପାଖରେ ସଠିକ ତଥ୍ୟ ନାହିଁ ।ଜିଲ୍ଲା ଓ ବାହାର ଜିଲ୍ଲା ର ଦଲାଲ ମାନେ ଜିଲ୍ଲାକୁ ଆସି ଖୋଲମ ଖୋଲା ବେଆଇନ ଭାବେ ବାହାର ରାଜ୍ୟକୁ ମାନବ ଚାଲାଣ ହେଉଥିବା ଦେଖି ମଧ୍ୟ ପ୍ରଶାସନ ନୀରବ ଦୃଷ୍ଟି ସାଜି ଦଲାଲ ପାଖରୁ କିଛି ଟଙ୍କା ନେଇ ଚୁପ ହେଉଛନ୍ତି ।ଅନ୍ୟ ପକ୍ଷରେ ଦଲାଲ କୁ ଶ୍ରମିକ ନେବାରେ ସାହାଯ୍ୟ କରୁଥିବା ଚର୍ଚ୍ଚା ହେଉଛି ।ଜିଲ୍ଲା ରୁ ଶହ ଶହ ସଂଖ୍ୟାରେ ଜୁନାଗଡ ରେଲ ଷ୍ଟେସନ ଓ ଗୋଲାମୁଣ୍ଡା ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ରେଲ ଓ ବସ ଯୋଗେ ମାନବ ଚାଲାଣ ହେଉଛି ।କିନ୍ତୁ ଜିଲ୍ଲା ପୋଲିସ ପ୍ରଶାସନ ଓ ଶ୍ରମବିଭାଗ ନିରବ ଦୃଷ୍ଟି ସାଜିଛନ୍ତି ।ଆଖି ଆଗରେ ମାନବ ଚାଲାଣ ହେଉଛି ହେଲେ ଆଖି ବନ୍ଦ କରି ରହୁଛନ୍ତି ଅଧିକାରୀ ।ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପର୍ଯ୍ୟାପ୍ତ କାମ ଯୋଗାଇ ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣ ରେ ଦାବି ହେଉଛି ।




## ବିଡିଓ ହେବ ତ ଏମିତି

# ଦିନରେ ସରକାରୀ କାମ, ସନ୍ଧ୍ୟାରେ ସମର କୋର୍ସ ପଢ଼ା

**ଖଜୁରୀପଡ଼ା,୯।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି। ନିଆରା ଆଭିମୁଖ୍ୟ ପାଇଁ ଏବେ ଚର୍ଚ୍ଚାରେ। ଦିନରେ ନିଜର ସରକାରୀ କାର୍ଯ୍ୟ ପରେ ସନ୍ଧ୍ୟାବେଳେ ପିଲାଙ୍କୁ ପଢ଼ାଇବାକୁ ମନୋନିବେଶ କରିଛନ୍ତି। ସନ୍ଧ୍ୟା ୬ରୁ ୭ ପର୍ଯ୍ୟନ୍ତ ବ୍ଲକର କନ୍‌ଫରେନ୍‌ସ ହଲରେ ସମର କୋର୍ସ ଦିଆଯାଉଛି । ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଡାକି ନିଜେ ଶିକ୍ଷାଦାନ କରୁଛନ୍ତି ବିଡିଓ ବାହିନୀପତି । ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକୀୟ ଶିକ୍ଷଣୀୟ ଜ୍ଞାନ ପ୍ରଦାନ କରୁଛନ୍ତି । ବର୍ତ୍ତମାନ ପଞ୍ଚମ ଶ୍ରେଣୀରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ସାଧାରଣଜ୍ଞାନ ଓ ଇଂରାଜୀ କହିବାର ଦକ୍ଷତା ବଢ଼ାଇବା ପାଇଁ ଏକମାସ ବ୍ୟାପୀ ଖରାଦିନିଆ କୋର୍ସ ଚଳାଇଛନ୍ତି । କେବଳ ଏତିକି ନୁହେଁ, ଛାତ୍ରଛାତ୍ରୀଙ୍କୁ ଭେଟି ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ସହିତ ବିଭିନ୍ନ ଆବାସିକ ବିଦ୍ୟାଳୟକୁ ଯାଇ ଶୃଙ୍ଖଳା ଓ ନୀତି ଆଦର୍ଶ ଉପରେ ମାର୍ଗଦର୍ଶନ ଦେଉଛନ୍ତି । ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଭାବେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଭେଟି ଭଲ ପଢ଼ିବା ପାଇଁ ବୁଝାଇବା ସହ ଭବିଷ୍ୟତରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିଭଳି ଭାଗ ନେଇ ସଫଳ ହେବେ ସେନେଇ ମଧ୍ୟ ଟିପ୍‌ସ୍ ଦେଉଛନ୍ତି। ବିଡିଓଙ୍କ ଏଭଳି ଶିକ୍ଷାଦାନ କାର୍ଯ୍ୟ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମହଲରେ ବେଶ ଆଦୃତ ହୋଇଛି । ଏହାଦ୍ୱାରା ତାଙ୍କର ସରକାରୀ କାର୍ଯ୍ୟ ବ୍ୟାଘାତ ହେଉ ନଥିବା ସେ କହିଛନ୍ତି । ବିଡିଓ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ସାଧାରଣ ଲୋକଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରୁଛନ୍ତି। ଛୁଟି ଦିନରେ ମଧ୍ୟ ସରକାରୀ କାମ କରୁଥିବା ଦେଖିବାକୁ ମିଳୁଛି । ମୁଁ କନ୍ଧମାଳର ବାସିନ୍ଦା, ତେଣୁ ଜିଲ୍ଲାର ସମସ୍ୟା ମୁଁ ଜାଣିଛି । ଗରିବ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବା ପାଇଁ ମୁଁ ଉଦ୍ୟମ କରୁଛି ବୋଲି ବିଡିଓ କହିଛନ୍ତି।



# ନାରୀ



# କର୍ମଜୀବୀ ମହିଳାଙ୍କ ଶିଶୁ ଯତ୍ନ ସ୍ୱପ୍ନ



ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ)ର ଏକ ଅଧ୍ୟୟନରୁ ଜଣାପଡ଼ିଛି, ଭାରତରେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା ଶ୍ରମିକମାନେ ବିନା କୌଣସି ସାମାଜିକ ସୁରକ୍ଷା, କମ୍ ମଜୁରିରେ ବିପଦପୂର୍ଣ୍ଣ ଭାବରେ କାମ କରନ୍ତି। ମାତୃ ସ୍ୱାସ୍ଥ୍ୟ ସୁବିଧା ପ୍ରତିଷ୍ଠା କରିବାରେ ଭାରତ ଅନେକ ଉନ୍ନତ ରାଷ୍ଟ୍ରଠାରୁ ଆଗରେ ରହିଛି ଏବଂ ଏହାର ବିଧିଗତ ମାତୃତ୍ୱ ଛୁଟି ବିଶ୍ୱରେ ଶ୍ରେଷ୍ଠ ତିନି ମଧ୍ୟରେ ରହିଛି। ମାତୃତ୍ୱ ସୁବିଧା ସଂଶୋଧନ ଅଧିନିୟମ ୨୦୧୭, ମହିଳା କର୍ମଚାରୀଙ୍କ ପାଇଁ ୨୬ ସପ୍ତାହ ପର୍ଯ୍ୟନ୍ତ ଦରମାପ୍ରାପ୍ତ ଛୁଟି, ଏହି ଅବଧି ପରେ ନିଯୁକ୍ତିଦାତାଙ୍କ ସହ ପାରସ୍ପରିକ ଚୁକ୍ତିନାମା ଅନୁଯାୟୀ ଘରୁ କାମ କରିବାର ବିକଳ୍ପ ପ୍ରସ୍ତାବ ଦେବା ଓ କ୍ରେଚ୍ ସୁବିଧାକୁ ବାଧ୍ୟତାମୂଳକ କରାଯିବା ଇତ୍ୟାଦି ଯେଉଁ ଅନୁଷ୍ଠାନରେ ୫୦ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟ କରୁଥିବେ, ସେଠାରେ କ୍ରେଚ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଅବଶ୍ୟ ଏହି ସୁବିଧାଗୁଡ଼ିକ ଆନୁଷ୍ଠାନିକ କ୍ଷେତ୍ର ମହିଳା କର୍ମଚାରୀମାନେ ଉପଭୋଗ କରନ୍ତି। ଯାହାକି ମହିଳା କର୍ମଜୀବୀଙ୍କ ମଧ୍ୟରେ ୫%ରୁ କମ୍ ଅଟେ। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏକ ଅଧ୍ୟୟନରୁ ଜଣାଯାଏ ଯେ, ମହିଳାମାନେ କାର୍ଯ୍ୟ ବନ୍ଦ କରିବା, ଅଭାବ, ଅନଟନ ପରିସ୍ଥିତିରେ ସଂଘର୍ଷ କରିବା ଇତ୍ୟାଦି ଶିଶୁର ଯତ୍ନ ନେବାରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଥିବା ଅସମାନତା ଯୋଗୁଁ ଘଟିଥାଏ। ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାମାନେ କିପରି ଅଧିକ ଉପାର୍ଜନକ୍ଷମ ହୋଇପାରିବା ସହ ନିଜର ତଥା ନିଜ ଶିଶୁର ଯତ୍ନ ନେଇପାରିବେ ସେଥିପାଇଁ ତିନିଟି କାର୍ଯ୍ୟ ଉପରେ ଧ୍ୟାନ ଦିଆଯାଇପାରେ: ସମନ୍ୱିତ ଶିଶୁବିକାଶ ଯୋଜନା (ଆଇସିଡିଏସ୍)ର ଭିତ୍ତିଭୂମିକୁ ବିସ୍ତାର କରିବା, ଜାତୀୟ କ୍ରେଚ୍ ଯୋଜନାକୁ ପୁନରୁଦ୍ଧାର କରିବା, ଏବଂ ମାତୃତ୍ୱ ସୁବିଧା ପ୍ରଦାନ କାର୍ଯ୍ୟକ୍ରମର ବିକାଶ କରିବା।

ମା' ଓ ଶିଶୁକୁ ପୁଷ୍ଟିସୁରକ୍ଷା ଯୋଗାଇବା, ଏକ ସ୍ୱଚ୍ଛ ସୁରକ୍ଷିତ ପରିବେଶ ସୃଷ୍ଟି କରିବା, ବାଲ୍ୟକାଳ ଶିକ୍ଷା ଦେବା ଇତ୍ୟାଦି ହେଉଛି ଆଇସିଡିଏସ୍ ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ପ୍ରାଥମିକ କାର୍ଯ୍ୟ। ଏହା ଯୋଗୁଁ ପ୍ରସବ ପରେ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାଙ୍କୁ ପୁନଃ କାର୍ଯ୍ୟରେ ଯୋଗଦେବା ସହଜ ହୋଇଥାଏ। କିନ୍ତୁ ଏହି ଯୋଜନା ୨ଟି ସୀମା ମଧ୍ୟରେ ଆବଦ୍ଧ। ପ୍ରଥମତଃ ଏଠାରେ ତିନିବର୍ଷରୁ ସାନ ଶିଶୁଙ୍କ ପାଇଁ କେବଳ ଟିଏଚ୍ଆର୍ (TAKE HOME RATION) ଛଡ଼ା ଅନ୍ୟକୌଣସି ସୁବିଧା ନଥାଏ। ଦ୍ୱିତୀୟଟି ହେଲା ଏହା ମାତ୍ର କିଛି ଘଣ୍ଟା ପାଇଁ କାମ କରେ। ଏହି ସୁବିଧା ଏକ ସୀମିତ ସମୟ ସୀମା ମଧ୍ୟରେ ମିଳୁଥିବାରୁ ମହିଳାମାନଙ୍କୁ ସେମାନଙ୍କ ଶିଶୁକୁ ଅଙ୍ଗନୱାଡ଼ିରେ ଛାଡ଼ିବା-ନେବା, ଗର୍ଭବତୀ, ପ୍ରସୂତି ମାଆ ଓ ଛୋଟ ଶିଶୁଙ୍କ ପାଇଁ ଟିଏଚ୍ଆର୍ ଗ୍ରହଣ କରିବା ସୁବିଧାଜନକ ହୋଇ ନଥାଏ। ଯଦି ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ତିନିବର୍ଷ ପୂର୍ବରୁ ଗ୍ରହଣ କରାଯାଇଥାନ୍ତା ତେବେ ଅଣଆନୁଷ୍ଠାନିକ କର୍ମଜୀବୀ ମହିଳାମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ରକୁ ଯିବାକୁ ସୁବିଧା ହୋଇଥାନ୍ତା ଏବଂ ୨୦୨୦ରେ ୦-୬ ବର୍ଷ ଶିଶୁଙ୍କ ନିମନ୍ତେ ବାଧ୍ୟତାମୂଳକ କରାଯାଇଥିବା ଜାତୀୟ ଶିକ୍ଷାନୀତି ଅନୁଯାୟୀ ଆଦ୍ୟ ବାଲ୍ୟାବସ୍ଥା ଯତ୍ନ ଓ ଶିକ୍ଷା ମିଳିପାରନ୍ତା।

କର୍ମଜୀବୀ ମହିଳାମାନଙ୍କ ପାଇଁ ଜାତୀୟ କ୍ରେଚ୍ ଯୋଜନାରେ ବିଶେଷ ବ୍ୟବସ୍ଥା ରହିଛି। କିନ୍ତୁ ସରକାରୀ ଅର୍ଥ ବ୍ୟବସ୍ଥା ହ୍ରାସ ଯୋଗୁଁ ଏହା କାର୍ଯ୍ୟ କରିପାରୁନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟ ସମୟ ଓ କାର୍ଯ୍ୟକାରିତାର ଶୂନ୍ୟସ୍ଥାନକୁ ଦୂର କରିବା ଆବଶ୍ୟକତା ରହିଛି। ଏହି ଯୋଜନାରେ ବ୍ୟବସ୍ଥାଗୁଡ଼ିକର ପୁନରୁଦ୍ଧାର କରିବା ଏବଂ ସର୍ବସାଧାରଣ କାର୍ଯ୍ୟ ସ୍ଥାନରେ କ୍ରେଚ୍‌ର ଏକ ନେଟ୍‌ୱର୍କ ଯୋଗ କରିବା ଅତ୍ୟନ୍ତ ଲାଭଦାୟକ ହୋଇପାରେ ଏବଂ ଏହା କାର୍ଯ୍ୟକ୍ଷେତ୍ର କ୍ଲଷ୍ଟର୍‌ରେ ପରିଚାଳିତ ହୋଇପାରିବ। ଯେପରିକି ଶିଳ୍ପକ୍ଷେତ୍ର, ବଜାର ହାଟ ଥିବା ସ୍ଥାନ, ସ୍ୱଳ୍ପଆୟକରୀ ଆବାସିକ କ୍ଷେତ୍ର ଓ ଶ୍ରମିକମାନେ ବସବାସ କରୁଥିବା ସ୍ଥାନ। କର୍ମକ୍ଷେତ୍ରର ନିକଟରେ କ୍ରେଚ୍ ରହିଲେ ସମୟାନୁଯାୟୀ ସ୍ତନ୍ୟପାନ କରାଇବା ଏବଂ ଜରୁରୀକାଳୀନ ପରିସ୍ଥିତିରେ ପହଞ୍ଚିବା ପାଇଁ ସୁବିଧା ହୋଇଥାଏ।

ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନରେ କ୍ରେଚ୍ ବ୍ୟବସ୍ଥା କରିବା ପାଇଁ ନିର୍ମାଣ ଶ୍ରମିକ ମଙ୍ଗଳ ବୋର୍ଡ଼ର ବାଧ୍ୟତାମୂଳକ ପ୍ରାବଧାନ ରହିଛି, ଯେଉଁଥିରେ ନିର୍ମାଣ ସେସ୍‌ରୁ ଆର୍ଥିକ ବ୍ୟବସ୍ଥା କରାଯାଇ କୋଠାବାଡ଼ି ତଥା ଅନ୍ୟାନ୍ୟ ନିର୍ମାଣସ୍ଥଳୀରେ କ୍ରେଚ୍ ଚଳାଇବାର ବ୍ୟବସ୍ଥା କରାଯିବା ପାଇଁ ନିୟମ କରାଯାଇଛି। ଶିଶୁଜନ୍ମ ଓ ଶିଶୁଯତ୍ନ ପାଇଁ ଅର୍ଥର ଆବଶ୍ୟକତା ଅନେକ ମହିଳାଙ୍କୁ ଚିନ୍ତାଗ୍ରସ୍ତ କରିଥାଏ। ଯାହାଫଳରେ ସେମାନେ ପ୍ରସବର କିଛି ସପ୍ତାହ ମଧ୍ୟରେ ପୁନର୍ବାର କାର୍ଯ୍ୟରେ ଯୋଗ ଦିଅନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ପୂର୍ବରୁ ଅଣଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳାଙ୍କ ପାଇଁ କୌଣସି ମାତୃତ୍ୱ ସୁବିଧା ନଥିଲା। ଏନ୍ଏଫ୍ଏସ୍ଏ ୨୦୧୩ରେ ଗର୍ଭବତୀ ଓ ପ୍ରସୂତି ମା'ଙ୍କୁ ଅତି କମ୍‌ରେ ୬,୦୦୦ ଟଙ୍କା ପ୍ରଧାନମନ୍ତ୍ରୀ ମାତୃତ୍ୱ ବନ୍ଦନା ଯୋଜନାରେ ଦିଆଯିବାର ବ୍ୟବସ୍ଥା କରାଗଲା। ଏହି ସୁବିଧା ପ୍ରଥମ ଦୁଇଟି ଶିଶୁଙ୍କ ପାଇଁ ମିଳିଥାଏ। ଆର୍ଥିକ ଅସୁବିଧାକୁ କିଛି ପରିମାଣରେ ଦୂର କରିବା ପାଇଁ ଏହାଦ୍ୱାରା ପ୍ରଚେଷ୍ଟା କରାଯାଇଛି। ଓଡ଼ିଶାରେ ମଧ୍ୟ ଗର୍ଭବତୀ ମାଆମାନଙ୍କୁ ପୂର୍ବରୁ ୫ହଜାର ଟଙ୍କା ଦିଆଯାଉଥିବା ବେଳେ ୨୦୨୪ ମାର୍ଚ୍ଚ ମାସଠାରୁ ଏହାକୁ ୧୦ ହଜାରକୁ ବୃଦ୍ଧି କରାଯାଇଛି। ସରକାରୀ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ କାମ କରୁଥିବା ମହିଳାମାନଙ୍କୁ ଛାଡ଼ି ଅନ୍ୟ ସମସ୍ତ ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଗର୍ଭବତୀ ମହିଳା ଉପଯୁକ୍ତ ପ୍ରମାଣପତ୍ର ସହ ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଜୀକରଣ କରାଇ ଯୋଜନା ପାଇଁ ଥିବା ସମସ୍ତ ସର୍ତ୍ତଗୁଡ଼ିକ ପୂରଣ କଲେ ମମତା ଯୋଜନାର ସୁଫଳ ପାଇପାରିବେ।

**ଭାରତରେ ଅଣଆନୁଷ୍ଠାନିକ କ୍ଷେତ୍ରରେ ପ୍ରାୟ ୯୫% ମହିଳା କାମ କରନ୍ତି କିନ୍ତୁ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ମାତୃତ୍ୱ ସୁବିଧା ବହୁତ କମ୍ ମିଳେ।**



**ତାମିଲନାଡୁ:**
ଡକ୍ଟର ମୁଥୁଲକ୍ଷ୍ମୀ ମାତୃତ୍ୱ ସୁବିଧା ଯୋଜନା
**ରାଜସ୍ଥାନ:**
ଇନ୍ଦିରାଗାନ୍ଧୀ ମାତୃତ୍ୱ ପୁଷ୍ଟି ଯୋଜନା
**ଓଡ଼ିଶା:**
ମମତା ଯୋଜନା
**ଗୁଜୁରାଟ:**
କସ୍ତୁରବା ପୋଷଣ ସହାୟ ଯୋଜନା
**ଛତିଶଗଡ଼:**
କୌଶଲ୍ୟା ମାତୃତ୍ୱ ଯୋଜନା



'ସବୁବେଳେ ରାଣୀ ପରି ଭାବନ୍ତୁ। କାରଣ ଜଣେ ରାଣୀ କେବେ ବି ହାରିଯିବାର ଭୟ କରେନି। ବିଫଳତା ହେଉଛି ମହାନତାର ଆଉ ଗୋଟେ ପାଦ'
**ଓପ୍ରା ୱିନ୍‌ଫ୍ରେ**

## ଦୁଇ ପ୍ରେରଣାଦାୟୀ ମହିଳାଙ୍କ କାହାଣୀ

### ଚାକିରି ଛାଡ଼ି ଦିବ୍ୟାଙ୍ଗଙ୍କୁ ରୋଜଗାର ଦେବାକୁ ପଣ

ଛତିଶଗଡ଼ରେ ଏକ ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ମିନି ନାଏକ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଥିଲେ। ହେଲେ ଦିବ୍ୟାଙ୍ଗମାନେ ପାଠପଢ଼ି ସାରିବା ପରେ ରୋଜଗାର ପାଉନଥିଲେ। ଏଣୁ ସେମାନଙ୍କୁ ରୋଜଗାର ଦେବାକୁ ଚିନ୍ତା କରି ବରଗଡ଼ ସହରରେ ଏକ ସୁନ୍ଦର କାଫେ ଖୋଲିଛନ୍ତି ମିନି। ଯେଉଁଠାରେ ଦିବ୍ୟାଙ୍ଗମାନେଚା', କଫିଠାରୁ ଆରମ୍ଭ କରି ଗୁପ୍‌ଚୁପ୍, ଦହି ଗୁପ୍‌ଚୁପ୍, ଚକୋଲେଟ୍, ଭେଲ୍‌ମୁଢ଼ି ସହ ବିଭିନ୍ନ ପ୍ରକାର ଖାଦ୍ୟ ନିଜେ ତିଆରି କରି ଗ୍ରାହକଙ୍କୁ ଯୋଗାଉଛନ୍ତି। ସବୁ କାମ ଦିବ୍ୟାଙ୍ଗମାନେ କରୁଥିବାବେଳେ ସେମାନଙ୍କୁ ମିନି ଓ ତାଙ୍କ ଜଣେ ସହଯୋଗୀ ଦୀପମାଳା ଶ୍ୟାମ ସହାୟତା ଯୋଗାଉଛନ୍ତି। ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ବାବେବିରା ଗାଁର ମିନି। ଗାଁ ସ୍କୁଲରେ ହାଇସ୍କୁଲ ପାଠ୍ୟକ୍ରମ ସାରିବା ପରେ ଉଚ୍ଚଶିକ୍ଷା ପାଇଁ ଛତିଶଗଡ଼ରେ ଡିପ୍ଲୋମା ଇନ୍ ଏଜୁକେସନ (ଏମ୍ଆର୍) ପାଠ ପଢ଼ିଥିଲେ। ଏହାପରେ ସେ ଛତିଶଗଡ଼ର ସାରଙ୍ଗଗଡ଼ଠାରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ମିନି କହନ୍ତି, ଦରମା କମ୍ ମିଳୁଥିଲେ ବି ଦିବ୍ୟାଙ୍ଗଙ୍କୁ ପାଠ ପଢ଼ାଇ ବେଶ୍ ଖୁସି ଥିଲେ। ହେଲେ ପଢ଼ା ସରିବା ପରେ ସେମାନେ ରୋଜଗାର ପାଉନଥିବା ଚିନ୍ତା ମନରେ ଘାରିଥିଲା। ଜଣେ ଛାତ୍ର ରୋଜଗାର ନପାଇ ଆତ୍ମହତ୍ୟା କରିବା ଭଳି ଘଟଣା ନଜରକୁ ଆସିବା ପରେ କାଫେ ଖୋଲିବା ପାଇଁ ଚିନ୍ତା କରିଥିଲେ। ପ୍ରଥମେ ସେ ବାହାରି କିଛି ଦିବ୍ୟାଙ୍ଗଙ୍କୁ ରୋଜଗାର ଦେଲେ ପରବର୍ତ୍ତୀ ସମୟରେ ଅନ୍ୟମାନେ ମଧ୍ୟ ଦିବ୍ୟାଙ୍ଗଙ୍କୁ ରୋଜଗାର ଦେବାକୁ ଚିନ୍ତା କରିବେ ବୋଲି ଆଶା ରଖିଥିଲେ। ବରଗଡ଼କୁ ଆସି ଗୋବିନ୍ଦପାଲି ଛକଠାରେ କାଫେ କରିବା ସ୍ଥାନ ନିରୂପଣ କରିବା ପରେ ୫ ଲକ୍ଷ ଟଙ୍କା ଋଣ କରିଥିଲେ। ଆଉ ସେ ଗତ ୧୦ ତାରିଖରୁ ତାଙ୍କ ମିନି ଫ୍ଲାଇଂ ଷ୍ଟାର୍ କାଫେ ଆରମ୍ଭ କରିଥିବା କହିଛନ୍ତି। କାଫେରେ ତିନି ଜଣ ଦିବ୍ୟାଙ୍ଗ (କଥା କହି ପାରୁନଥିବା କିମ୍ବା ଶୁଣି ପାରୁନଥିବା) ହଂସରାଜ ବନଛୋର, ଅଭୟ ଭୋଇ, ଦୀପମାଳା ଶ୍ୟାମ ସବୁ କାମ ନିଜେ ନିଜେ କରିପାରୁଛନ୍ତି। ଚା', କଫି, ଖାଦ୍ୟ ସାମଗ୍ରୀ ତିଆରି କରୁଛନ୍ତି। ଗ୍ରାହକଙ୍କ ଟେବୁଲ ଯାଏ ପହଞ୍ଚାଇବା କାମ ମଧ୍ୟ କରିପାରୁଛନ୍ତି। କାଫେରେ ଗ୍ରାହକମାନେ ଯେମିତି ଅସୁବିଧାରେ ନପଡ଼ିବେ ସେସବୁ ବ୍ୟବସ୍ଥା ମଧ୍ୟ ଅଛି। ଲୋକେ କାଫେରେ ଖାଦ୍ୟ ଖାଇ ସନ୍ତୁଷ୍ଟ ହେଉଛନ୍ତି। ତେବେ ମିନିଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

**ଦରମା କମ୍ ମିଳୁଥିଲେ ବି ଦିବ୍ୟାଙ୍ଗଙ୍କୁ ପାଠପଢ଼ାଇ ବେଶ୍ ଖୁସି ଥିଲେ ମିନି। ହେଲେ ପଢ଼ା ସରିବା ପରେ ସେମାନେ ରୋଜଗାର ପାଉନଥିଲେ। ଜଣେ ଛାତ୍ର ରୋଜଗାର ନପାଇ ଆତ୍ମହତ୍ୟା କରିବା ଘଟଣା ନଜରକୁ ଆସିବା ପରେ କାଫେ ଖୋଲିବା ନେଇ ଚିନ୍ତା କରିଥିଲେ। ପ୍ରଥମେ ସେ ବାହାରି କିଛି ଦିବ୍ୟାଙ୍ଗଙ୍କୁ ରୋଜଗାର ଦେଲେ ପରବର୍ତ୍ତୀ ସମୟରେ ଅନ୍ୟମାନେ ମଧ୍ୟ ସେମାନଙ୍କୁ ରୋଜଗାର ଦେବାକୁ ଚିନ୍ତା କରିବେ ବୋଲି ଆଶା ରଖିଛନ୍ତି ମିନି।**



### ମାଣ୍ଡିଆ ଚାଷ ଫୁଟାଇଛି ହସ

ପ୍ରତ୍ୟେକ କଠିନତାକୁ ସାମ୍ନା କରି ଆଗକୁ ବଢ଼ିବାର ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ବଞ୍ଚିବାର ରାହା ଦେଖାଇଛି। ତାଙ୍କର ସଂଘର୍ଷ କାହାଣୀ ଯେତେ ବନ୍ଧୁର ସେ ସେତେ ଅଧିକ ପ୍ରେରଣାଦାୟୀ। ଅନେକ ବାଧା ପ୍ରତିବନ୍ଧକକୁ କାଟି ଚାଷ କ୍ଷେତରେ ଅଧ୍ୟବସାୟ ଜାରି ରଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ରାମପୁର ଗ୍ରାମର ତୁଳା ଦଳେଇ।

ଦୀର୍ଘ ୪ବର୍ଷ ତଳେ ସ୍ୱାମୀ ହଠାତ୍ ପକ୍ଷାଘାତରେ ପୀଡ଼ିତ ହେଲେ। ଆଉ ସେହିଦିନଠାରୁ ଆରମ୍ଭ ହୋଇଥିଲା ତୁଳାଙ୍କ ସଂଘର୍ଷମୟ ଜୀବନ। ଝିଅ ଓ ପୁଅଙ୍କୁ ପାଳିପୋଷି ମଣିଷ କରିବାର ଦାୟିତ୍ୱ ପଡ଼ିଲା ତାଙ୍କ ଉପରେ। ସ୍ୱାମୀଙ୍କ ଚିକିତ୍ସା ସହିତ ପିଲାମାନଙ୍କୁ କେମିତି ପାଠ ପଢ଼ାଇବେ ସେହି ଚିନ୍ତାରେ ପଡ଼ିଗଲେ ସେ। ଶେଷରେ ଉପାୟଶୂନ୍ୟ ହୋଇ ସ୍ୱାମୀଙ୍କ ଚାଷ କାମକୁ ଆପଣାଇ ଆରମ୍ଭ କରିଥିଲେ ସଂଘର୍ଷ। ପୂର୍ବରୁ କେବଳ ପାରମ୍ପରିକ ଢଙ୍ଗରେ ହେଉଥିବା ମାଣ୍ଡିଆ ଚାଷ ପରିବର୍ତ୍ତେ ଓଡ଼ିଶା ମିଲେଟ୍‌ସ ମିଶନ ପକ୍ଷରୁ ଏସ୍ଏମ୍ଆଇ ପଦ୍ଧତିରେ ଚାଷ କରିବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ନିଜର ୫ଏକର ଜମିରେ ମାଣ୍ଡିଆ, ସୁଆଁ ଚାଷ କରି ସ୍ୱାବଲମ୍ବୀ ହେବା ସହିତ ଲାଭବାନ୍ ମଧ୍ୟ ହୋଇପାରିଛନ୍ତି ତୁଳା। ପ୍ରଶିକ୍ଷଣରୁ ଜୈବିକ ଖତ ପ୍ରସ୍ତୁତି, ବିହନ ବୁଣିବା ପ୍ରଣାଳୀ, ଧାଡ଼ି ରୁଆ, ଘାସ ବଛା କାମ ଆଦି ବିଷୟରେ ଅବଗତ ହୋଇଥିଲେ। ଗତବର୍ଷ ସେ ୧୫ କ୍ୱିଣ୍ଟାଲ୍ ମାଣ୍ଡିଆ ଅମଳ କରି ମଣ୍ଡିରେ ବିକ୍ରି କରିଥିବା ବେଳେ ଚଳିତ ବର୍ଷ ୨୨ କ୍ୱିଣ୍ଟାଲ୍ ମାଣ୍ଡିଆ ଅମଳ କରିଛନ୍ତି। ସେଥିରୁ ୧୭ କ୍ୱିଣ୍ଟାଲ୍ ମାଣ୍ଡିଆକୁ ୬୫,୩୮୨ ଟଙ୍କାରେ ମଣ୍ଡିରେ ବିକ୍ରି କରି ଲାଭ ପାଇଛନ୍ତି। ବଳକା ମାଣ୍ଡିଆକୁ ଘରେ ଖାଇବା ପାଇଁ ରଖିଛନ୍ତି। ସେହିପରି ଅଧା ଏକର ଜମିରେ ୬ କ୍ୱିଣ୍ଟାଲ୍ ସୁଆଁ ଉତ୍ପାଦନ କରି ସ୍ଥାନୀୟ ବଜାରରେ ବିକ୍ରି କରିଛନ୍ତି। ମାଣ୍ଡିଆ ବିକ୍ରି କରି ପାଇଥିବା ଟଙ୍କାରେ ପରିବାର ଚଳାଇବା ସହ ସ୍ୱାମୀଙ୍କ ଚିକିତ୍ସା କରିପାରୁଛନ୍ତି। ନିଜେ ସଂରକ୍ଷିତ କରି ରଖିଥିବା ମାଣ୍ଡିଆ ବିହନକୁ ଚାଷ କ୍ଷେତରେ ବୁଣୁଛନ୍ତି। ମାଣ୍ଡିଆ ଚାଷ ପାଇଁ ସରକାରୀ ସହାୟତା ପାଇ ତୁଳା ମାଣ୍ଡିଆ ଚାଷକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହାସହିତ ଓଡ଼ିଶା ମିଲେଟ୍‌ସ ମିଶନ ସହାୟତାରେ ପାଇଥିବା ପୁଷ୍ଟିଶସ୍ୟଭିତ୍ତିକ ଖାଦ୍ୟ ସାମଗ୍ରୀର ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି। ମାଣ୍ଡିଆ ରସଗୋଲା, ମୁଡ଼୍‌କୀ, ପିଠା, ମାଣ୍ଡୁରୁ ଆଦି ପ୍ରସ୍ତୁତ କରି ବିଭିନ୍ନ ଖାଦ୍ୟମେଳା ଓ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଛନ୍ତି। ଏଥିପାଇଁ ସେ ମାଲକାନଗିରି, ବୋଡ଼ପଡ଼ା ଫୁଡ୍ ଫେଷ୍ଟିଭାଲ୍‌ରେ ବେଷ୍ଟ ଫୁଡ୍ ଆଇଟମ୍ ପାଇଁ ପୁରସ୍କୃତ ହୋଇଛନ୍ତି। ନିଜର ସଫଳତା କାହାଣୀ ବଖାଣି ତୁଳା କହନ୍ତି, 'ସ୍ୱାମୀଙ୍କ ପକ୍ଷାଘାତ ପରେ ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଇଥିଲା। ସ୍ୱାମୀଙ୍କ ଜୀବନ ରକ୍ଷା କରିବା ଏବଂ ପିଲାମାନଙ୍କ ବୋଝ ମୁଣ୍ଡାଇବା ପାଇଁ ଚାଷ କାମକୁ ଆପଣାଇଥିଲି। ଆଉ ଏହି ମାଣ୍ଡିଆ ଆମ ପରିବାରକୁ ରୋଜଗାର ଦେବାସହ ମୋ ସ୍ୱାମୀଙ୍କୁ ସୁସ୍ଥ ରଖିବାରେ ସହାୟକ ହୋଇଛି। ଡାକ୍ତରଙ୍କ କହିବା ଅନୁସାରେ ସ୍ୱାମୀଙ୍କୁ ମଧ୍ୟ ମାଣ୍ଡିଆ ଜାଉ ପ୍ରତ୍ୟେକ ଦିନ ଖାଇବା ପାଇଁ ଦେଉଛି। ସ୍ୱାସ୍ଥ୍ୟ ପାଇଁ ଉପକାରୀ ମାଣ୍ଡିଆକୁ ଆମେ ଘରେ ମଧ୍ୟ ଖାଉଛୁ'।



## ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ୍



ଫ୍ୟାସନ୍ ଦୁନିଆରେ ବିଳାସ ହ୍ୟାଣ୍ଡ୍‌ବ୍ୟାଗ୍ ବା ପର୍ସ କେବଳ ଅତ୍ୟାବଶ୍ୟକ ଜିନିଷ ରଖିବାର ମୁଣି ମାତ୍ର ନୁହେଁ, ବରଂ ତାହା ହେଉଛି ମର୍ଯ୍ୟାଦା, ଷ୍ଟାଇଲ୍, କ୍ଷମତା ତଥା ବ୍ୟକ୍ତିଗତ ପସନ୍ଦର ପ୍ରତୀକ। ଏହି ପର୍ସଗୁଡ଼ିକ ସୂକ୍ଷ୍ମ କାରୁକାର୍ଯ୍ୟ, ସାରା ପୃଥିବୀରୁ ସଂଗୃହୀତ ବିରଳ ସାମଗ୍ରୀ ଓ କଳାତ୍ମକ ଉତ୍କର୍ଷର ପ୍ରତିନିଧିତ୍ୱ କରିଥାନ୍ତି, ଯେଉଁ କାରଣରୁ ଫ୍ୟାସନ୍ ଉତ୍ସାହୀ ତଥା ସଂଗ୍ରାହକମାନଙ୍କ ଲାଗି ଏଗୁଡ଼ିକ ଅହେତୁକ ଆକର୍ଷଣର ଚିଜ ହୋଇଥାନ୍ତି। ତେବେ ଉପରୋକ୍ତ କାରଣମାନ ଯୋଗୁଁ ବିଳାସ ହ୍ୟାଣ୍ଡ୍‌ବ୍ୟାଗ୍‌ଗୁଡ଼ିକର ଦାମ ଖୁବ୍ ଅଧିକ। ପୃଥିବୀର ସେଭଳି ପାଞ୍ଚଟି ଦାମୀ ହ୍ୟାଣ୍ଡ୍‌ବ୍ୟାଗ୍ ବିଷୟରେ ଜାଣିବା। ମୂଲ୍ୟ ଦୃଷ୍ଟିରୁ ସବୁଠାରୁ ଦାମୀ ହ୍ୟାଣ୍ଡ୍‌ବ୍ୟାଗ୍ ହେଉଛି 'ମୌଆବାଦ ୧୦୦୧ ନାଇଟ୍‌ସ ଡାଇମଣ୍ଡ ପର୍ସ'। ହୃଦୟ ଆକାରର ଏହି ବ୍ୟାଗ୍‌ର ମୂଲ୍ୟ ୩.୮ ମିଲିଅନ୍ ଡଲାର୍ ବା ପାଖାପାଖି ୩୧ କୋଟି ଟଙ୍କା। ଏଥିରେ ସମୁଦାୟ ୫,୪୧୭ଟି ହୀରା ଖଚିତ ହୋଇଛି। ୨୦୧୦ ମସିହାରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ ଏହାକୁ ପୃଥିବୀର ସବୁଠାରୁ ବ୍ୟୟବହୁଳ ହ୍ୟାଣ୍ଡ୍‌ବ୍ୟାଗ୍‌ର ସ୍ୱୀକୃତି ଦେଇଥିଲା। ସେବେଠାରୁ ଏହି ରେକର୍ଡକୁ ଅନ୍ୟ କୌଣସି ବ୍ୟାଗ୍ ଭାଙ୍ଗିପାରିନାହିଁ। ହର୍ମସ୍‌ର 'କେଲି ରୋଜ୍ ଗୋଲ୍‌ଡ ହ୍ୟାଣ୍ଡ୍‌ବ୍ୟାଗ୍' ହେଉଛି ପୃଥିବୀର ଦ୍ୱିତୀୟ ବ୍ୟୟବହୁଳ ହ୍ୟାଣ୍ଡ୍‌ବ୍ୟାଗ୍। ପ୍ରାୟ ୧୬ କୋଟି ଟଙ୍କାର ଏହି ବ୍ୟାଗ୍‌କୁ 'ରୋଜ୍ ଗଲ୍‌ଡ' ସୁନାରେ ପ୍ରସ୍ତୁତ କରାଯାଇଛି ଏବଂ ୧,୧୬୦ଟି ହୀରା ଖଞ୍ଜି ସଜାଯାଇଛି। ତୃତୀୟ ବ୍ୟୟବହୁଳ ହ୍ୟାଣ୍ଡ୍‌ବ୍ୟାଗ୍‌ଟିକୁ ମଧ୍ୟ ହର୍ମସ୍ କମ୍ପାନି ନିର୍ମାଣ କରିଛି। ଏହାର ନାମ 'ବିର୍କିନ୍ ବ୍ୟାଗ୍ ବାୟ ଗିଞ୍ଜା ତାନାକା'। ଏହାର ଦାମ୍ ପ୍ରାୟ ୧୧ କୋଟି ଟଙ୍କା। ପ୍ଲାଟିନମ୍ ଧାତୁରେ ଏହାର ଗଢ଼ଣ ହୋଇଥିବା ବେଳେ ୨,୦୦୦ଟି ହୀରା ଦ୍ୱାରା ଏହାକୁ ଅଳଂକୃତ କରାଯାଇଛି। ସମାନ ମୂଲ୍ୟର ଆଉ ଏକ ହ୍ୟାଣ୍ଡ୍‌ବ୍ୟାଗ୍ ହେଉଛି ହର୍ମସ୍ ଚେନ୍ ଡି'ଆନ୍‌କ୍ରେ ବ୍ୟାଗ୍। ବ୍ୟାଗ୍‌ଟି ଚେନ୍ ଗୁନ୍ଥି ପ୍ରସ୍ତୁତ ହୋଇଥିବାର ଭ୍ରମ ସୃଷ୍ଟି କରିଥାଏ। ଏଥିରେ ୧,୧୬୦ଟି ହୀରା ଖଞ୍ଜାଯାଇଛି। ପଞ୍ଚମ ସ୍ଥାନରେ ରହିଛି ଲାନା ମାର୍କସ୍ କମ୍ପାନିର 'କ୍ଲିଓପାଟ୍ରା କ୍ଲଚ୍'। ଏହାର ଦାମ୍ ପ୍ରାୟ ୩.୩ କୋଟି ଟଙ୍କା। ଏହାକୁ ଆମେରିକୀୟ କୁମ୍ଭୀର ଚମଡ଼ାରୁ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ୧,୬୦୦ଟି ହୀରା ଲାଗିଛି।



## ପିଅନ୍ତୁ ଥଣ୍ଡା ଥଣ୍ଡା ଶିକଞ୍ଜି





ଦୁଇ ଚାମଚ ଭଜାଜିରା, ଗୋଟେ ଚାମଚ ଗୋଲମରିଚ, ଗୋଟେ ଚାମଚ ମିଠା ପାନମହୁରୀ, ଦୁଇ ତିନିଟି ଗୁଜୁରାତି, ଗୋଟେ ଚାମଚ ସୈନ୍ଧବ ଲବଣ, କିଛି ଶୁଖିଲା/କଞ୍ଚା ପୋଦିନା ପତ୍ର, ଗୋଟେ କପ୍ ମିଶ୍ରି/ ଚିନି (ଆପଣଙ୍କ ପସନ୍ଦ ଅନୁଯାୟୀ ମିଠା କମ୍ ବେଶି କରିପାରିବେ) ନେଇ ଗ୍ରାଇଣ୍ଡର୍‌ରେ ଭଲକରି ଗୁଣ୍ଡ କରିଦିଅନ୍ତୁ। ଗୋଟିଏ କାଚ ଡବାରେ ଏହାକୁ ରଖନ୍ତୁ। ଖରାରେ ବାହାରୁ ଫେରିଲେ ଗୋଟେ ଗ୍ଲାସ୍‌ରେ କିଛି ଟୁକୁରା ବରଫ ଖଣ୍ଡ ଉପରେ ଗୋଟେ ଚାମଚ ଲେମ୍ବୁରସ ଦେଇ ଗୋଟେ/ଦେଢ଼ ଚାମଚ ଶିକଞ୍ଜି ମସଲା ମିଶେଇ ଥଣ୍ଡା ପାଣିରେ ଗ୍ଲାସ୍ ଭରନ୍ତୁ, ପିଅନ୍ତୁ ଥଣ୍ଡା ଥଣ୍ଡା ଶିକଞ୍ଜି।

## ରୋତ କଲେଜରେ ଓଡ଼ିଆ ପକ୍ଷ ପାଳନ



**ବଲାଙ୍ଗିର,୯।୪(ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତ, ଜିଲ୍ଲା-ବଲାଙ୍ଗିରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି 'ଆସ ବହିଟିଏ କିଣିବା' ଓ 'ଲେଖକ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମନରେ ପୁସ୍ତକ କ୍ରୟ ଓ ପଠନ କରିବାର ଆଗ୍ରହ ବୃଦ୍ଧି ନିମିତ୍ତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ତରଫରୁ ଏକ ଛୋଟ ବହି ଦୋକାନ ଖୋଲାଯାଇ ଥିଲା। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ବରପୁତ୍ରମାନଙ୍କର ଜୀବନୀ, ପର୍ଯ୍ୟଟନ ସ୍ଥଳି, ପର୍ବପର୍ବାଣୀ, ଆଧ୍ୟାତ୍ମିକତା ଆଦି ସଂପର୍କିତ ବିଭିନ୍ନ ପୁସ୍ତକ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କମାନେ ନିଜ ମନ ପସନ୍ଦର ପୁସ୍ତକ କ୍ରୟ କରିବା ସହ ଗ୍ରାମାଞ୍ଚଳରେ ପୁସ୍ତକମେଳାର ମଜା ନେଇଥିଲେ। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ଉଦ୍ଘାଟନ କରିଥିବାବେଳେ ଓଡ଼ିଆ ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶ ଓ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେରଙ୍କ ତତ୍ତ୍ୱାବଧାନରେ ଛାତ୍ର ମୋହନ, ରୋଶନ, ପ୍ରତ୍ୟୁଷ, ଚିନ୍ମୟ ପ୍ରଭୃତି ପରିଚାଳନା କରିଥିଲେ। ଏହାପରେ ସାରସ୍ୱତ ସାଧନା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ସାରସ୍ୱତ କଳାର ବିକାଶ ପାଇଁ ଅଧ୍ୟକ୍ଷଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧଲିଖନ ପ୍ରତିଯୋଗିତାରେ ବିରେନ୍ଦ୍ର ପ୍ରତାପ ତ୍ରିପାଠୀ, ସୁକେଶ ପଟେଲ, ଦୀପା ପଟେଲ, ଗଳ୍ପଲିଖନରେ ବିରେନ୍ଦ୍ର ପ୍ରତାପ ତ୍ରିପାଠୀ, ମନୋଜ ଭୋଇ, ଦୀପା ପଟେଲ ଓ କବିତାଲିଖନରେ ସାଗରିକା ପୋଢ଼, ବିରେନ୍ଦ୍ର ପ୍ରତାପ ତ୍ରିପାଠୀ, ସୁକେଶ ପଟେଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ଯୁବ ଲେଖକ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଆସନ୍ତା ୧୨ ତାରିଖ ଶନିବାର ଦିନ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ହେଉଛି। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳର ବହୁ ସଂଖ୍ୟକ ରକ୍ତଦାତା ଯୋଗଦାନ କରି ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ନିବେଦନ କରିଛନ୍ତି।

### କୁନ୍ତଳାକୁ ରାସନ କାର୍ଡ ଓ ପକ୍କାଘର ଅପହଞ୍ଚ ଘଟଣା

## ସଂଚାର ପ୍ରଭାବ: କୁନ୍ତଳାଙ୍କୁ ବିଡିଓଙ୍କ ସହାୟତା ପ୍ରତିଶ୍ରୁତି

**ଖପ୍ରାଖୋଲ,୯।୪(ସଂଚାର ବ୍ୟୁରୋ):** ଉପାନ୍ତ ଖପ୍ରାଖୋଲ ଅଞ୍ଚଳରେ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା କୁ ନେଇ ଚର୍ଚିତ ଥିବା ବେଳେ ଗତ କିଛି ଦିନ ହେଲା ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁର କୁନ୍ତଳା ବରିହା ଙ୍କ ଅସହାୟତା ଓ ଦୟନୀୟ ସ୍ଥିତ ବିଭିନ୍ନ ଗଣମାଧ୍ୟମ ରେ ପ୍ରସାରିତ ହୋଇଥିଲା। ଏବିଷୟରେ ବୁଦ୍ଧିଯିବି ମହଲ ରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଏବଂ ସେଇ ବିଷୟକୁ ନେଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ପଚରା ଯିବାରୁ କୁନ୍ତଳା ବରିହାଙ୍କ ହାତ ସମସ୍ୟା ଥିବା ରୁ ଫିଙ୍ଗର ପ୍ରିଣ୍ଟ ଆଶିବାରେ ଅସୁବିଧା ହେଉଥିବା ରୁ ଆଧାର କାର୍ଡ ହେଇ ପାରୁନଥିବା ଯେ ହେତୁ ଆଧାର ହିଁ ସମସ୍ତ ସରକାରୀ ସହାୟତା ପାଇଁ ପ୍ରାଥମିକତା ଥିବାରୁ ସରକାରୀ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇ ପାରୁନଥିବା କହି ଥିଲେ। ଆଧାର ର ବିକଳ୍ପ ବିଷୟରେ ଗଣମାଧ୍ୟମ ପ୍ରତିନିଧି ମାନେ ପ୍ରଶ୍ନ କରିବାରୁ ସେ ଏବିଷୟରେ ଉପରକୁ ଜଣାଇଥିବା ଓ ପାରୁ ପର୍ଯ୍ୟନ୍ତ ଆଧାର ଯୋଗାଇ ବାକୁ ଚେଷ୍ଟା କରାଯିବା ସହିତ କୁନ୍ତଳାଙ୍କ ଘରକୁ ଯାଇ ସେଠି କାର ପରିସ୍ଥିତି ବିଷୟରେ ଜାଣିବା ପରେ କୁନ୍ତଳା ଙ୍କୁ କୌଣସି ନିରାଶ୍ରୟ କେନ୍ଦ୍ର ଥଇଥାନ କରାଯିବା ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଯାଇ ପାରିବ ବୋଲି ପ୍ରତିକ୍ରିୟା ଦେଇଥିଲେ।

## ମନ୍ତ୍ରୀ ବିଭୁତି ଭୂଷଣଙ୍କ ସରକାରୀ ବାସଭବନ ପ୍ରତିଷ୍ଠା

● ଅଲ୍ ଓଡିଶା ମିନିଟ୍ରକ ମାଲିକ ସଂଘ ପକ୍ଷରୁ ଅଭିନନ୍ଦନ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କର ଆଜି ନୂତନ ସରକାରୀ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ଅଲ ଓଡିଶା ମିନିଟ୍ରକ




ମାଲିକ ମହାସଂଘର କର୍ମକର୍ତା ମାନଙ୍କୁ ସାମିଲ ହେବାପାଇଁ ମାନନୀୟ ମନ୍ତ୍ରୀ ମହୋଦୟଙ୍କ ତରଫରୁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣକୁ ସମ୍ମାନ ଜଣାଇ ମହାସଂଘର ସଭାପତି ବଳରାମ ମହାପାତ୍ର, ସମ୍ପାଦକ ରଂଜିତ କୁମାର ମିଶ୍ର, ସହ ସମ୍ପାଦକ ଶାନ୍ତନୁ କୁମାର ଚୌଧୁରୀ, ଯୁଗ୍ମ ସମ୍ପାଦକ -ରାଜୀବ ପରିଡା, ଉପସଭାପତି ଉମେଶ ଚନ୍ଦ୍ର ସାହୁ, କେଶବ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ବିରଞ୍ଚି କୁମାର ସାହୁ କୋଷାଦକ୍ଷ ରାକେଶ କୁମାର ସିନ୍ହା, ଏକଜିକ୍ୟୁଟିଭ ସଦସ୍ୟ ଅମରଜିତ ସ୍ୱାଇଁଙ୍କ, ଅରୁଣ ଦାସ, ଭାସ୍କର ମହାରଣା, ମୁନୁ ନାଏକ, ଦିଲୀପ ମହାପାତ୍ର, ନିଶିକାନ୍ତ ସାମଲ, ଚନ୍ଦନ ପାତ୍ର ଓ ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ମନ୍ତ୍ରୀ ମହୋଦୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମହାସଂଘର ସଦସ୍ୟମାନେ ଗାଡି ମାଲିକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସବୁ ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

### ରନ୍ଧନ ଗ୍ୟାସ୍ ଦର ବୃଦ୍ଧି, ପେଟ୍ରୋଲ ଓ ଡିଜେଲର ଉପରୁ ଭାଟ୍ ପ୍ରତ୍ୟାହାର ଦାବି

# ସିପିଆଇ ପକ୍ଷରୁ ବିକ୍ଷୋଭ ଓ ରାସ୍ତାରୋକୋ

**ଭୁବନେଶ୍ୱର,୯।୪(ସଂଚାର ବ୍ୟୁରୋ):** ନିକଟରେ ଭାରତ ସରକାର ରନ୍ଧନ ଗ୍ୟାସ୍ ସିଲିଣ୍ଡର ପ୍ରତି ୫୦ ଟଙ୍କା ବୃଦ୍ଧି ସହ ଗତ ଦୁଇ ସପ୍ତାହ ମଧ୍ୟରେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି କରିଥିବାରୁ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ଭାବରେ ଏହାର ଦୃଢ଼ ପ୍ରତିବାଦ କରାଯାଇଛି। ନିର୍ବାଚନ ପୂର୍ବରୁ ବିଜେପି ପକ୍ଷରୁ ରନ୍ଧନ ଗ୍ୟାସ୍ ଦର କମାଇବା ଓ ପେଟ୍ରୋଲ ଏବଂ ଡିଜେଲ ଦର ଉପରୁ ଭାଟ ପ୍ରତ୍ୟାହାର ପ୍ରତିଶ୍ରୁତି ଦେଇଥିବାବେଳେ ନିର୍ବାଚନ ପରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପିର ଡବଲ ଇଞ୍ଜିନ ସରକାର ଏହି ପ୍ରତିଶ୍ରୁତି ପାଳନ ନ କରି ବରଂ ଏହାର ଦରବୃଦ୍ଧି ଘଟାଇ ଜନସାଧାରଣଙ୍କୁ ପ୍ରତାରିତ କରିଛି। ତେଣୁ ଦରବୃଦ୍ଧିର ଆକ୍ରମଣରୁ ରକ୍ଷା କରିବା ଦାବିରେ ଆଜି ସିପିଆଇ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଓ ଭୁବନେଶ୍ୱର ଅଞ୍ଚଳ କମିଟି ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ରାଜମହଲ ଛକଠାରେ ବିକ୍ଷୋଭ ଓ ରାସ୍ତାରୋକୋ ଅନୁଷ୍ଠିତ ହୋଇଯାଇଛି। ଆଜି ଅଶୋକନଗରସ୍ଥିତ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଯାଇ ରାଜମହଲ ଛକଠାରେ ପହଞ୍ଚିଥିଲା। ସେଠାରେ ଶ୍ରୀ ଦାସ ଓ ଶ୍ରୀ ଜେନା ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମହିଳାମାନଙ୍କ ଉପରେ ଆକ୍ରମଣ ସହ ହାଣ୍ଡିଶାଳରେ ମଧ୍ୟ ମହଙ୍ଗା ମାଡ଼ କରିଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକେଏମ୍‌ୟୁ ରାଜ୍ୟ ନେତା ଶଙ୍କର୍ଷଣ ବାରିକ, ଡାକ ହେମ୍ବ୍ରମ୍, ଛେତମ୍ବର ଭୋଇ, ସର୍ବେଶ୍ୱର ମାର୍ଥା, ବିଶ୍ୱନାଥ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପୂର୍ତ୍ତି, ନୀତିଶ ହେମ୍ବ୍ରମ୍, ନାରୀନେତ୍ରୀ ରଶ୍ମିଲତା ଲାଗୁରି, ପ୍ରିତି ମୁଣ୍ଡା, ଜିରା ନାଏକ, ଅନାମ ପାଲିହା, ମନୋଜ ବାରିକ, କାର୍ତ୍ତିକ ଭୁଜବଳ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




## ଓଡ଼ିଆ ପକ୍ଷ ପାଳନ ଅବସରରେ ଅଭିଯାନ 'ଆସ ବହିଟିଏ କିଣିବା'

● ନିୟମିତ ବହି ପଠନ ଭାଷା ସାହିତ୍ୟ ଓ ସଂସ୍କୃତିକୁ ପରିପୁଷ୍ଟ କରିଥାଏ



**ସୁବର୍ଣ୍ଣପୁର,୯।୪(ସଂଚାର ବ୍ୟୁରୋ):** ସଂସ୍କୃତି ପରମ୍ପରା ର ମହାନ ପର୍ବ ଓଡିଆ ପକ୍ଷ ପାଳନ ଅବସରରେ ଆଜି ଅପ୍ରେଲ ୯ ତାରିଖ ବୁଧବାର ଦିନ ଓଡ଼ିଆ ସାହିତ୍ୟ ପୁସ୍ତକ ତଥା ଲେଖକ ଲେଖିକାଙ୍କୁ ଉତ୍ସାହିତ ସହ ପ୍ରୋତ୍ସାହିତ କରିବା ପାଇଁ ଆସ ବହି ଟିଏ କିଣିବା ଅଭିଯାନକୁ ପାଳନ କରଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୁଲ୍ୟରେ ସୋନପୁର ସୁପ୍ରିୟା ଟ୍ରେଡିଂ ହାଉସ ଓ ଲକି ବୁକ୍ ଏମ୍ପୋରିୟମ୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବହି କିଣିବାର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ନିଜ ନିଜର ସାଧ୍ୟ ମୁତାବକ ବହି କିଣି ଓଡ଼ିଆ ସାହିତ୍ୟ ପୁସ୍ତକ ପଠନର ଅଭ୍ୟାସ ଜାରି ରଖି ଓଡ଼ିଆ ସାହିତ୍ୟ ସଂସ୍କୃତିକୁ ପାରିପୃଷ୍ଟ କରିବା ପାଇଁ ଉପସ୍ଥିତ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଯୋଗ ଦେଇ ଓଡ଼ିଆ ବହି କିଣିବା ସହ ପୁସ୍ତକ ପଠନ ଅଭ୍ୟାସକୁ ଜାରି ରଖିବାକୁ ସ୍କୁଲ୍ କଲେଜ୍ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା ମହା ବିଦ୍ୟାଳୟ, ସୋନପୁର କଲେଜ, ପଦ୍ମିନୀ ଦେବୀ କଲେଜ୍ ଓ କୋଶଳ ଆବାସିକ ବିଦ୍ୟାଳୟ ଓ ପାଖ ଆଖ ଗ୍ରାମାଞ୍ଚଳର ବିଭିନ୍ନ ସ୍କୁଲ୍ କଲେଜର ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ନିଜ ରୁଚି ତଥା ସାଧ୍ୟମତେ ସମସ୍ତେ ଗୋଟେ ଗୋଟେ ଓଡ଼ିଆ ପୁସ୍ତକ କିଣି ନିଜର ଆଗ୍ରହ ବଢ଼ାଇବା ସହ ପୁସ୍ତକାଳୟ ଗୁଡ଼ିକରେ ଉପସ୍ଥିତ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ସଂଯୋଜନାରେ ଅଧ୍ୟାପକ ମଦନ ସୁନ୍ଦର ଖେଡ଼ି, ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ଲକି ବୁକ୍ ଏମ୍ପୋରିୟମ୍ ପ୍ରୋପାଇଟର ବିଶ୍ୱନାଥ ମିଶ୍ର, ସଂସ୍କୃତି ବିଭାଗର କର୍ମଚାରୀ କାହ୍ନୁ ଚରଣ ମେହର ଓ ଦିବସ ଦେହୁରୀ ସହଯୋଗ କରିଥିଲେ।

## ବନଦୁର୍ଗା ମହୋତ୍ସବ ବିସ୍ଥାପିତଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାନଯାଉ

**ବଲାଙ୍ଗିର,୯।୪(ସଂଚାର ବ୍ୟୁରୋ):** ଲୋୟର ସୁକତେଲ ଡେମ୍ ମାଗୁରବେଡା ନିକଟ ପଡ଼ିଆରେ ବନଦୁର୍ଗା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଯୁବ ନେତା ଆକାଶ ମିଶ୍ର, ସମ୍ମାନିତ ଅତିଥି ଜତିନ୍ଦ୍ର ପଟେଲ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଶ୍ରୀ ମିଶ୍ର ବନଦୁର୍ଗା ମହୋତ୍ସବ ଏ ଅଞ୍ଚଳ ର କଳା ସଂସ୍କୃତି ତଥା ସମୃଦ୍ଧ ଇତିହାସ ର ମୁକସାକ୍ଷୀ ମାଁ ବନଦୁର୍ଗା ଙ୍କ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଥିବାରୁ ଆୟୋଜକ ଙ୍କୁ ସାଧୁବାଦ ଜଣାଇଥିଲେ ଏବଂ ବିସ୍ଥାପିତ ପରିବାରଙ୍କ ସ୍ୱର କୁ ଏ ମଂଚରେ ପ୍ରାଧନ୍ୟ ଦେଇ ଆଲୋଚନା ପର୍ଯ୍ୟାଲୋଚନା କରିବାର ସୁଯୋଗ ଦେଇଥିବାରୁ ବିସ୍ଥାପିତ ପରିବାର କିଭଳି ଭାବେ ମୌଳିକ ସମସ୍ୟାରୁ ବଂଚିତ ହେଉଛନ୍ତି ବର୍ଣ୍ଣନା କରିଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ ର ସାମ୍ବିଧାନିକ ମୌଳିକ ଅଧିକାର କୁ ଗୁରୁତ୍ୱ ଦେବା କଥା



କିନ୍ତୁ ବିଡମ୍ବନାର ବିଷୟ ଆଜିର ଦିନରେ ଡୁଙ୍ଗୁରିପାଲି, ବିଜାପାଟି, ଅନ୍ତପାଲି, ଖୁଣ୍ଟପାଲି ଓ କୁଶମେଲ କଲୋନିରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି ର ଘୋର ଅଭାବ ଅଛି। ଶ୍ରୀ ପଟେଲ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଲୋଇସିଂହା ବ୍ଲକ ଅଞ୍ଚଳରେ ବୁଡି ଅଞ୍ଚଳରୁ ଆସି ବସବାସ କରୁଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ସାମାଜିକ ସୁରକ୍ଷା ତଥା ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଶ୍ରୀ ପଣ୍ଡା ପ୍ରକଳ୍ପ ନିର୍ମାଣର ଆରମ୍ଭ ରୁ ଆଜି ପର୍ଯ୍ୟନ୍ତ ଲମ୍ବା ଯାତ୍ରାର ପ୍ରତିଟି ଦିଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ମାନଅଧିକାର ଉଲଙ୍ଘନ ର ଅନେକ ଜ୍ୱଳନ୍ତ ଉଦାହରଣ ଦେଇଥିଲେ। ସମୟ ଆସିଛି ସମସ୍ତଙ୍କ ଏକତା ଦ୍ୱାରା ସମାଧାନର ବାଟ ଫିଟାଇବ ଏ ବନଦୁର୍ଗା ମହୋତ୍ସବ। ସଭାପତି ସଞ୍ଜୟ କୁମାର ଗଡ଼ତ୍ୟା, ସରପଂଚ ହିମାଞ୍ଚଳ ମେହେର, କସ୍ତୁଭ ସାହୁ, ସମିତି ସଭ୍ୟ ଦେବାଶିଷ ଦାଶ, ବିରେନ୍ଦ୍ର ସାହୁ ଓ ମହାଦେବ ବିଶ୍ୱାଲ ପ୍ରମୁଖ ମଂଚାସିନ ଥିଲେ।

## ଝଗଡ଼ା ସମାଧାନ କରିବାକୁ ଯାଇ ମାଡ଼ ଖାଇଲେ କନେଷ୍ଟବଳ

**ବଣାଇ,୯।୪(ସଂଚାର ବ୍ୟୁରୋ):** କନେଷ୍ଟବଳଙ୍କୁ ଆକ୍ରମଣ। ସମାଧାନ କରିବାକୁ ଯାଇ ନିଜେ ଆକ୍ରମଣର ଶୀକାର ହେଲେ। ସୁନ୍ଦରଗଡ କୋଇଡା ବ୍ଲକ୍ ଟେନସା ଫାଣ୍ଡି ଅନ୍ତର୍ଗତ ଟେନସା ସି ବ୍ଲକରେ ଏପରି ଘଟଣା ଘଟିଛି। ଦୁଇ ପରିବାର ମଧ୍ୟରେ ଝଗଡ଼ା ହେଉଥିବା ଖବର ପାଇ ଟେନସା ଫାଣ୍ଡିର ଦୁଇ ଜଣ କନେଷ୍ଟବଳ ସମାଧାନ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେଠାରେ ଦୁଇ ପରିବାର ମିଶି ଆକ୍ରମଣ କରିଥିଲେ। ଫାଣ୍ଡି ଅଧିକାରୀ ଦୁଇ ଜଣ କନେଷ୍ଟବଳଙ୍କୁ ଆହତ ଅବସ୍ଥାରେ ଟେନସା ହସପିଟାଲରେ ଭର୍ତ୍ତି କରିଥିଲେ। ପରେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଦୁଇ ପରିବାର ଲୋକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

## 'ଆସା' ପକ୍ଷରୁ ପ୍ରୟାସ କାର୍ଯ୍ୟକ୍ରମର ଉଦ୍‌ଘାଟନ

**ସୁନ୍ଦରଗଡ଼,୯।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆସା' ପ୍ରଚେଷ୍ଟାରେ ନିଉଟନ ମହାବିଦ୍ୟାଳୟ ସୁନ୍ଦରଗଡ଼ ଠାରେ 'ପ୍ରୟାସ' କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଗ୍ରୀଷ୍ମ ପ୍ରବାହକୁ କିପରି ପରାସ୍ତ




କରି ହେବ। ଏହି ସମୟରେ ଖାଲି ମଣିଷ ସମାଜ ନୁହଁ ସମସ୍ତ ଜୀବ ଜାତି ପ୍ରଭାବିତ ହେଉଛନ୍ତି। ଟୋପାଏ ଜଳ ପାଇଁ ସଂଘର୍ଷ କରୁଛନ୍ତି ସେଥି ପାଇଁ ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲା ଯାଉଛି, କିନ୍ତୁ ପଶୁ ପକ୍ଷୀଙ୍କ ପାଇଁ କିଛି କାର୍ଯ୍ୟକ୍ରମ ହେଉ ନାହିଁ। ଏଣୁ ଆସା ଅନୁଷ୍ଠାନ ସୁନ୍ଦରଗଡ଼ ନିଜସ୍ୱ ପ୍ରଚେଷ୍ଟାରେ ଗ୍ରୀଷ୍ମ ଦିନରେ ପକ୍ଷୀଙ୍କ ଲାଗି ଖାଦ୍ୟ ଏବଂ ପାନୀୟ ଜଳର ବ୍ୟବସ୍ଥା ଲାଗି ଅଣ୍ଟା ଭିଡ଼ିଥିବା ବେଳେ ନିଉଟନ କଲେଜର ଅଧ୍ୟକ୍ଷ ରଶ୍ମିରଂଜନ ପଟ୍ଟନାୟକ ଏହି ମହତ୍ କାର୍ଯ୍ୟକ୍ରମରେ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ କଲେଜ ର ସମସ୍ତଙ୍କୁ ପ୍ରବର୍ତ୍ତାଇ ଥିଲେ। ପ୍ରିନ୍ସିପାଲ ତ୍ରିପୁରାରୀ ନାଏକ ଋତୁ ଚକ୍ରର ପରିବର୍ତ୍ତନ ଓ ମଣିଷ ସମାଜ ର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପରିଚାଳକ ଚନ୍ଦ୍ରଶେଖର ଓଝା ଜଳଦାନ ଦ୍ୱାରା ଗୋଟେ ପ୍ରଜାତିକୁ କିପରି ସୁରକ୍ଷା ପ୍ରଦାନ କରି ପାରିବା ବୋଲି ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡାକ୍ତର ମନୋଜ କୁମାର ଜେନା ଯୋଗ ଦେଇ ଜଳ ବାୟୁ ପରିବର୍ତ୍ତନରେ ଆମ ସମସ୍ତଙ୍କ ଭୂମିକା ନିହାତି ଜରୁରୀ ବୋଲି କହିଥିଲେ। ଉଦ୍ଭିଦ ଜଗତ ଓ ପକ୍ଷୀଙ୍କ ମଧ୍ୟରେ ଥିବା ଆନ୍ତରିକତା ବିଷୟରେ କହିବା ସହିତ ଆଜି ଯଦି ଆମେ ସଜାଗ ନ ରହିଲେ ଆଗାମୀ ଦିନରେ କିଛି ଜୀବ ବିଲୁପ୍ତ ଶ୍ରେଣୀରେ ଦେଖିବାକୁ ପାଇବାରେ ବେଶ୍ ଦୂରତା ନ ଥିବା ବୋଲି ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସମାଜସେବୀ ସୁମନ୍ତ କୁମାର ସାହୁଙ୍କ ବକ୍ତବ୍ୟରେ ଆପଣଙ୍କ ଛୋଟ ପ୍ରୟାସ କେତେବେଳେ କାହା ଜୀବନ ବଞ୍ଚି ବାର ରାହା ପାଲଟି ଯିବ କହିହେବ ନାହିଁ। ଏଣୁ ଏହି ପ୍ରୟାସର ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିବା ସହିତ ସମସ୍ତେ ନିଜ ଘର ଅଗଣାରେ ଗୋଟିଏ ଲେଖାଏଁ ଜଳ ପାତ୍ର ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆସା ଅନୁଷ୍ଠାନର ସମ୍ପାଦକ ରିବେଶ ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସ୍ୱାଇଁ, ସଭାପତି କିଶୋର କୁମାର ସାହୁ, ସହ ସମ୍ପାଦକ ଧନେଶ ରଂଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ନିଉଟନ ଅନୁଷ୍ଠାନର କୋଷାଧକ୍ଷ ସରୋଜ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ପକ୍ଷରେ, 'ଆସ ବହିଟିଏ କିଣିବା'

**ନବରଙ୍ଗପୁର,୯।୪(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ନବରଙ୍ଗପୁର ମହାବିଦ୍ୟାଳୟ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ନବମ ଦିବସରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ତଥା ଅଧ୍ୟାପିକା ସଂଗୀତା ତ୍ରିପାଠୀ, ଓଡ଼ିଆ ବିଭାଗ ମୁଖ୍ୟ ନନ୍ଦିତା ମିଶ୍ର, ଅର୍ଥନୀତି ବିଭାଗ ମୁଖ୍ୟ ଦିଲ୍ଲୀପ ହୋତା, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି କୁ ବଞ୍ଚାଇବାକୁ ହେଲେ ନିହାତି ଭାବେ ବହି ଟିଏ କିଣିବା ଓ ପଢ଼ିବା ଉପରେ କହିଥିଲେ। ଆଜିଠାରୁ ପୁସ୍ତକ ପଠନ ଏକ ଦୈନନ୍ଦିନ ଅଭ୍ୟାସ ରୂପେ ଗ୍ରହଣ କଲେ ଆମେ ନିଶ୍ଚିତ ଭାବେ ଆହୁରି କାଳଜୟୀ ଉପନ୍ୟାସ, ଗଳ୍ପ, କବିତା ପଢ଼ିବା ଓ ସ୍ରଷ୍ଟା ଙ୍କୁ ଉତ୍ସାହିତ କରିପାରିବା ବୋଲି ମତ ପ୍ରକାଶ ପାଇଥିଲା। ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନେ ଓଡ଼ିଆ ଜାତିର ମହାନ୍ ଲେଖକ ଙ୍କର ରଚିତ ପୁସ୍ତକ, ମହାପୁରୁଷ ଙ୍କ ଜୀବନୀ ପୁସ୍ତକ ଗୁଡ଼ିକ ପ୍ରଦାନ କରିଥିଲେ। ସେଭଳି ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ରେ ଅନୁଷ୍ଠିତ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଭାଗ ନେଇ ଓଡ଼ିଶା ର ପୁସ୍ତକ, ଭାଷା, ସଂସ୍କୃତିକୁ ସମୃଦ୍ଧ କରିବାର ଲକ୍ଷ୍ୟ ନେଇ ଓଡ଼ିଆ ପୁସ୍ତକ କିଣିବା ଏବଂ ପଢ଼ିବା ପାଇଁ ସଂକଳ୍ପ କରିଥିଲେ।



## ମା' ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ କଲେ ଦକ୍ଷିଣାଞ୍ଚଳ ଆରଡିସି



**ବ୍ରହ୍ମପୁର,୯।୪(ସଂଚାର ବ୍ୟୁରୋ):** ସପ୍ତମ ଦିନରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା। ବୁଧବାର ମଧ୍ୟାହ୍ନରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୂପା ରୋସନ ସାହୁ ପରିବାର ସହ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ କରିଛନ୍ତି। ଅସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ସହ ଆଳତି କରିଛନ୍ତି। ରାଜସ୍ୱ କମିଶନର ରୂପା ରୋସନ ସାହୁ ଦେଶୀ ବେହେରାଙ୍କ ଘରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ଏହା ସହ ଧର୍ମ ଝଣ୍ଡାରେ ହଳଦୀ ପାଣି ଅର୍ପଣ କରିଛନ୍ତି। ଦର୍ଶନ ପରେ ସେ କହିଛନ୍ତି ଯେ, ମା'ଙ୍କ ପାଖକୁ ଆସିଥିଲୁ। ମାଆ ସମସ୍ତଙ୍କର ମଙ୍ଗଳ କରନ୍ତୁ। ମନସ୍କାମନା ପୂରଣ କରନ୍ତୁ। ସମସ୍ତେ ସୁଖଶାନ୍ତିରେ ରୁହନ୍ତୁ। ଏହାହିଁ ମାଆଙ୍କ ନିକଟରେ କାମନା କରିଛି। ସୂଚନା ଥାଉକି, ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରାର ଆଜି ସପ୍ତମ ଦିବସ। ପାରମ୍ପରିକ ଯାତ୍ରା ଭାବେ ଏହା ବେଶ ପ୍ରସିଦ୍ଧ। ଆଜି ମା' ସାଆନ୍ତାଣି ଜଉରା ସାହିସ୍ଥିତ ମାଉସୀ ମାଆ ଘରକୁ ବୁଲି ଯିବେ। ଏହା ସହ ବିଭିନ୍ନ ସାହି ପରିଭ୍ରମଣ କରି ବିଭିନ୍ନ ରଥକୁ ନିମନ୍ତ୍ରଣ କରିବା କାର୍ଯ୍ୟକ୍ରମ ରହିଛି। ଆଜି ରାତିରେ ମାଆ ଅସ୍ଥାୟୀ ପୀଠରୁ ବାହାରି ମହୁରୀ ରାଜବାଟି, ଖାସ୍ପା ସାହି, ବଡବଜାର, ଜଉରା ସାହି ମାଉସୀମାଆ ଘରକୁ ବୁଲି ଯିବେ। ପରେ ଖାସ୍ପା ସାହିର ହରି, ଅର୍ଜ୍ଜୁନ ରଥ, ନରସିଂହ ମନ୍ଦିର ସାହିର ଶ୍ରୀରାମ ରଥ, ଚନ୍ଦ୍ର ଶେଖର ମନ୍ଦିର ସାହିର ବୀର ହନୁମାନ ରଥ, ଶଙ୍ଖାରି ସାହିର ଲକ୍ଷ୍ମଣ ରଥ, ଯେମଦେଇପେଣ୍ଠ ସାହିର ଜଗନ୍ନାଥ ରଥ ଏବଂ ପୁରୁଣା ବ୍ରହ୍ମପୁର ସାହିର ମହାବୀର କର୍ଣ୍ଣ ରଥକୁ ନିମନ୍ତ୍ରଣ କରି ଅସ୍ଥାୟୀ ମନ୍ଦିର ଫେରିବା କାର୍ଯ୍ୟକ୍ରମ ରହିଛି।

## କାରରେ ଆସିଲେ ଚୋର, ମାରଣାସ୍ତ୍ର ଦେଖାଇ ଲୁଟିନେଲେ ୨ ଲକ୍ଷ

**ତାଳଚେର,୯।୪(ସଂଚାର ବ୍ୟୁରୋ):** କାରରେ ଆସିଲେ ହାଇ ପ୍ରୋଫାଇଲ୍ ଚୋର ଆଉ ଲୁଟିନେଲେ ୨ ଲକ୍ଷ ଟଙ୍କା। ହଁ ଆଜ୍ଞା କଥାଟା ବିଶ୍ୱାସ ହେଉନଥିଲେ ବି ସତ। ସାଇକେଲ କି ବାଇକ ନୁହେଁ କାରରେ ଆସିଲେ ଚୋର ଆଉ ମାରଣାସ୍ତ୍ର ଦେଖାଇ ଲୁଟିନେଲେ ଲକ୍ଷ ଲକ୍ଷ ଟଙ୍କା। ନିଜ ଦାମୀ ସଉକ ପୂରଣ କରିବା ପାଇଁ ନିରୀହ ଲୋକଙ୍କୁ କରୁଛନ୍ତି ଟାର୍ଗେଟ। ଆଜିକାଲି ଦିନ ରାତି କିଛି ମାନୁନାହାନ୍ତି ଏ ଦୁର୍ବୃତ୍ତ। ବେଧଡ଼କ ଭାବେ କରୁଛନ୍ତି ଲୁଟ। ଲୁଟେରାମାନେ ଲୁଟିବା ପାଇଁ ବିଭିନ୍ନ ପ୍ରକାର ଉପାୟ ଆପଣାଉଛନ୍ତି। ଏମାନଙ୍କର ନା ଅଛି ଆଇନ୍ କୁ ଭୟ ନା ଅଛି ପୋଲିସର ଭୟ। ଘର, ଦୋକାନ ବଜାର, ମନ୍ଦିରରେ ଲୁଟ ଖବର ତ ଆପଣମାନେ ଶୁଣିଥିବେ। କିନ୍ତୁ ଏବେ ସିଧା ସଳଖ ମଣିଷଙ୍କୁ ଲୁଟେରାମାନେ ଟାର୍ଗେଟ କରୁଛନ୍ତି। କିଛି ଚୋର ରାତିର ଅନ୍ଧକାରରେ ଚୋରି କରିବା ପାଇଁ ଯୋଜନା କରୁଥିବାବେଳେ କିଛି ଲୁଟେରା ଏପରି ଅଛନ୍ତି ଯେଉଁମାନେ ଦିନ ଦ୍ୱିପ୍ରହରରେ ଚୋରି କରିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି। ତାଳଚେର ବହ୍ଲର ଛକ ସ୍ଥିତ ମା' ହିଙ୍ଗୁଳା ପେଟ୍ରୋଲ ପମ୍ପର କର୍ମଚାରୀଙ୍କ ହୋଇଛି ଏଭଳି ଲୁଟ। ଦିନ ଦ୍ୱିପ୍ରହରରେ ଖଣ୍ଡା ଓ ମାରଣାସ୍ତ୍ର ଦେଖାଇ ଦୁଇ ଲକ୍ଷ ଟଙ୍କା ଲୁଟିନେଲେ ୫ ଦୁର୍ବୃତ୍ତ। ପେଟ୍ରୋଲ ପମ୍ପର ଦୁଇ କର୍ମଚାରୀ ବାଇକ୍ ଯୋଗେ ବହ୍ଲର ଗାଁରୁ ବାହାରି କେନାଲ ରାସ୍ତାରେ ବ୍ୟାଙ୍କକୁ ଯାଉଥିବା ବେଳେ ପଛ ପଟୁ ଦ୍ରୁତ ଗତିରେ ଏକ କାର ଆସି ତାଙ୍କୁ ସାଇଡରୁ ଧକ୍କା ଦେଇଥିଲା। ପରେ ଉଭୟ କର୍ମଚାରୀ ଗାଡିରୁ ପଡ଼ିଯିବା ପରେ କାରରୁ ୪ ଜଣ ବାହାରି କର୍ମଚାରୀଙ୍କୁ ମାଡ ମାରିଥିଲେ ଏବଂ ମାରଣାସ୍ତ୍ର ଦେଖାଇ ବାଇକ ଡିକିରୁ ଟଙ୍କା ନେଇ ହାଟତୋଟା ଆଡ଼କୁ ଚମ୍ପଟ ମାରିଥିଲେ। ପରେ କର୍ମଚାରୀ ମାନେ ପେଟ୍ରୋଲ ପମ୍ପ ମାଲିକଙ୍କୁ ଘଟଣା ବିଷୟରେ ଜଣାଇବା ପରେ ମାଲିକ ପୋଲିସକୁ ଫୋନ୍ କରିଥିଲେ। ଅନ୍ୟପଟେ ତାଳଚେର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏଭଳି ଲୁଟର ଘଟଣା ପ୍ରାୟ ପ୍ରତ୍ୟେକ ଦିନ ଆସୁଛି। ଲୋକମାନେ ଯେତେ ସତର୍କ ହେଲେ ବି ଏ ଚୋରମାନେ କିଛି ନା କିଛି ଉପାୟ ଆପଣେଇ ଲୋକଙ୍କୁ ଟାର୍ଗେଟ କରି ଟଙ୍କା ଲୁଟୁଛନ୍ତି।

## ଚାଲିଛି ଚନ୍ଦନେଶ୍ୱରଙ୍କ ବିଶ୍ୱ ପ୍ରସିଦ୍ଧ ଚଡକ ଯାତ୍ରା

### ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ

**ଜଳେଶ୍ୱର,୯।୪(ସଂଚାର ବ୍ୟୁରୋ):** ବିଶ୍ୱ ପସିଦ୍ଧ ଚନ୍ଦନେଶ୍ୱର ଚଡକ ଯାତର ଆଜି ହେଉଛି ପଞ୍ଚମ ଅର୍ଘ୍ୟ। ପଞ୍ଚମ ଅର୍ଘ୍ୟରେ ରହିଛି ଯାତ୍ରାର ମହାନ ପର୍ବ କାମୀନା ବିବାହ। ବାବା ଚନ୍ଦନେଶ୍ୱର ମହାଦେବ କମିନା ନାମକ ରାକ୍ଷାସୁଣୀଙ୍କୁ ବିବାହ କରିଛନ୍ତି। ଚନ୍ଦନେଶ୍ୱର ଶୈବପୀଠରୁ ବିରାଟକାୟ ପଟୁଆରେ ବାହାରି ଭଟ୍ଟପୁର ସ୍ଥିତ ଦୁର୍ଗା ମନ୍ଦିରକୁ ଯାଇ



ନୀତିକାନ୍ତି ଅନୁସାରେ କାମିନା ନାମକ ରାକ୍ଷାଶୁଣିକୁ ବିବାହ କରି ମନ୍ଦିରକୁ ଫେରିଛନ୍ତି ଦେବ ଦେବ ମହାଦେବ। ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଶୈବପୀଠ। ଗତକାଲି ଷଷ୍ଠ ଅର୍ଘ୍ୟ ରରେ ୭୦ ହଜାର ଭକ୍ତଙ୍କ ସମାଗମ ହେଇଥିବା ବେଳେ ଆଜି ମହାଦେବଙ୍କ ବିବାହ ଏବଂ ପଞ୍ଚମ ଅର୍ଘ୍ୟ ଥିବାରୁ ଦୁଇଲକ୍ଷ ରୁ ଉର୍ଦ୍ଧ ଭକ୍ତଙ୍କ ସାମଗମ ହୋଇଛି। ଚନ୍ଦନେଶ୍ୱରଙ୍କ ପ୍ରସିଦ୍ଧ ଚଡକ ଯାତ୍ରାର ଦୁଇଟି ମୁଖ୍ୟ ଉତ୍ସବ ରହିଛି ନୀଳପର୍ବ ଏବଂ ପାଟ ପର୍ବ। ଏହି ଦୁଇଟି ପ୍ରମୁଖ ଉତ୍ସବ ରେ ୧୦ ଲକ୍ଷ ରୁ ଉର୍ଦ୍ଧ ଭକ୍ତ ଙ୍କ ସାମଗମ ହେବାର ଅନୁମାନ କରାଯାଇଛି। ସେଥିପାଇଁ ମନ୍ଦିର ଟ୍ରଷ୍ଟବୋଡ଼ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ବନ୍ଦବୋସ୍ତ କରାଯାଇଛି, ଶାନ୍ତିଶୃଙ୍ଖଳା ପାଇଁ ୨୬ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଥିବା ବେଳେ ବାଲେଶ୍ୱର ଜିଲ୍ଲାପାଳ ଏବଂ ଏସପି ଶୈବପୀଠ ରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରିଛନ୍ତି।